# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 28/2025 | Page 14 | ₹ 7.00 | RAYAGADA

୫୧ଶ ଭାଗ ୨୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 273 | ମୂଲ୍ୟ ₹୭/-


# କଟକ ରେଳ ପ୍ଲାଟଫର୍ମ ଛାତ ଭୁଶୁଡ଼ିଲା



ରେଳ ଟ୍ରାକ୍ ଉପରକୁ ଭୁଶୁଡ଼ି ପଡ଼ିଥିବା କଟକ ରେଳଷ୍ଟେଶନ ୧ ନମ୍ବର ପ୍ଲାଟଫର୍ମ ଛାତ। (ଫଟୋ: ରାଜକିଶୋର ମହାନ୍ତି)

**କଟକ ରେଳଷ୍ଟେଶନର ବୁଧବାର ନବୀକରଣ କାର୍ଯ୍ୟ ପାଇଁ ପୁରୁଣା ନିର୍ମାଣର ଭଙ୍ଗା କାର୍ଯ୍ୟ ଚାଲିଥିବାବେଳେ ବଡ଼ ଅଘଟଣ ଘଟିଛି। ଅପରାହ୍ନ ପ୍ରାୟ ୩ ଟା୪୫ରେ ୧ ନମ୍ବର ପ୍ଲାଟଫର୍ମର ୨ୟ ଗେଟ୍ ନିକଟରେ ଏକ ପୁରୁଣା କାନ୍ଥ ଧସି ପ୍ଲାଟଫର୍ମ ଛାତ ଉପରେ ପଡ଼ିଯାଇଥିଲା। ଫଳରେ ପ୍ଲାଟଫର୍ମ ଛାତର କିଛି ଅଂଶ ଭୁଶୁଡ଼ି ୧ ଓ ୨ ନମ୍ବର ଟ୍ରାକ୍ ଉପରେ ପଡ଼ିଯାଇଥିଲା। ଏଥିରେ କେହି ମୃତାହତ ହୋଇ ନ ଥିବାବେଳେ ଭଙ୍ଗା କାର୍ଯ୍ୟରେ ପରିଚାଳନାଗତ ତ୍ରୁଟି କାରଣରୁ ଏଭଳି ହୋଇଥିବା ଜଣାପଡ଼ିଛି। ଅଘଟଣ ପରେ ୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ରହଣିକୁ ବାତିଲ କରାଯାଇଛି। ବିଡ଼ମ୍ବନା ଯେ, ୧ ନମ୍ବର ପ୍ଲାଟଫର୍ମରେ ଭଙ୍ଗା କାର୍ଯ୍ୟ ଚାଲିଥିବାବେଳେ ଟ୍ରେନ୍ ଚଳାଚଳ ସେହି ଟ୍ରାକ୍‌ରେ ବନ୍ଦ କରାଯାଇ ନ ଥିଲା। ବନ୍ଦେ ଭାରତ ଏକ୍ସପ୍ରେସ୍ ସେହି ୧ ନମ୍ବର ପ୍ଲାଟଫର୍ମରେ ରହଣି ପରେ ପୁନର୍ବାର ଗନ୍ତବ୍ୟ ପଥରେ ହାଓଡ଼ା ଅଭିମୁଖେ ଯିବାର ମାତ୍ର ୧୦ ମିନିଟ ପରେ ଏହି ଘଟଣା ଘଟିଥିଲା। ବନ୍ଦେ ଭାରତ ଟ୍ରେନ୍ ଅଟକି ଥିବାବେଳେ ଯଦି ଏହା ଘଟିଥାନ୍ତା ତେବେ ବହୁ ଧନଜୀବନ ହାନି ଏଡ଼ାଇ ହୋଇ ନ ଥାନ୍ତା।**

କଟକ,୨୭।୮ (କାର୍ତ୍ତିକ ସାହୁ)

କଟକ ରେଳଷ୍ଟେଶନରେ ହଠାତ୍ ଏଭଳି ଘଟଣା ପରେ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ନବୀକରଣ କାର୍ଯ୍ୟବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ରେଲୱେ ପକ୍ଷରୁ ମଧ୍ୟ ସ୍ୱୀକାର କରାଯାଇଛି। ସୂଚନାନୁସାରେ, ଚେନ୍ନାଇର ନିର୍ମାଣକାରୀ ସଂସ୍ଥା ୟୁଆର୍‌ସି ଦ୍ୱାରା କଟକ ରେଳଷ୍ଟେଶନର ନବୀକରଣ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟ ସହ ପୁରୁଣା ନିର୍ମାଣଗୁଡ଼ିକ ଭଙ୍ଗାଯାଉଛି। ନିୟମିତ ଭାବେ ଏହି କାର୍ଯ୍ୟ ଯୋଜନାବଦ୍ଧ ଭାବେ ଚାଲିଛି। ହେଲେ ବୁଧବାର ଘଟିଥିବା ଅଘଟଣ ସମୟରେ ଯେତିକି ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା, ତାହା ପର୍ଯ୍ୟାପ୍ତ ନ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କୁହନ୍ତି। ଏପରି କି ଘଟଣାସ୍ଥଳରେ ଉପସ୍ଥିତ ଜଣେ ଅଧିକାରୀ କୁହନ୍ତି, ଯେତିକି ଭାଙ୍ଗିବ ବୋଲି ଆକଳନ କରାଯାଇଥିଲା, ତା'ଠାରୁ ଢେର ଅଧିକ ଆପେଆପେ ଧସି ଯାଇଥିଲା। ☞ପୃଷ୍ଠା-୪

## ଲଘୁଚାପ: ୨ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପଶ୍ଚିମ ଉତ୍ତର-ପଶ୍ଚିମ ମୁହାଁ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ଗୁରୁବାର ମାଲକାନଗିରି ଓ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ୨ ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି।

### ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକା ପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।


ତାଁ ହେଲେ ପଲିସି ପ୍ରିମିୟମ୍‌କୁ କାହିଁକି ଭୁଲିବେ?
ପ୍ରତିଶ୍ରୁତି ଭୁଲନ୍ତି ନାହିଁ...



ଏଲ୍ଆଇସି ଅଫ୍ ଇଣ୍ଡିଆ ପ୍ରସ୍ତୁତ କରୁଛି ସ୍ପେଶାଲ ରିଭାଇଭାଲ୍ କ୍ୟାମ୍ପେନ୍
ବିଳମ୍ବିତ ଦେୟ ଉପରେ ରିହାତି ସହିତ ।

ଅବଧି: 18/08/2025 ଠାରୁ 17/10/2025 ପର୍ଯ୍ୟନ୍ତ

ଶୀଘ୍ର! ଏହି ସୁଯୋଗକୁ ହାତଛଡ଼ା ହେବାକୁ ଦିଅନ୍ତୁ ନାହିଁ ।
ନିଜର ବୀମା ସୁରକ୍ଷାକୁ ପୁନର୍ବାର ହାସଲ କରିବା ତଥା ନିରବଚ୍ଛିନ୍ନ ଭାବେ ତାହାର ଲାଭକୁ ପ୍ରାପ୍ତ କରିବାର ସୁଯୋଗ ।

| ସମୁଦାୟ ପ୍ରାପ୍ୟ ପ୍ରିମିୟମ୍ | % ବିଳମ୍ବିତ ଦେୟରେ ରିହାତି | ରିହାତିର ସର୍ବାଧିକ ସୀମା* |
|---|---|---|
| ₹1,00,000 ପର୍ଯ୍ୟନ୍ତ | 30% | ₹3000 |
| 1,00,001ଠାରୁ 3,00,000 ପର୍ଯ୍ୟନ୍ତ | 30% | ₹4000 |
| 3,00,001 ଓ ତଦୂର୍ଦ୍ଧ୍ୱ | 30% | ₹5000 |

*ନିୟମ ଓ ସର୍ତ୍ତାବଳୀ ଲାଗୁ
ପଲିସି ପାଇଁ ପୈଠ କରାଯାଇ ନ ଥିବା ପ୍ରଥମ ପ୍ରିମିୟମ୍ ତାରିଖଠାରୁ 5 ବର୍ଷ ମଧ୍ୟରେ ତାହାକୁ ପୁନଃ ସକ୍ରିୟ କରାଯାଇପାରିବ ।
ଦୟାକରି ନିଜର ନିକଟତମ ଏଲ୍ଆଇସି ଶାଖା କିମ୍ବା ଏଜେଣ୍ଟଙ୍କ ସହ ଯୋଗାଯୋଗ କରନ୍ତୁ । ଆମ ସହ ଜଡ଼ିତ ହୋଇ ରହନ୍ତୁ । ଏଲ୍ଆଇସିରେ ନିଜର ମୋବାଇଲ ନମ୍ବର, ଇମେଲ୍, ଏନ୍ଇଏଫ୍‌ଟି ଓ ପ୍ୟାନ୍ ନମ୍ବର ଅପ୍‌ଡେଟ୍ କରନ୍ତୁ ।

ଡାଉନ୍‌ଲୋଡ୍ କରନ୍ତୁ ଏଲ୍ଆଇସି ମୋବାଇଲ୍ ଆପ୍ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827 | IRDAI Regn No.: 512
ଅଧିକ ସୂଚନା ପାଇଁ ନିଜର ଏଜେଣ୍ଟ/ନିକଟତମ ଏଲ୍ଆଇସି ଶାଖା ସହିତ ଯୋଗାଯୋଗ କରନ୍ତୁ କିମ୍ବା ନିଜ ସହରର ନାମ SMS କରନ୍ତୁ 56767474କୁ
ଆମକୁ ଫଲୋ କରନ୍ତୁ: LIC India Forever | ଆମର ହ୍ୱାଟସଆପ୍ ନଂ: 8976862090 'Hi' କୁହନ୍ତୁ
ଭ୍ରମାତ୍ମକ ଫୋନ୍ କଲ୍ ଏବଂ ମିଛ/ଠକାମିମୂଳକ ଅଫର୍‌ଗୁଡ଼ିକ ପ୍ରତି ସାବଧାନ: ଆଇଆର୍‌ଡିଏଆଇ ବୀମା ପଲିସି ବିକ୍ରୟ କରିବା କିମ୍ବା ବୋନସ୍ ଘୋଷଣା କରିବା କିମ୍ବା ପ୍ରିମିୟମ୍ ନିବେଶ ଭଳି ଗତିବିଧିରେ ସଂଶ୍ଳିଷ୍ଟ ନୁହେଁ । ଏପରି ଫୋନ୍ କଲ୍ ପ୍ରାପ୍ତ କରୁଥିବା ଜନସାଧାରଣଙ୍କୁ ପୋଲିସରେ ଅଭିଯୋଗ ଦାଏର କରିବା ଲାଗି ଅନୁରୋଧ କରାଯାଉଛି । ଆଶଙ୍କାଗତ କାରକ, ନିୟମ ଓ ସର୍ତ୍ତାବଳୀ ସମ୍ପର୍କରେ ଅଧିକ ସୂଚନା ପାଇଁ, ଦୟାକରି ବିକ୍ରି ଚୂଡ଼ାନ୍ତ କରିବା ପୂର୍ବରୁ ସୂଚନା ପୁସ୍ତିକାକୁ ଧ୍ୟାନପୂର୍ବକ ପଢ଼ିନିଅନ୍ତୁ ।
LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC / MI / 2025-26 / 15 / Ori


# ଅନ୍ନଦାତାଙ୍କ ଉନ୍ନତିରେ ହିଁ ପ୍ରଗତି ସମ୍ଭବ: ମୁଖ୍ୟମନ୍ତ୍ରୀ

### ୫୧ ଲକ୍ଷରୁ ଊର୍ଦ୍ଧ୍ୱ କୃଷକଙ୍କୁ ମିଳିଲା ସିଏମ୍ କିଷାନ ଅର୍ଥ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର,୨୭।୮(ରବିନାରାୟଣ ଜେନା)

ଚଳିତବର୍ଷ କୃଷକ ସମୃଦ୍ଧି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୮ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିସାରିଛନ୍ତି। ଜଣେହେଲେ ଚାଷୀ ଯେପରି ପଞ୍ଜୀକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ମୁଁ ବ୍ୟକ୍ତିଗତ ଭାବେ ଧ୍ୟାନ ରଖିବି। ଅନ୍ନଦାତାଙ୍କ ବିନା ଉନ୍ନତିରେ ରାଜ୍ୟର ପ୍ରଗତି ସମ୍ଭବ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରେ କୃଷି ବିଭାଗ ପକ୍ଷରୁ ବୁଧବାର ରବି ୨୦୨୫-୨୬ ପାଇଁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସିଏମ୍ କିଷାନ ତୃତୀୟ କିସ୍ତିରେ ୫୧ ଲକ୍ଷ ୫୪ ହଜାର ୧୧୫ ଜଣ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ ☞ପୃଷ୍ଠା-୪

## ସୁପ୍ରିମକୋର୍ଟରେ ୨ ନୂଆ ବିଚାରପତି



ଆଲୋକ ଆରାଧେ



ବି.ଏମ୍. ପାଞ୍ଚୋଲି

ନୂଆଦିଲ୍ଲୀ,୨୭।୮(ପି.ଟି.)

ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଆଲୋକ ଆରାଧେ ଏବଂ ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ବୁଧବାର ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ମିଳିଛି। ସୁପ୍ରିମକୋର୍ଟ କଲେଜିୟମ୍ ସୋମବାର ସେମାନଙ୍କ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଆର୍ଯ୍ୟ ଥିଲେ ବଣିକ**


DADLS-47



|| ନୂଆଁଖାଇ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ||

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍‌ପାଟି)





ନୂଆଁଖାଇ ଜୁହାର୍
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ତିହାର୍ ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍ ।

ନୂଆଁ ଧାନ୍ କେ ନିଜର୍ ଇଷ୍ଟ ଦେବାଦେବୀଙ୍କୁ ସମର୍ପିକରି ସଭେ ମିଶିକରି ନୂଆଁ ଖାଏବାର୍ ପରମ୍ପରା "ନୂଆଁଖାଇ ତିହାର୍" ହେଉଛେ ଆମର୍ ସଂସ୍କୃତି, ସମୃଦ୍ଧି ଆର୍ ଏକତାର୍ ପ୍ରତୀକ୍ ।

ନୂଆଁ ଆଶା ନେଇକରି ଆସିଥିବାର୍ ଇ ତିହାର୍ ସମକର୍ ଜୀବନଥି ସୁଖ, ଶାନ୍ତି ଆର୍ ସମୃଦ୍ଧି ଭରିଦେଉ, ଇଟା ହିଁ ମୁଇଁ ମାଁ ସମଲେଇଙ୍କର ପାହାତଲେ ଗୁହାରି କରୁଛେଁ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0977/2526

## ସଂକ୍ଷେପରେ

### ଗାଜାରେ କ୍ଷୁଧା: ଦିନକରେ ୧୦ ମୃତ

ଗାଜା ସିଟି,୨୭।୮

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଗତ ୨୪ ଘଣ୍ଟା ମଧ୍ୟରେ କ୍ଷୁଧାରେ ୨ ପିଲାଙ୍କ ସମେତ ୧୦ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାକୁ ମିଶାଇ ଗାଜାରେ କ୍ଷୁଧାଜନିତ ମୋଟ ମୃତ୍ୟୁସଂଖ୍ୟା ୩୧୩ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୧୯ ଜଣ ଛୋଟ ପିଲା। ଏହି ସମୟ ମଧ୍ୟରେ ସହାୟତା ପାଇଁ ଯାଉଥିବା ୧୮ ଜଣଙ୍କ ସମେତ ମୋଟ ୭୫ ଜଣ ପାଲେଷ୍ଟିନୀୟ ଇସ୍ରାଏଲୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଖାନ୍ ୟୁନିସ୍‌ରେ ଥିବା ହସ୍ପିଟାଲକୁ ପ୍ରତିଦିନ କୁପୋଷଣ ମାମଲା ଆସୁଥିବା ଏହାର ନିର୍ଦ୍ଦେଶକ କହିଛନ୍ତି। ଅତ୍ୟଧିକ କୁପୋଷଣ ରୋଗୀଙ୍କ ଚିକିତ୍ସା ଡାକ୍ତରମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

### ମହାରାଷ୍ଟ୍ରରେ କୋଠା ଭୁଶୁଡ଼ି ୬ ମୃତ

ପାଲ୍‌ଘର,୨୭।୮

ମହାରାଷ୍ଟ୍ର ପାଲ୍‌ଘର ଜିଲାର ଭିରାରଠାରେ ଏକ ୪ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ବର୍ଷକର ଶିଶୁକନ୍ୟା ଓ ୧୧ ବର୍ଷର ବାଳକ ରହିଛନ୍ତି। ଭଗ୍ନାବଶେଷ ତଳେ ଅଧିକ ମୃତଦେହ ରହିଥିବା ଆଶଙ୍କା କରାଯାଉଛି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କୋଠାଟି ଭୁଶୁଡ଼ି ପାଖରେ ଥିବା ଅନ୍ୟ ଏକ ଘର ଉପରେ ପଡ଼ିଥିଲା। ବସାଇ ଭିରାର ମ୍ୟୁନିସିପାଲ୍ କର୍ପୋରେଶନ୍‌ର ଅଭିଯୋଗକ୍ରମେ ପୋଲିସ ବିଲ୍ଡରଙ୍କୁ ଗିରଫ କରିଛି। ବିଲ୍ଡିଂଟି ବେଆଇନ ଥିଲା ବୋଲି ମ୍ୟୁନିସିପାଲ କର୍ପୋରେଶନ୍‌ର ଜଣେ ମୁଖପାତ୍ର କହିଛନ୍ତି।

### ବାଇକ୍‌ରେ ରିଲ୍ ଶୁଟିଂ ବେଳେ ଦୁର୍ଘଟଣା: ୨ ଛାତ୍ରଙ୍କ ମୃତ୍ୟୁ

ପାଟନା,୨୭।୮

ବିହାରର ମୁଙ୍ଗେର ଜିଲାରେ ଦଶମ ଶ୍ରେଣୀର ୩ ଛାତ୍ର ବାଇକ୍‌ରେ ରିଲ୍ ଶୁଟିଂ କରୁଥିବାବେଳେ ଛିଡ଼ାହୋଇଥିବା ଏକ ବସ୍‌କୁ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ତୃତୀୟ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୮୦ ନମ୍ବର ଜାତୀୟ ରାଜପଥ ନିକଟ ବରିୟାରପୁର ସୁଲତାନଗଞ୍ଜରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ନାମ ଶୁଭମ ଏବଂ ଆନନ୍ଦକୁମାର ହୋଇଥିବାବେଳେ ଆହତ ସୋନୁ କୁମାର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀରେ ବୁଧବାର ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନ୍‌ଶିପ୍-୨୦୨୫ର ଜର୍ସି ଲଞ୍ଚ୍ ଅବସରରେ ଏମ୍‌ପି ତଥା ଏହାର ବ୍ରାଣ୍ଡ୍ ଆମ୍ବାସାଡର କଙ୍ଗନା ରାଣାଓ୍ୱତ୍‌ଙ୍କ ସହ ପିସିଆଇ ଅଧ୍ୟକ୍ଷ ଦେବେନ୍ଦ୍ର ଝାଝାରିଆ। ନିକଟରେ ଉପସ୍ଥିତ ପାରା ଆଥଲେଟ୍ସ ପ୍ରୀତି ପାଲ, ଧରମବୀର, ପ୍ରଣବ ସୁରମା ଓ ଅନ୍ୟମାନେ। (ଫଟୋ- ଚମନ ଗୌତମ)

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ଜାଳିଦେଲେ କନ୍‌ଷ୍ଟେବଲ

**ଗୁରୁତର ଅବସ୍ଥାରେ ଦିଲ୍ଲୀ ସ୍ଥାନାନ୍ତର**

ନୂଆଦିଲ୍ଲୀ,୨୭।୮

ଯୌତୁକ ବିବାଦକୁ ନେଇ ଉତ୍ତରପ୍ରଦେଶ ଆମ୍ରୋହା ଜିଲାର ଜଣେ ପୋଲିସ କନ୍‌ଷ୍ଟେବଲ୍ ମଙ୍ଗଳବାର ତାଙ୍କ ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇଦେଇଥିଲେ। ମହିଳା ଜଣକ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଥିବାବେଳେ କନ୍‌ଷ୍ଟେବଲ ଗିରଫ ହୋଇଛନ୍ତି। ଇକାଉନା ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସ ଥିବା ସ୍ତ୍ରୀ ପାରୁଲଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଦିଲ୍ଲୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କନ୍‌ଷ୍ଟେବଲଙ୍କ ପରିବାର ସଦସ୍ୟ ଫେରାର ହୋଇଯାଇଛନ୍ତି। ଉତ୍ତରପ୍ରଦେଶ ପୋଲିସରେ ହେଡ୍ କନ୍‌ଷ୍ଟେବଲ ଥିବା ଦେବେନ୍ଦ୍ରଙ୍କର ନିକଟରେ ବରେଲିକୁ ବଦଳି ହୋଇଥିଲା। ସେ ସପ୍ତାହେ ଛୁଟି ନେଇ ଘରକୁ ଆସିଥିବାବେଳେ ଯୌତୁକ ଦାବିରେ ସ୍ତ୍ରୀଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ କରିଥିଲେ ବୋଲି ପୋଲିସ କହିଛି। ଦେବେନ୍ଦ୍ରଙ୍କ ସମେତ ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

### ପିଏମ୍ ସ୍ୱନିଧି ଯୋଜନାର ପୁନର୍ଗଠନ, ସମ୍ପ୍ରସାରଣକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୨୭।୮

ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର ଆତ୍ମନିର୍ଭର ନିଧି (ପିଏମ୍ ସ୍ୱନିଧି) ଯୋଜନାର ପୁନର୍ଗଠନ ସହ ୨୦୩୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହାର ସମ୍ପ୍ରସାରଣକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏବାବଦରେ ୭,୩୩୨ କୋଟି ଟଙ୍କା ବ୍ୟୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ରାସ୍ତାପାର୍ଶ୍ୱ ଉଠାଦୋକାନୀମାନଙ୍କ ପାଇଁ ଋଣ ସୀମା ୧୦ ହଜାରରୁ ୧୫ ହଜାର ଟଙ୍କା, ଦ୍ୱିତୀୟ ପର୍ଯ୍ୟାୟରେ ୨୦ ହଜାରରୁ ୨୫ ହଜାର ଟଙ୍କା ଏବଂ ତୃତୀୟ ପର୍ଯ୍ୟାୟରେ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ଦ୍ୱିତୀୟ ଋଣ ଠିକ୍ ସମୟରେ ପରିଶୋଧ କରିଥିବା ଉଠାଦୋକାନୀମାନେ ସେମାନଙ୍କ ବ୍ୟବସାୟ ବଢ଼ାଇବା ଏବଂ ବ୍ୟକ୍ତିଗତ ଆବଶ୍ୟକତା ପୂରଣ ପାଇଁ ୟୁପିଆଇ ଲିଙ୍କ୍‌ଯୁକ୍ତ ରୁପେ କ୍ରେଡିଟ୍ କାର୍ଡ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଖୁଚୁରା ଏବଂ ପାଇକାରୀ କାରବାର ଉପରେ ଡିଜିଟାଲ ପେମେଣ୍ଟ କରିବାକୁ ଚାହୁଁଥିବା ଦୋକାନୀମାନଙ୍କୁ ୧,୬୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ମିଳିବ। ପୂର୍ବରୁ ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୈଧ ଥିବା ଉକ୍ତ ପୁନର୍ଗଠିତ ଯୋଜନାରେ ୫୦ ଲକ୍ଷ ନୂଆ ଉଠାଦୋକାନୀଙ୍କ ସମେତ ୧,୧୫ କୋଟି ହିତାଧିକାରୀଙ୍କୁ ଉପକୃତ କରାଇବାକୁ ଲକ୍ଷ୍ୟ ରଖାଯାଇଛି।

**୫୦% ଟ୍ରମ୍ପ୍ ଟାରିଫ୍ ଲାଗୁ**

# ଭାରତ ଖୋଜୁଛି ବିକଳ୍ପ ବଜାର





ୱାଶିଂଟନ୍/ନୂଆଦିଲ୍ଲୀ,୨୭।୮(ରଏଟର୍ସ/ପି.ଟି.)

ରୁଷିଆଠାରୁ ତୈଳ କ୍ରୟ ବାବଦକୁ ଭାରତୀୟ ଆମଦାନୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅତିରିକ୍ତ ୨୫% ଟାରିଫ୍ ସହ ନୂଆଦିଲ୍ଲୀ ଉପରେ ମୋଟ ୫୦% ଶୁଳ୍କ ବୁଧବାରଠାରୁ ଲାଗୁ ହୋଇଛି। ଟ୍ରମ୍ପ ଭାରତ ଉପରେ ଘୋଷଣା କରିଥିବା ପାଲଟା ଶୁଳ୍କ ୨୦୨୫ ଅଗଷ୍ଟ ୭ରୁ ଲାଗୁ ହୋଇଥିବାବେଳେ ୨୭ ତାରିଖ ଭାରତୀୟ ସମୟ ପୂର୍ବାହ୍ଣ ୯ଟା ୩୧ ମିନିଟ ପରେ ଆମେରିକାକୁ ପ୍ରବେଶ କରୁଥିବା ପଣ୍ୟସାମଗ୍ରୀ ଦୁଇଗୁଣା ଟିକସ ବୋଝ ସହିବା ଆରମ୍ଭ କରିଛି। ଏଥିଯୋଗୁ ଭାରତୀୟ ରପ୍ତାନି ଓ ନିଯୁକ୍ତି କ୍ଷେତ୍ର ପାଇଁ ସଙ୍କଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଭାରତ ନିଜ ପସନ୍ଦ ମୁତାବକ ଉତ୍ସରୁ ଶକ୍ତି କ୍ରୟ ଜାରି ରଖିବ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଛି। ଆମେରିକା ଏହି ଦଣ୍ଡାତ୍ମକ ଟାରିଫ୍‌ର ପୁନର୍ବିଚାର କରିବ ବୋଲି ଭାରତ ଆଶାବାଦୀ ଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ୫୦ ପ୍ରତିଶତ ଟାରିଫ୍ ଯୋଗୁ ବାର୍ଷିକ ପ୍ରାୟ ୬୦ ବିଲିୟନ୍ ଡଲାରର କ୍ଷତି ହେବାକୁ ଥିବାବେଳେ ଏହାର ଭରଣା ପାଇଁ ମଧ୍ୟ ଭାରତ ଯୋଜନା କରିଛି। ତଦନୁସାରେ ପ୍ରାରମ୍ଭିକ ସ୍ତରରେ ଟେକ୍ସଟାଇଲ ଉତ୍ପାଦ ସମେତ ଅନ୍ୟ ସାମଗ୍ରୀଗୁଡ଼ିକୁ ୪୦ ଦେଶକୁ ରପ୍ତାନି କରିବା ପାଇଁ ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନିଆଯାଇଛି।

**ନୂଆଦିଲ୍ଲୀର ମୁକାବିଲା ରଣନୀତି**

ବାଣିଜ୍ୟ ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ ମତରେ ୨୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ସହ ଭାରତର ବାଣିଜ୍ୟିକ ସମ୍ପର୍କ ରହିଥିବାବେଳେ ରପ୍ତାନିରେ ବିବିଧତା ବଜାୟ ରଖିବା ପାଇଁ ଅନ୍ୟ ୪୦ ଦେଶ ସହିତ କାରବାର ବୃଦ୍ଧି ଯୋଜନା କରାଯାଇଛି। ଏହି ଦେଶଗୁଡ଼ିକ ମଧ୍ୟରେ ରହିଛି ଅଷ୍ଟ୍ରେଲିଆ, ବେଲ୍‌ଜିୟମ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ସ୍ପେନ୍, ଦକ୍ଷିଣ କୋରିଆ, ତୁର୍କୀ, ନେଦରଲାଣ୍ଡ୍ସ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବ୍ରିଟେନ୍। ଭାରତର ରପ୍ତାନି ଟାର୍ଗେଟରେ ଥିବା ଏହି ୪୦ ରାଷ୍ଟ୍ରକୁ ୫୯୦ ବିଲିୟନ୍ ଡଲାର ଟେକ୍ସଟାଇଲ ଓ ଆପାରେଲ ପଠାଗଲେ ନୂଆଦିଲ୍ଲୀକୁ ନିଜ ମାର୍କେଟ ଶେୟାର ତ୍ୱରାନ୍ୱିତ କରିବା ପାଇଁ ସୁଯୋଗ ମିଳିବ। ଏକ୍ସପୋର୍ଟ ପ୍ରମୋଶନ୍ କାଉନ୍‌ସିଲ୍ସ (ଇପିସି) ବିବିଧକରଣ ରଣନୀତିର ମେରୁଦଣ୍ଡ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି। ଏଥିସକାଶେ ସୁରଟ, ପାନିପଥ, ତିରୁପୁର ଓ ଭଦୋହିରୁ ଉଚ୍ଚଚାହିଦାଯୁକ୍ତ ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକୁ ପଠାଇବା ପାଇଁ ଚିହ୍ନଟ କରାଯିବ। ଇପିସିଗୁଡ଼ିକ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ମଧ୍ୟ ଭାଗନେଇ ବ୍ରାଣ୍ଡ୍ ଇଣ୍ଡିଆ ଅଧୀନରେ ନିର୍ଦ୍ଦିଷ୍ଟ ଅଭିଯାନ ଚଳାଇବେ। ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ବଳରେ ରପ୍ତାନି ବୃଦ୍ଧି ସହ ଜରୁରୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।

### ସର୍ବାଧିକ ପ୍ରଭାବିତ କ୍ଷେତ୍ର

ଟ୍ରମ୍ପଙ୍କ ୫୦% ଟାରିଫ୍ ଯୋଗୁ ଆମେରିକାରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀଗୁଡ଼ିକ ସେହି ଦେଶରେ ମହଙ୍ଗା ହେବ। ଏଥିଯୋଗୁ ଭାରତର ଟେକ୍ସଟାଇଲ୍ସ ଓ କପଡ଼ା, ଜେମ୍ସ ଓ ଜୁଏଲେରି, ମାଛ ଓ ଚିଙ୍ଗୁଡ଼ି ଭଳି ସାମୁଦ୍ରିକ ଖାଦ୍ୟ, ଚମଡ଼ା ଓ ଜୋତା, ପ୍ରାଣୀ ଉତ୍ପାଦ, କେମିକାଲ୍ସ, ଇଲେକ୍ଟ୍ରିକାଲ ଓ ମେକାନିକାଲ ମେଶିନାରି ଭଳି ଘରୋଇ ସେକ୍ଟରଗୁଡ଼ିକ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା କରାଯାଉଛି।

ଭାରତୀୟ ଜେମ୍ସ ଆଣ୍ଡ୍ ଜୁଏଲେରିର ସବୁଠୁ ବଡ଼ କ୍ରେତା ହେଉଛି ଆମେରିକା। କେବଳ ଗତବର୍ଷ ଭାରତ ଆମେରିକାକୁ ୮୭,୬୦୦ କୋଟି ଟଙ୍କାର ଏଭଳି ସାମଗ୍ରୀ ରପ୍ତାନି କରିଥିଲା। ଟ୍ରମ୍ପଙ୍କ ଟାରିଫ୍ ଘୋଷଣା ପରେ ଡାଇମଣ୍ଡ ପଲିଶିଂର ଗ୍ଲୋବାଲ ହବ୍ ସୁରଟରେ ଏହାର ନକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଲାଣି। ଗତବର୍ଷ ଭାରତ ଆମେରିକାକୁ ୨୨,୮୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଥିବାବେଳେ ଟେକ୍ସଟାଇଲ୍ସ କ୍ଷେତ୍ରରେ ୨ ବିଲିୟନ୍ ଡଲାର ରପ୍ତାନି ହୋଇଥିଲା। ସେହିପରି ୨୦୨୪ରେ ଅଟୋ ସେକ୍ଟରରେ ଆମେରିକାକୁ ଭାରତ ୫୮,୦୦୦ କୋଟି ଟଙ୍କାର ରପ୍ତାନି କରିଥିଲା। ଗତବର୍ଷ ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଔଷଧର ମୂଲ୍ୟ ଥିଲା ୩୧,୬୨୬ କୋଟି ଟଙ୍କା। ଏସବୁକୁ ଦୃଷ୍ଟିରେ ରଖି ଭାରତ ବର୍ତ୍ତମାନ ବିକଳ୍ପ ବଜାର ଖୋଜିବା ଆରମ୍ଭ କରିଛି।

### ୨୫ ବର୍ଷ ପରେ ସ୍ୱର ଫେରାଇଲା ଏଆଇ

ଲଣ୍ଡନ

ବ୍ରିଟେନ୍‌ର ଉତ୍ତର ଲଣ୍ଡନରେ ରହୁଥିବା ସାରାହ ଏଜେକିଲ (୬୫) ୨୫ ବର୍ଷ ତଳେ ମୋଟର ନ୍ୟୁରନ୍ ରୋଗରେ ପୀଡିତ ହୋଇ କଥା କହିବା ଶକ୍ତି ହରାଇଥିଲେ। ନିକଟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାହାଯ୍ୟରେ ସେ ନିଜ ସ୍ୱରକୁ ଫେରିପାଇଛନ୍ତି।

୨୦୦୦ରେ ସାରାହ ମୋଟର ନ୍ୟୁରନ୍ ରୋଗରେ ପୀଡିତ ହେବା ପରେ ତାଙ୍କ ସ୍ନାୟୁଗୁଡ଼ିକ କାମ କରିବା ବନ୍ଦ କରିଦେଇଥିଲା। ସାରାହଙ୍କ ସହ ଠିକ୍ ଏହିପରି ହୋଇଥିଲା ଏବଂ ସେ କଥା କହିବା ଶକ୍ତି ହରାଇବା ସହ ଚଲାବୁଲା କରିବାକୁ ଅକ୍ଷମ ହୋଇଥିଲେ।

ସାରାହଙ୍କ ସ୍ୱର ଫେରାଇ ଆଣିବା ପାଇଁ ବୈଜ୍ଞାନିକମାନେ ଏଆଇର ସାହାଯ୍ୟ ନେଇଥିଲେ। ପ୍ରଥମେ ବୈଜ୍ଞାନିକମାନେ ସାରାହଙ୍କ ପରିବାରଠାରୁ ତାଙ୍କର ଏକ ୩ ଦଶନ୍ଧି ପୁରୁଣା ୮ ସେକେଣ୍ଡର କ୍ଲିପ୍ ନେଇଥିଲେ। ଉକ୍ତ କ୍ଲିପ୍‌ରୁ ସାରାହଙ୍କ ସ୍ୱର ନମୁନାକୁ ପୃଥକ୍ କରିବା ପାଇଁ ବୈଜ୍ଞାନିକମାନେ ଏକ ଏଆଇ ଟୁଲ୍ସର ବ୍ୟବହାର କରିଥିଲେ। ଏଆଇ ସାରାହଙ୍କ ସ୍ୱରକୁ ଅନୁଧ୍ୟାନ କରି ଏକ ସଫ୍ଟୱେର୍ ସାହାଯ୍ୟରେ ତାଙ୍କ ସ୍ୱରକୁ ଠିକ୍ ଭାବରେ ନକଲ କରିଥିଲା। ସମ୍ପ୍ରତି ସାରାହ ଏକ ବିଶେଷ ପ୍ରକାରର କମ୍ପ୍ୟୁଟରର ସାହାଯ୍ୟ ନେଉଛନ୍ତି, ଯେଉଁଥିରେ ସେ ତାଙ୍କ ଆଖିର ଇଙ୍ଗିତରେ ଟାଇପ୍ କରିପାରୁଛନ୍ତି ଏବଂ ଏଆଇ ସାରାହଙ୍କ ଦ୍ୱାରା ଲିଖିତ ଶବ୍ଦଗୁଡ଼ିକୁ ତାଙ୍କ ସ୍ୱରରେ ଠିକ୍ ଭାବେ ପଢ଼ି ଅନ୍ୟମାନଙ୍କ ସହ କଥା ହୋଇପାରୁଛି। ଏହି କୌଶଳ ସାହାଯ୍ୟରେ ସମ୍ପ୍ରତି ସାରାହ ଯେକୌଣସି ବ୍ୟକ୍ତିଙ୍କ ସହ ନିଜ ସ୍ୱରରେ କଥା ହୋଇପାରୁଛନ୍ତି।



ସାରାହ ଏଜେକିଲ

**ବିପଦ ସଙ୍କେତ ଉପରେ ଝେଲମ୍**

# ଜମ୍ମୁ ବର୍ଷା ମୃତ୍ୟୁସଂଖ୍ୟା ୪୧



ଝେଲମ୍ ନଦୀ ବନ୍ୟାରେ ଏକ କାଠ ପୋଲ ଭାଙ୍ଗିଯାଇଛି।

ଜମ୍ମୁ/ଶ୍ରୀନଗର,୨୭।୮

ଜମ୍ମୁ-କଶ୍ମୀରରେ ୨ ଦିନ ହେଲା ପ୍ରବଳ ବର୍ଷା ଲାଗିରହିବା ଫଳରେ ବୁଧବାର ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ବୈଷ୍ଣୋଦେବୀ ତୀର୍ଥଯାତ୍ରା ମାର୍ଗରେ ଭୂସ୍ଖଳନ ଯୋଗୁ ମୃତ୍ୟୁ ଘଟିଛି। ଜମ୍ମୁରେ ପ୍ରବାହିତ ନଦୀଗୁଡ଼ିକରେ ବନ୍ୟା ଆସିଥିବାବେଳେ ଅନନ୍ତନାଗ ଓ ଶ୍ରୀନଗରରେ ଝେଲମ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ ଅନେକ ଜନବସତିରେ ପାଣି ପଶିଛି। ହଠାତ୍ ବନ୍ୟା ଯୋଗୁ ବହୁସଂଖ୍ୟାରେ ବ୍ରିଜ୍ ସମେତ ସରକାରୀ ଭିତ୍ତିଭୂମି, ବ୍ୟବସାୟିକ ପ୍ରତିଷ୍ଠାନ ଓ ଘର କ୍ଷତିଗ୍ରସ୍ତ ହୋଇଛି। ତଳିଆ ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଲଗାଣ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି। ୫୮ଟି ଟ୍ରେନ୍ ବାତିଲ ହେବା ସହ ୬୪ଟି ଟ୍ରେନ୍‌ର ଗତପଥକୁ କାଟଛାଣ୍ଟ କରାଯାଇଛି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଜମ୍ମୁରୁ ଶ୍ରୀନଗର ଯାଇ ବ୍ୟକ୍ତିଗତ ଭାବେ ସ୍ଥିତି ସମୀକ୍ଷା କରୁଛନ୍ତି। ଅପ୍ଟିକାଲ ଫାଇବର ନଷ୍ଟ ହେବା କାରଣରୁ ମଙ୍ଗଳବାର ବିଭିନ୍ନ ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ ଥିବାବେଳେ ବୁଧବାର ନେଟ୍‌ୱର୍କ ପୁନଃସ୍ଥାପନ ହୋଇଛି।

କେବଳ ବୈଷ୍ଣୋଦେବୀ ଭୂସ୍ଖଳନରେ ୩୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟୂନ ୨୦ ଜଣ ଆହତ ହୋଇ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମାଟି ଅତଡ଼ା ତଳେ ଆହୁରି କେତେଜଣ ରହିଯାଇଥିବା ଆଶଙ୍କା କରାଯାଉଛି। ବୈଷ୍ଣୋଦେବୀ ପୀଠକୁ ଯାତ୍ରା ବନ୍ଦ ରହିଛି। ଉଧାମପୁରରେ ୨୪ ଘଣ୍ଟାରେ ୬୨୯.୪ ମି.ମି. ବର୍ଷା ହୋଇଛି, ଯାହାକି ୨୦୧୯ରେ ହୋଇଥିବା ରେକର୍ଡର ପାଖାପାଖି ୨ ଗୁଣା। ୨୦୧୯ ଜୁଲାଇ ୩୧ରେ ଉଧାମପୁରରେ ୩୪୨ ମିଲିମିଟର ବର୍ଷା ହୋଇଥିଲା। ଗତ ୨୪ ଘଣ୍ଟାରେ ଜମ୍ମୁରେ ୩୮୦ ମି.ମି. ବର୍ଷା ରେକର୍ଡ କରାଯାଇଛି।

### ଉତ୍ତର ଭାରତରେ ୧୨ ବର୍ଷରେ ସର୍ବାଧିକ ବର୍ଷା

ନୂଆଦିଲ୍ଲୀ,୨୭।୮

ଉତ୍ତର ଭାରତରେ ଗତ ୧୨ ବର୍ଷ ମଧ୍ୟରେ ଚଳିତ ବର୍ଷ ସର୍ବାଧିକ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକଠାରୁ ୨୧ ପ୍ରତିଶତ ଅଧିକ। ୨୦୧୩ରେ ସର୍ବାଧିକ ବର୍ଷା ଯୋଗୁ କେଦାରନାଥରେ ପ୍ରଳୟଙ୍କରୀ ବନ୍ୟା ହୋଇଥିଲା। ଚଳିତ ମାସରେ ଉତ୍ତରଭାରତରେ ଭୀଷଣ ବୃଷ୍ଟିପାତ ସଂଖ୍ୟା ସର୍ବାଧିକ ରହିଛି। ଅଗଷ୍ଟ ୨୫ ସୁଦ୍ଧା ୨୧ଟି ଭୀଷଣ ବର୍ଷା ଘଟିଲାଣି, ଯାହା ଗତବର୍ଷ ତୁଳନାରେ ୫୦% ଅଧିକ। ଗତବର୍ଷ ଅଗଷ୍ଟରେ ଏଭଳି ୧୪ ଥର ପ୍ରବଳ ବର୍ଷା ହୋଇଥିଲା। ୨୪ ଘଣ୍ଟା ମଧ୍ୟରେ ୨୦୪.୫ ମି.ମି.ରୁ ଅଧିକ ବର୍ଷା ହେଲେ ଏହାକୁ ଅତ୍ୟଧିକ ପ୍ରବଳ ବୃଷ୍ଟିପାତ ଭାବେ ରେକର୍ଡ କରାଯାଇଥାଏ।

### ପଞ୍ଜାବରେ ବନ୍ୟା: ସ୍କୁଲରେ ଫସିଛନ୍ତି ୪୦୦ ଛାତ୍ରୀଛାତ୍ର

ଗୁରଦାସପୁର,୨୭।୮

ପଞ୍ଜାବର ଗୁରଦାସପୁରରେ ବନ୍ୟା ଯୋଗୁ ଡାବୁରିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ୪୦୦ ଛାତ୍ରୀଛାତ୍ର ଓ ଶିକ୍ଷକ ଫସିରହିଛନ୍ତି। ସ୍କୁଲ ବିଲ୍ଡିଂର ତଳମହଲା ବନ୍ୟା ପାଣିରେ ୪ ଫୁଟ୍ ବୁଡ଼ିରହିଥିବାରୁ ପିଲାମାନେ ପ୍ରଥମ ମହଲାରେ ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ସେନା ଯବାନଙ୍କୁ ମୁତୟନ କରାଯାଇଛି। ପ୍ରବଳ ବର୍ଷା ଲାଗିରହିଥିବାରୁ ରାଜ୍ୟର ସମସ୍ତ ସ୍କୁଲ୍‌କୁ ୩୦ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି। ସୀମାନ୍ତ ନଦୀଗୁଡ଼ିକରେ ଜଳସ୍ତର ବଢ଼ିଥିବାରୁ ଅମୃତସର, ପଠାନକୋଟ୍, ଗୁରଦାସପୁର ଏବଂ ତରନତାରନରେ ବନ୍ୟା ଦେଖାଦେଇଛି। ରାବି ନଦୀରେ ବନ୍ୟା ଯୋଗୁ ପାକସ୍ତାନ କର୍‌ତାରପୁରସ୍ଥିତ ଗୁରୁଦ୍ୱାରା ଦର୍ବାର ସାହିବ ୭ ଫୁଟ୍ ପାଣିରେ ବୁଡ଼ିରହିଛି।

# ଜଣଙ୍କୁ ନୁହେଁ, ଗଣଙ୍କୁ ଗୁରୁତ୍ୱ ଦିଅନ୍ତୁ ନବୀନ: ବଦ୍ରି

## ପାଣ୍ଡିଆନଙ୍କ ବିରୋଧରେ ବିକ୍ଷୋଦ୍‌ଗାର

ଭୁବନେଶ୍ୱର,୨୭।୮
(ରବିନାରାୟଣ ଜେନା)

ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି)ର ପରାଜୟ ପରେ ଦଳରେ ବିଶୃଙ୍ଖଳା ଲାଗିରହିଛି। କେତେବେଳେ ପ୍ରତ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରକୁ ବରିଷ୍ଠ ନେତା ଅଙ୍ଗୁଳି ଉଠାଉଛନ୍ତି ତ ଆଉ କେତେବେଳେ ପରୋକ୍ଷରେ ବାଣ ମାରୁଛନ୍ତି। ନିକଟରେ ଦଳର ବରିଷ୍ଠ ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କେତେଜଣ ବରିଷ୍ଠ ନେତା ଅସୁସ୍ଥ ନବୀନବାବୁଙ୍କୁ ହସ୍ପିଟାଲ୍‌ରେ ସାକ୍ଷାତ୍ କରିବାକୁ ଯାଇଥିବାବେଳେ ସେମାନଙ୍କୁ ସୁଯୋଗ ମିଳି ନ ଥିଲା। ଏହାକୁ ଦଳର ନେତା ଓ କର୍ମୀମାନେ ହଜମ କରିପାରୁନାହାନ୍ତି। ରାଜନୀତିରୁ ସନ୍ନ୍ୟାସ ନେଇଥିବା ଭୈରବ କାର୍ତ୍ତିକ ପାଣ୍ଡିଆନଙ୍କୁ ଦଳର ସଭାପତି ଗୁରୁତ୍ୱ ଦେଉଥିବାରୁ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏପରି କି ଦଳ ବିଭାଜନ ଆଡ଼କୁ ମୁହାଁଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।



ବଦ୍ରି ନାରାୟଣ ପାତ୍ର

ଏହି ପ୍ରସଙ୍ଗରେ ପୂର୍ବରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ପ୍ରଶ୍ନ ଉଠାଇଥିବାବେଳେ ବୁଧବାର ଗଣେଶ ଚତୁର୍ଥୀରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ବଦ୍ରି ନାରାୟଣ ପାତ୍ର ନବୀନଙ୍କୁ ଟେର୍ଛା ବାଣ ମାରିଛନ୍ତି। ସେ କହିଛନ୍ତି, ସାଧାରଣ ନିର୍ବାଚନରେ ନବୀନ ଲୋକ ତଥା ଭୋଟରଙ୍କୁ ଗୁରୁତ୍ୱ ଦେଲେନାହିଁ ବୋଲି ଦଳର ପରାଜୟ ହେଲା। ଗଣତନ୍ତ୍ରରେ ଲୋକମାନେ ହେଲେ ସର୍ବେସର୍ବା। ସେମାନଙ୍କୁ ନେଇ ଦଳ ଆଗକୁ ବଢ଼ିବା କଥା। ମାତ୍ର ନବୀନ ବାବୁ ଗଣଙ୍କୁ ନୁହେଁ, ଜଣଙ୍କୁ ଗୁରୁତ୍ୱ ଦେଉଛନ୍ତି, ଯେଉଁଥିପାଇଁ ଖାଲି ବରିଷ୍ଠ ନେତା ନୁହନ୍ତି, ତୃଣମୂଳସ୍ତରର ଲୋକେ ମଧ୍ୟ ଅସନ୍ତୁଷ୍ଟ ହେଉଛନ୍ତି। ସାଧାରଣ ନିର୍ବାଚନ ବେଳେ କିଛି ଲୋକଙ୍କ ମତ ଅନୁକୂଳ ହେଲାନି। ଲୋକେ ଯେମିତି ଚାହୁଁଥିଲେ ସେମିତି ହେଲାନି, ଯାହା ଫଳରେ ଲୋକେ ଓଲଟାଇଦେଲେ। ଲୋକ ହେଉଛନ୍ତି ଅଲ୍‌ଟିମେଟ୍ ଜଜ୍। ଭୋଟରମାନେ କ'ଣ କହୁଛନ୍ତି, ସେକଥା ଦଳର ସଭାପତି ଓ ନେତୃବୃନ୍ଦ ଜାଣିବା ଆବଶ୍ୟକ। ସେହି ଅନୁସାରେ ନିଜକୁ ପରିବର୍ତ୍ତନ କଲେ ଯାଇ ଦଳ ଆଗେଇପାରିବ। ଲୋକଙ୍କ ଇଚ୍ଛା ବିରୋଧରେ ଯାଇ କେଉଁ ଦଳ ଆଗେଇପାରିନାହିଁ। ଶୀର୍ଷନେତୃତ୍ୱ ଆସ୍ଥା ସୃଷ୍ଟି କରିପାରୁ ନ ଥିବାରୁ ତଳସ୍ତରରେ କର୍ମୀ ଦଳ ଛାଡ଼ିବା ଆରମ୍ଭ କଲେଣି। ସମସ୍ତଙ୍କୁ ସବୁବେଳେ ସାଙ୍ଗରେ ନେଇ ଚାଲିବାର ରହିଛି, ତାହା ହିଁ ବୁଦ୍ଧିମାନ୍‌ର କାମ ହେବ।

ସେ ପୁଣି କହିଛନ୍ତି, ବିଜେଡି ଏକ ଶୃଙ୍ଖଳିତ ଦଳ, ଯାହାକୁ ନେଇ ସାରାଦେଶରେ ବେଶ୍ ଖ୍ୟାତି ରହିଛି। ଲୋକଙ୍କ ମତାମତକୁ ସବୁବେଳେ ସମ୍ମାନ ଦେଇ ନିଷ୍ପତ୍ତି ନିଆଯିବା କଥା। ହେଲେ ବାସ୍ତବ କ୍ଷେତ୍ରରେ ତାହା ହେଉନାହିଁ। ଏହି ଅବସରରେ ସେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, 'ଆଇ ଆମ୍ ଡାଉନ୍ ବଟ୍ ନଟ୍ ଆଉଟ୍' ଅର୍ଥ କ'ଣ ତାହା ମୁଁ ଜାଣେନାହିଁ। ତା'ର ଅର୍ଥ କ'ଣ ଯିଏ କହିଛନ୍ତି ସେ ବୁଝିଥିବେ ଏବଂ ଯାହାକୁ କୁହାଯାଇଛି ସେ ହିଁ ବୁଝିଥିବେ'। ସେ ପ୍ରସଙ୍ଗରେ ମୁଁ ପଶିବାକୁ ଚାହୁଁନାହିଁ।

ସେହିପରି ସୁଜାତା କାର୍ତ୍ତିକେୟନ ଦଳରେ ଏଣ୍ଟ୍ରି ହୋଇପାରନ୍ତି ପ୍ରଶ୍ନର ଉତ୍ତରରେ ବଦ୍ରି କହିଛନ୍ତି, ତାଙ୍କୁ ଦଳ ସ୍ୱାଗତ କରିବ। ବିଜେଡି ଏକ ସମୁଦ୍ର, ଅଧିକ ଲୋକ ଗ୍ରହଣ କରିବାକୁ କ'ଣ ଦଳରେ ଜାଗା ନାହିଁ କି? କିନ୍ତୁ କିଏ କିଭଳି ରହୁଛି, କିଏ କ'ଣ କରିବା କଥା, କି ଦାୟିତ୍ୱ ନେବା କଥା ତାହା ସଭାପତି ଗୁରୁତ୍ୱ ଦେବାର ରହିଛି। ଦଳ ବଢ଼ିଲେ ବିବାଦ ବଢ଼ିବ, ଏହା କିଛି ନୂଆକଥା ନୁହେଁ। କିନ୍ତୁ କଥା ହେଉଛି ସମସ୍ତେ ନିଜ ସୀମା ଜାଣିବା ଦରକାର। ମୋର ଦାୟିତ୍ୱ କ'ଣ ତାହା ବୁଝିଲେ ହିଁ ସବୁ ଠିକ୍ ହେବ ଏବଂ ଦଳ ଶୃଙ୍ଖଳିତ ଭାବେ ଚାଲିବ। ଆଉ ଯଦି ସୀମା ଟପିବା, ତାହାଲେ ଦ୍ୱନ୍ଦ୍ୱ ବଢ଼ିବ। ବର୍ତ୍ତମାନ ଯେଉଁ ଦ୍ୱନ୍ଦ୍ୱ ଉପୁଜିଛି, ସେଥିପାଇଁ ଦଳରେ ଯେଉଁମାନେ ବର୍ତ୍ତମାନ ଦାୟିତ୍ୱ ନେଉଛନ୍ତି ସେମାନେ ବୁଝିବା ଦରକାର। ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ତଳସ୍ତରରେ କେତେ ଗ୍ରହଣୀୟ ହେଉଛି, ତାହାର ସମୀକ୍ଷା କରିବା ଆବଶ୍ୟକ। ସବୁକଥାର ପରୀକ୍ଷା ଗ୍ରାଉଣ୍ଡଲେଭଲରେ ହେବା ଆବଶ୍ୟକ ବୋଲି ବଦ୍ରି କହିଛନ୍ତି।

# ସ୍ପାଏ କ୍ୟାମେରା ନେଇ ଶ୍ରୀମନ୍ଦିରରେ ପଶିଲେ ଭକ୍ତ

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପ୍ରଶାସନ

ପୁରୀ,୨୭।୮
(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସୁରକ୍ଷା ବଳୟ ଭେଦି ଜଣେ ବଙ୍ଗୀୟ ଭକ୍ତ ବୁଧବାର ସ୍ପାଏ କ୍ୟାମେରା ନେଇ ଫଟୋ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଛି। ତେବେ ଏହା ପ୍ରଥମ ଘଟଣା ନୁହେଁ। ଏହାକୁ ମିଶାଇ ୪ ଥର ଏଭଳି ଘଟିଲାଣି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏଭଳି ଘଟଣାର ପୁନରାବୃତ୍ତି ଦେଖିବାକୁ ମିଳୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳର ଅରୂପ ରାୟ (୩୧) ପରିବାର ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ। ଦର୍ଶନ ପାଇଁ ଯିବାବେଳେ ସେ ଚଷମାସଂଯୁକ୍ତ ହିଡେନ୍ କ୍ୟାମେରା ଶ୍ରୀମନ୍ଦିରକୁ ନେଇ ପ୍ରବେଶ କରିଥିଲେ। ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତରେ ସୁଟିଂ କରୁଥିବା ବେଳେ ମନ୍ଦିର ସୁରକ୍ଷା କର୍ମୀ ସନ୍ଦେହ କରିଥିଲେ। ଯାଞ୍ଚ ପରେ ସମ୍ପୃକ୍ତ ବ୍ୟକ୍ତି ହିଡେନ୍ କ୍ୟାମେରାରେ ଶ୍ରୀମନ୍ଦିର ଭିତର ଭିଜୁଆଲ ନେଉଥିବା ଜଣାପଡ଼ିଥିଲା। ସୁରକ୍ଷା କର୍ମୀମାନେ ତାଙ୍କୁ ପ୍ରଥମେ ଗାରଦ ଓ ପରେ ସିଂହଦ୍ୱାର ଥାନାକୁ ନେଇଥିଲେ। ତାଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖି ତାଙ୍କୁ ପଚରାଉଚରା କରାଯାଉଛି। ଏନେଇ ସିଂହଦ୍ୱାର ଥାନା ପକ୍ଷରୁ ଏକ କେସ୍ (ନଂ. ୧୩୧/୨୫) ରୁଜୁ ହୋଇଛି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଆଗରୁ ମଧ୍ୟ ହିଡେନ କ୍ୟାମେରା ନେଇ ଶ୍ରୀମନ୍ଦିରକୁ ଯିବା ପାଇଁ ଭକ୍ତଙ୍କୁ ବାରଣ ଓ ସଚେତନ କରାଯାଇଛି। ଷ୍ଟାଫ୍ ଓ ସମସ୍ତ କର୍ମଚାରୀଙ୍କୁ ଆଲର୍ଟରେ ରଖାଯାଇଥିଲା। ତେଣୁ ବୁଧବାର ପଶ୍ଚିମବଙ୍ଗର ଜଣେ ବ୍ୟକ୍ତି ଚଷମାରେ ସ୍ପାଏ କ୍ୟାମେରା ଲଗାଇ ଶ୍ରୀମନ୍ଦିରକୁ ଯାଇଥିବାବେଳେ ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ତଦନ୍ତ ପରେ ଯାହାକିଛି ପଦକ୍ଷେପ ନିଆଯିବ।

ଉଲ୍ଲେଖ ଥାଉକି, ଚଳିତ ବର୍ଷ ଜାନୁଆରୀ ୫ରେ ଡ୍ରୋନ ଏବଂ ୧୨ ତାରିଖରେ ଶ୍ରୀମନ୍ଦିର ଭିତର ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପ୍ରଘଟ କରାଯିବା ଘଟଣାରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଥିଲା। ପରେ ଜାନୁଆରୀ ୧୯ରେ ଶ୍ରୀମନ୍ଦିର ଗର୍ଭଗୃହର ସମ୍ବେଦନଶୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହୋଇଥିବା ଦେଖିବାକୁ ମିଳିଥିଲା। ବୃନ୍ଦାବନର ବାଙ୍କେ ବିହାରୀ ଅନନ୍ତ ନାମକ ବ୍ୟକ୍ତି ନିଜ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ଗର୍ଭଗୃହର ଭିଡିଓ ପ୍ରଘଟ କରିଥିବା ଦେଖିବାକୁ ମିଳିଥିଲା। ଏହି ୩ଟି ଘଟଣାରେ ପୋଲିସ ପୃଥକ ମାମଲା ରୁଜୁ କରି ତଦନ୍ତ କରିଥିଲା। କିନ୍ତୁ ୩ଟି ଘଟଣା ମଧ୍ୟରୁ କେବଳ ବାଙ୍କେ ବିହାରୀ ଅନନ୍ତ ଫେବୃଆରୀ ୧୯ରେ ସିଂହଦ୍ୱାର ଥାନାରେ ହାଜର ହୋଇଥିଲେ। ଅଦ୍ୟାବଧି ଉପରୋକ୍ତ ଘଟଣାରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ। ଶ୍ରୀମନ୍ଦିର ଭିତରକୁ କ୍ୟାମେରାଯୁକ୍ତ ଚଷମା ପିନ୍ଧି ଭିଡିଓ ଉତ୍ତୋଳନ କରିବାର ଚେଷ୍ଟା ପୂର୍ବରୁ ପ୍ରାୟ ୩ଥର ହୋଇସାରିଛି। ଜିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ମଙ୍ଗଳବାର ନୂଆ ଏସ୍‌ପି ପ୍ରତୀକ ସିଂ କାର୍ଯ୍ୟରେ ଯୋଗଦାନ କରିଥିବାବେଳେ ଏହି ଘଟଣା ତାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବାରମ୍ବାର ଶ୍ରୀମନ୍ଦିର ଭିଡିଓ ଓ ଫଟୋ ପ୍ରଘଟ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ଭାବାବେଗରେ ଆଘାତ ଲାଗୁଛି।



ଭୁବନେଶ୍ୱର କୃଷି ଶିକ୍ଷା ସଦନଠାରେ ବୁଧବାର ନୂଆଁଖାଇ ପର୍ବ ଉପଲକ୍ଷେ ସିଏମ୍ କିଷାନ ସହାୟତାର ତୃତୀୟ କିସ୍ତି ପ୍ରଦାନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ, ବିଭାଗୀୟ ସଚିବ ଏବଂ ଅନ୍ୟମାନେ।

# କୋଣାର୍କ ଢାଞ୍ଚାରେ ହେବ ମା' ତାରିଣୀଙ୍କ ପୀଠ ସୌନ୍ଦର୍ଯ୍ୟକରଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୮
(ରବିନାରାୟଣ ଜେନା)



ଘଟଗାଁ ମା' ତାରିଣୀ ପୀଠ ମନ୍ଦିରର ବିଭିନ୍ନ ମଣ୍ଡପ, ବ୍ୟାଖାନ କେନ୍ଦ୍ର କୋଣାର୍କ ଢାଞ୍ଚାରେ ନିର୍ମାଣ କରାଯିବ। ଏହାସହ ମା'ଙ୍କ ପୀଠରେ ୩ ପଟୁ ରାସ୍ତା ସଂଯୋଗୀକରଣ ଓ ଉନ୍ନତୀକରଣ କରାଯିବ ବୋଲି ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା' ତାରିଣୀଙ୍କ ପୀଠରେ ସମନ୍ୱିତ ବିକାଶ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ, ଘଟଗାଁ ମା' ତାରିଣୀ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ୨୧୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ବୈଠକରେ ମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳର ବିକାଶ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତାମତ ନିଆଯାଇଥିଲା। ଭକ୍ତ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ମନ୍ଦିର ଚତୁଃପାର୍ଶ୍ୱର ଉନ୍ନତି ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ମତାମତ ନେବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରୁ ଜଣାପଡ଼ିଛି, ମା'ଙ୍କ ମନ୍ଦିରକୁ ହରିଚନ୍ଦନପୁର ପଟୁ, କେନ୍ଦୁଝର ପଟୁ ଏବଂ ପାଣିକୋଇଲି ପଟୁ ତିନୋଟି ରାସ୍ତାର ବିକାଶ କରାଯିବ। ଏହି ତିନୋଟି ରାସ୍ତାରେ ପାର୍କିଂ, ଭୋଗ ଦୋକାନ ଏବଂ ଅନ୍ୟାନ୍ୟ ଯାତ୍ରୀ ସୁବିଧା ମଧ୍ୟ ଉପଲବ୍ଧ କରାଯିବ। ସମସ୍ତ ରାସ୍ତାରେ ସୁଦୃଶ୍ୟ ତୋରଣ ନିର୍ମାଣ କରାଯିବ। ମନ୍ଦିର ନିକଟରେ ଏକ ବଡ଼ ଯଜ୍ଞମଣ୍ଡପ ତଥା କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ। ମା'ଙ୍କ ମହିମା ଓ ମା'ଙ୍କ ପୀଠ ସ୍ଥାପନର କିମ୍ବଦନ୍ତୀକୁ ପ୍ରଦର୍ଶିତ କରିବା ପାଇଁ କୋଣାର୍କ ଢାଞ୍ଚାରେ ଏକ ବଡ଼ ବ୍ୟାଖ୍ୟାନ କେନ୍ଦ୍ର ନିର୍ମାଣ କରାଯିବ। ଏଥିସହ ମନ୍ଦିର ନିକଟରେ ପ୍ରସ୍ତାବିତ ଯାତ୍ରିନିବାସର ଭବିଷ୍ୟତ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା।

ଉକ୍ତ ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ପାଇଁ ୨୪୦ କୋଟି

## ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ

ଭୁବନେଶ୍ୱର,୨୭।୮ (ଅନୁରାଧା ମହାରଣା)

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସମେତ ୩ଟି ରାଜ୍ୟକୁ କେନ୍ଦ୍ର ସରକାର ପଞ୍ଚଦଶ ଅର୍ଥ ଆୟୋଗଙ୍କ ୨୮୪ କୋଟି ଟଙ୍କାର ଏକୀକୃତ ଅନୁଦାନ ପ୍ରଦାନ କରିଛନ୍ତି। ଗ୍ରାମୀଣ ସ୍ଥାନୀୟ ସଂସ୍ଥା ବା ଗ୍ରାମପଞ୍ଚାୟତ ଓ ବ୍ଲକ ପଞ୍ଚାୟତଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଅନୁଦାନ ଦିଆଯାଇଛି। ଓଡ଼ିଶାକୁ ୨୪୦.୮୧୪୯ କୋଟିଟଙ୍କା ଆବଣ୍ଟନ ହୋଇଛି। ଏହି ଅର୍ଥରାଶି ରାଜ୍ୟର ୬୦୮୫ଟି ଯୋଗ୍ୟ ଗ୍ରାମପଞ୍ଚାୟତ ଏବଂ ୬୩ଟି ବ୍ଲକ ପଞ୍ଚାୟତକୁ ଯୋଗାଇ ଦିଆଯାଇଛି। ଏହାବ୍ୟତୀତ ମିଜୋରାମକୁ ୧୪.୨୭୬୧ କୋଟି ଏବଂ ତ୍ରିପୁରାକୁ ୨୯.୭୫ କୋଟି ଟଙ୍କାର ଅନୁଦାନ ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଏକୀକୃତ ଅନୁଦାନର ଅଂଶବିଶେଷ ଭାବେ ଏହି ଅର୍ଥରାଶି ଦିଆଯାଇଛି। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆର୍‌ଏଲ୍‌ବି)/ପଞ୍ଚାୟତିରାଜ ପ୍ରତିଷ୍ଠାନ (ପିଆର୍‌ଆଇ) ପାଇଁ ରାଜ୍ୟଗୁଡ଼ିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଜାରି କରିବାକୁ ସୁପାରିସ କରିଥାନ୍ତି। ଗୋଟିଏ ବର୍ଷରେ ୨ଟି କିସ୍ତି ଆକାରରେ ଏହି ଆବଣ୍ଟିତ ଅନୁଦାନ ସୁପାରିସ କରାଯାଇଥାଏ। ସମ୍ବିଧାନର ଏକାଦଶ ସୂଚୀରେ ଉଲ୍ଲିଖିତ ୨୯ ବିଷୟ ଅଧୀନରେ ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଆର୍‌ଏଲ୍‌ବି/ପିଆର୍‌ଆଇ ଏହି ଅନୁଦାନ ବ୍ୟବହାର କରିବେ। ଏହାକୁ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚରେ ଉପଯୋଗ କରାଯିବ ନାହିଁ। ମୌଳିକ ସେବା ପାଇଁ ଅନୁବନ୍ଧିତ ଅନୁଦାନଗୁଡ଼ିକୁ ଉପଯୋଗ କରାଯାଇପାରିବ। ପାନୀୟଜଳ, ସ୍ୱଚ୍ଛତା, ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା, ବିଶେଷକରି ମାନବ ମଳ ଓ ପଙ୍କ ପରିଚାଳନା ଆଦି ସାମିଲ ରହିଛି।

# ବଣାଇଁରେ ମହାବଳ



ବାଘର ପାଦଚିହ୍ନ।

ବଣାଇଁ,୨୭।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ଅଞ୍ଚଳକୁ ନିକଟରେ ବାମରା ବନଖଣ୍ଡରୁ ଏକ ରୟାଲ ବେଙ୍ଗଲ ଟାଇଗର (ମହାବଳ ବାଘ) ଚାଲିଆସିଥିବା ଦେଖିବାକୁ ମିଳିଛି। ଏହାର ପାଦଚିହ୍ନ ଏବଂ କ୍ୟାମେରାରୁ ମିଳିଥିବା ଫଟୋ ବାଘର ଉପସ୍ଥିତିକୁ ନିଶ୍ଚିତ କରୁଛି। ଏହା ବର୍ତ୍ତମାନ ସୋଲ ରେଞ୍ଜର ଜଙ୍ଗଲ ଓ ଏହା ଚାରିପାଖରେ ଚଳପ୍ରଚଳ କରୁଛି। ମହାବଳ ବାଘ ଖାଦ୍ୟ, ଆଶ୍ରୟ ଏବଂ ପ୍ରଜନନ ପାଇଁ ଏକ ଉପଯୁକ୍ତ ବାସସ୍ଥାନ ଖୋଜୁଥିବା ଅନୁମାନ କରାଯାଉଥିବା ବନ ବିଭାଗ ପକ୍ଷରୁ ପ୍ରେସ୍ ବାର୍ତ୍ତାରେ ସ୍ପଷ୍ଟ କରାଯାଇଛି। ଏଥିନେଇ ବନ୍ୟପ୍ରାଣୀଙ୍କ ଜୀବନକୁ ବିପଦରେ ପକାଉଥିବା କୌଣସି କାର୍ଯ୍ୟ ନ କରିବା ଯଥା ଜଙ୍ଗଲରେ ଫାଶ, ଜିଆଇ ତାର ଏବଂ ଜାଲ ଥିଲେ ତୁରନ୍ତ ହଟାଇବା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରିଛି। ଏହାସହିତ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବିଭାଗ ତରଫରୁ କୁହାଯାଇଛି।

ବଣାଇଁ ବନଖଣ୍ଡର ଜଙ୍ଗଲଗୁଡ଼ିକରେ ମହାବଳ ବାଘ ପାଇଁ ଏକ ଉତ୍ତମ ବାସସ୍ଥାନ ଭାବରେ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ ହେବା ଲାଗି ସମ୍ବଳ ରହିଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ବଣାଇଁ ବନଖଣ୍ଡ ଅନ୍ତର୍ଗତ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ଖଞ୍ଜାଯାଇଥିବା କ୍ୟାମେରାରେ ଅନୁରୂପ ଏକ ବିଶାଳକାୟ ମହାବଳ ବାଘର ଫଟୋ ଚିତ୍ର କଏଦ ହୋଇଥିଲା। ଏବେ ଅଞ୍ଚଳରେ ଅନ୍ୟ ଏକ ମହାବଳ ବାଘକୁ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିବା ଲାଗି ବିଭାଗ ତତ୍ପର ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଘଞ୍ଚ ଜଙ୍ଗଲ ଓ ଉପଯୁକ୍ତ ପରିବେଶ ବ୍ୟାଘ୍ର ଅଭୟାରଣ୍ୟ ପାଇଁ ପ୍ରକୃଷ୍ଟ ଥିବାରୁ ବଣାଇଁ ସମଗ୍ର ଓଡିଶାରେ ଏକମାତ୍ର ଉପଯୁକ୍ତ ବିକଳ୍ପ ଥିବା ଦର୍ଶାଇ ବୁଦ୍ଧିଜୀବୀ ଫୋରମ ବଣାଇଁବନଖଣ୍ଡର ତିନୋଟି ରେଞ୍ଜ ଗୁରୁଣ୍ଡିଆ, ଜର୍ଡା ଓ ସୋଲକୁ ନେଇ ଏକ ଅଭୟାରଣ୍ୟ ସ୍ଥାପନ କରାଯାଉ ବୋଲି ଦାବି କରିଛି।

# ସିଟି ଆଣ୍ଡ୍ ଜିଏସ୍‌ଟି ଆସିଷ୍ଟାଣ୍ଟ କମିଶନର ଗିରଫ

## ଘରୁ ମିଳିଲା ନଗଦ ୧.୪୫ ଲକ୍ଷ ଟଙ୍କା, ୨୨୨ ଗ୍ରାମ୍ ସୁନା


ଭୁବନେଶ୍ୱର,୨୭।୮
(ସତ୍ୟଜିତ୍ ରାଉତ)

ବେକେରି ଶପ୍ ମାଲିକଙ୍କଠାରୁ ୨୫ ହଜାର ଲାଞ୍ଚ ନେବା ମାମଲାରେ ବାଣିଜ୍ୟକର ଏବଂ ଦ୍ରବ୍ୟ ସେବାକର ଭୁବନେଶ୍ୱର-୪ ମଣ୍ଡଳର ଆସିଷ୍ଟାଣ୍ଟ କମିଶନର ସରିତା ବାରିକଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ସରିତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସରିତାଙ୍କ ଘର ଯାଞ୍ଚରୁ ଲକ୍ଷାଧିକ ଟଙ୍କା ଓ ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଠାବ ହୋଇଛି। ତାଙ୍କ ଭୁବନେଶ୍ୱରସ୍ଥିତ ଅଫିସ ଚାମ୍ବର, ବାରିପଦା ଟାଉନସ୍ଥିତ ବୁଢ଼ିଖମାରୀ ଗ୍ରାମସ୍ଥିତ ପୈତୃକ ଘର ଓ ମଧୁସୂଦନ ନଗରସ୍ଥିତ ୟୁନିଟ-୪ ପ୍ଲଟ୍ ନଂ.୫୦ସ୍ଥିତ ଭଡାଘରେ ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ତେବେ ତାଙ୍କ ଭଡାଘରୁ ନଗଦ ୧ ଲକ୍ଷ ୪୫ ହଜାର ଟଙ୍କା, ୨୨୨ ଗ୍ରାମର ସୁନା ଅଳଙ୍କାର ମିଳିଥିବା ବେଳେ ବ୍ୟାଙ୍କ ଓ ଏଫ୍‌ଡି ଆଦିରେ ୬୦ ଲକ୍ଷ ଟଙ୍କାର ଜମାରାଶି ଥିବା ଜଣାପଡିଛି। ଏଥିସହ ସେଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର କ୍ରୟ ସମ୍ପର୍କୀୟ ରସିଦ୍ ଓ ରିଏଲ ଇଷ୍ଟେଟ୍‌ରେ ସମ୍ପତ୍ତି କ୍ରୟ ସମ୍ବନ୍ଧୀୟ ଦସ୍ତାବିଜ୍ ଆଦି ମିଳିଥିବାବେଳେ ଭିଜିଲାନ୍ସ ଏହାକୁ ଯାଞ୍ଚ କରୁଛି। ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କ ପାଖରୁ ଆଉ ସମ୍ପତ୍ତି ଠାବ ହୋଇପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପୂର୍ବରୁ ସରିତାଙ୍କ ବିରୋଧରେ ଅଭିଯୋଗ ଆସୁଥିଲା ବୋଲି ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ୍ ଏସ୍‌ପି ସରୋଜ ସାମଲ କହିଛନ୍ତି।



ଗିରଫ ଆସିଷ୍ଟାଣ୍ଟ କମିଶନର ସରିତା ବାରିକ।

ସୂଚନାଯୋଗ୍ୟ, ଘାଟିକିଆର ବେକେରୀ ଶପ୍ (ସୁଜାତା ଫୁଡ୍ସ) ମାଲିକ ଅଜିତ କୁମାର ସୁବୁଦ୍ଧିଙ୍କୁ ୨୦୨୦-୨୧ ଆର୍ଥିକ ବର୍ଷର ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ରିଭର୍ସାଲ ପାଇଁ ଟ୍ୟାକ୍ସ ଓ ଜରିମାନା ମିଶାଇ ୨.୨୭ ଲକ୍ଷ ଟଙ୍କାର ନୋଟିସ୍ ପଠାଯାଇଥିଲା। ଏପରିକି କିଛିଦିନ ତଳେ ଅଜିତଙ୍କୁ ସରିତା କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରିଥିଲେ। ସେ ସରିତାଙ୍କୁ ଭେଟି ଜରିମାନା କୋହଳ କରିବାକୁ ଅନୁରୋଧ କରିଥିଲେ। ଏଥିପାଇଁ ସରିତା ୨୫ ହଜାର ଟଙ୍କା ଲାଞ୍ଚ ମାଗିବାରୁ ଅଜିତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ମଧୁସୂଦନନଗରସ୍ଥିତ ଏକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ସାମ୍ନାରେ ଅଜିତଙ୍କଠାରୁ ସରିତା ତାଙ୍କ କାର୍ ଭିତରେ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୮/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।



ତାଙ୍କ ଘରୁ ମିଳିଥିବା ଟଙ୍କା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜେକେଏମ୍ ଆୱାର୍ଡସ ଓଡ଼ିଶୀ ସମ୍ମାନ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ ଟା।

## କଟକ

- ବିକଚ ସାହିତ୍ୟ ସଂସଦ, ବଡ଼ମ୍ବା-ନରସିଂହପୁରର ୩୧ତମ ସ୍ୱନକ୍ଷେତ୍ର ଓ ନୂଆଖାଇ ଉତ୍ସବ, ସ୍ଥାନ: ଗ୍ରାମପଞ୍ଚାୟତ ହାଇସ୍କୁଲ, ରତାପାଟ, ବଡ଼ମ୍ବା, ସମୟ: ସକାଳ ୯ଟା।

## ଖୋର୍ଦ୍ଧା

- ଶରଧାପୁର ଫୁଟବଲ ଲିଗ୍, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା

## ବାଲେଶ୍ୱର

- ଶିଶୁ ମନ୍ଦିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:କାଳାହି, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ଏନ୍‌ଏସି ଘୋଷଣା ଦାବିରେ ବିଜେଡିର ବନ୍ଦ ପାଳନ ଓ ପ୍ରତିବାଦ ସଭା, ସ୍ଥାନ: ଆଗରପଡ଼ା, ସମୟ: ସକାଳ ୬ଟା।
- ସିପିଆଇର ଜିଲା ସମ୍ମିଳନୀ, ସ୍ଥାନ: ପୀରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ମୁଫତି ଆଜମଙ୍କ ୩୧ତମ ବାର୍ଷିକ ଉର୍ସ ଉତ୍ସବର ଉଦ୍‌ଯାପନୀ, ସ୍ଥାନ: ମିର୍ଜାପୁର ଖାନକା ହବିବିୟା କୁଢ଼ୁସିୟା, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ଅଗ୍ନିବୀର ବାୟୁ ନିଯୁକ୍ତି, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ସକାଳ ୬ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ନଗର ଉନ୍ନୟନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚିତ୍ରଡ଼ା ଛଉ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର

- ପ୍ରସିଦ୍ଧ କାଲୁଆ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୋଷାଣୀନୂଆଗାଁ, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ରାଷ୍ଟ୍ରଭକ୍ତିର ଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ମେଘମଲ୍ଲାର ୨୦୨୫ (ଭଜନ ସନ୍ଧ୍ୟା), ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଗଣେଶ ପୂଜା ଉପଲକ୍ଷେ ବାଦିପାଲା, ସ୍ଥାନ:ଜାରକା ଗଣେଶପୂଜା ମଣ୍ଡପ ନିକଟ, ସମୟ:ଅପରାହ୍ନ ୫ଟା।

## ନୟାଗଡ଼

- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ; ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଅଷ୍ଟମ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ ବଣିକ ସଂଘ ପକ୍ଷରୁ ଗଜାନନଙ୍କ ପୂଜା ଅବସରରେ ସଂକୀର୍ତ୍ତନ ପରିବେଷଣ, ସ୍ଥାନ: ନୟାଗଡ ବଜାର ଓଡଗାଁ ରୋଡ, ସମୟ: ମଧ୍ୟାହ୍ନ ୧୨ଟା। ପାଲାର ପ୍ରଥମ ଥାକ, ସମୟ: ଅପରାହ୍ନ ୩ଟା ୩୦। ପାଲାର ୨ୟ ଥାକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ପର୍ଯ୍ୟାବରଣ ଦିବସ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଅମଳାଭଟା ଛକ ନିକଟ ଶ୍ରୀକ୍ଷେତ୍ର ଟାଉନଶିପସ୍ଥିତ ନୃସିଂହ ମନ୍ଦିର ପ୍ରାଙ୍ଗଣ, ଜେକେପୁର, ସମୟ: ସକାଳ ୮ଟା ୩୦।
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌର ପରିଷଦ ପୁରୁଷ କର୍ମଚାରୀ, ପରିଷଦ ବୃନ୍ଦ କଣ୍ଟ୍ରାକ୍ଟର ମଧ୍ୟରେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଦୁର୍ଗାପୂଜା ଶୁଭ ଖୁଣ୍ଟି ସ୍ଥାପନ, ସ୍ଥାନ: ଉମରକୋଟ ଗୁଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଇଂରାଜୀ ଭାଷାରେ ଦକ୍ଷତା ହାସଲ ପାଇଁ କର୍ମଶାଳା, ସ୍ଥାନ: ଉମରକୋଟ ଆଦର୍ଶ ବିଦ୍ୟାଳୟ, ସମୟ ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବତ୍ରିଶ ସିଂହାସନ ପୀଠର ଦଶହରା ଲାଗି ମୃତ୍ତିକା ପୂଜା, ସ୍ଥାନ: ନନ୍ଦପୁର ଭିତରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ପୌର ପ୍ରଶାସନ ପକ୍ଷରୁ ହର୍‌ଘର ତ୍ରିରଙ୍ଗା ସହ ୱାର୍ଡସ୍ତରୀୟ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ନୂଆଁଖାଇ ଉପଲକ୍ଷେ ସମଲେଇଙ୍କଠାରେ ନବାନ୍ନ ନୀତି, ସ୍ଥାନ : ସମଲେଇ ମନ୍ଦିର, ସମୟ : ୧୦ଟା ୩୩।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ନବାନ୍ନ ନୀତି, ସ୍ଥାନ : ଦାନିପାଲି ସ୍ଥିତ ମନ୍ଦିର ପରିସର, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଅନ୍ତିମ ନୂଆଁଖାଇ ଭେଟ୍‌ଘାଟ , ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଚିତ୍ରୋତ୍ପଳା ମଣ୍ଡପ, ସମୟ : ରାତି ୭ଟା।
- ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ରାତି ୮ଟା।

## ରାଉରକେଲା

- ଯୁବ ସମାବେଶ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧୬, ସମୟ: ସନ୍ଧ୍ୟା ୬ଟା।
- ଗଜାନନ ପୂଜା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।
- ନୂଆଁଖାଇ ମହୋତ୍ସବ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜଗନ୍ନାଥ ଓ ମା'ସମଲେଇଙ୍କ ଠାରେ ନବାନ୍ନ ଲାଗି, ସ୍ଥାନ: ରାଜବାଟୀ ସ୍ଥିତ ଜଗନ୍ନାଥ ମନ୍ଦିର ଓ ସମଲେଇ ମନ୍ଦିର, ସମୟ ପୂର୍ବାହ୍ନ ୧୦ଟା୩୫।
- ନୂଆଖାଇ ଭେଟ ଘାଟ, ଜୁହାର ଭେଟ, ନାଚଗାନା ଓ କୃଷ୍ଣ ଗୁରୁଭଜନ, ସ୍ଥାନ: ଅବନକେଲା ଗଣେଶ ପୂଜା ମଣ୍ଡପ,ସମୟ: ସନ୍ଧ୍ୟା ୬ଟା।
- ସାମୂହିକ ନୂଆଖାଇ,ସ୍ଥାନ: ଝୁରିମାଲ,ଲେଫ୍ରିପଡା,ସମୟ: ପୂର୍ବାହ୍ନ୧୧ଟାରୁ ଅପରାହ୍ନ୫ଟା।

## କଳାହାଣ୍ଡି

- ଦଧିବାମନ ମନ୍ଦିରରୁ ନବାନ୍ନ ପ୍ରସାଦର ଶୁଭାରମ୍ଭ, ସ୍ଥାନ: ଜୁନାଗଡ଼ ଦଧିବାମନ ମନ୍ଦିର, ସମୟ: ସକାଳ ୯ଟା ୪୮।
- ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ କେଲିଆ, ସମୟ: ସନ୍ଧ୍ୟା ୭ଟା।

## ବୌଦ୍ଧ

- ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା ଭୈରବୀଙ୍କ ନୂଆଖାଇ ଉତ୍ସବ,ସ୍ଥାନ:ମାଭୈରବୀ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ସକାଳ ୯ଟା।
- ଏନ୍‌ଏସି ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚତୁର୍ଥ ଦିବସ,ସ୍ଥାନ:ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ:ଅପରାହ୍ନ ୩ଟା।

## ଦେବଗଡ଼

- ସାର୍ବଜନୀନ ଗଣେଶ ମେଳା, ସ୍ଥାନ:ଦେବଗଡ଼ ସହରସ୍ଥିତ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖୀରି ଭୋଗ ବଣ୍ଟନ, ସ୍ଥାନ: ପ୍ରଧାନପାଟ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।
- ସାର୍ବଜନୀନ ଗଣେଶ ମେଳା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଗୋପବନ୍ଧୁ ଛକ ପୂଜା ପେଣ୍ଡାଲ, ସମୟ: ରାତି ୮ଟା।

## ସୁବର୍ଣ୍ଣପୁର

- ନବାନ୍ନ ଭୋଗ ପାଇଁ ଅଷ୍ଟଚଣ୍ଡୀଙ୍କ ପୀଠକୁ ପାହୁର ଯାତ୍ରା, ସ୍ଥାନ: ସୋନପୁର ସହର ସମଲେଶ୍ୱରୀ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ପାଢ଼ୀ ପରିବାରର ନବାନ୍ନ ଭକ୍ଷଣ, ସ୍ଥାନ: ନୂଆପଡ଼ା ସଦର ଫକୀର ହାଉସ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦଣ୍ଡସେନା ପରିବାରର ନବାନ୍ନ ଭକ୍ଷଣ, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ଯୋଶୀ ପରିବାରର ନବାନ୍ନ ଭକ୍ଷଣ, ସ୍ଥାନ: କୋମନା ବ୍ଲକ ଭେଲା ଗାଁ, ସମୟ: ୧୧ଟା ୧୦।
- ଖଡିଆଳ ଗଡଜାତ ପକ୍ଷରୁ ନୂଆଖାଇ ଲଗ୍ନ ଧାର୍ଯ୍ୟ, ସମୟ: ସକାଳ ୯ଟା ୩୩ରୁ ପୂର୍ବାହ୍ନ ୧୧ଟା ୨୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଚନ୍ଦ୍ରଙ୍କ ଶୁଭପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ସହକର୍ମୀଙ୍କ ସହାୟତାରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅର୍ଥ ସମ୍ପର୍କିତ କଥାବାର୍ତ୍ତା, ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ।

**ବୃଷ** – ରିପୁଭାବସ୍ଥ ଚନ୍ଦ୍ର ହେତୁ ନିଜ ପରିସରରେ ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ। ସ୍ୱାସ୍ଥ୍ୟହାନି କାରଣରୁ ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ବାଧ ହେବେ। ସମ୍ପର୍କୀୟଙ୍କ ଦ୍ୱାରା ପ୍ରତିବନ୍ଧକ ହେତୁ ବ୍ୟବସାୟକୁ ସଙ୍କୁଚିତ କରିନେବେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତରେ ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତା ବଳରେ କାମ ହାସଲ କରିବେ।

**ମିଥୁନ** – ଧନାଧିପ କେନ୍ଦ୍ରସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ପାଇବା ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଉପର ଅଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। ସ୍ତ୍ରୀଙ୍କ ପ୍ରେରଣାରୁ ଉପକୃତ ହେବେ। କୌଣସି ଜିନିଷ ଦେବାକୁ ପ୍ରତଶ୍ରୁତି ଦେଇଥିବା ବନ୍ଧୁ ସାଧାରଣ କଥାରେ ମୁହଁ ଫେରାଇ ନେଇପାରନ୍ତି।

**କର୍କଟ** – କର୍ମକ୍ଷେତ୍ର ସମସ୍ୟାର ସରଳ ସମାଧାନ ହେତୁ ମାନସିକ ସ୍ଥିରତା ଆସିବ। ଶନି ଦୃଷ୍ଟ ମଙ୍ଗଳ ଯୋଗୁ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବାର ଆଶା ରହିଛି। ବ୍ୟବସାୟ, ସଭାସମିତି, ବନ୍ଧୁଙ୍କସହ ଆଲୋଚନା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର ବହୁତ ଭଲ ରହିବ।

**ସିଂହ** – ବୁଧ ଓ ଶୁକ୍ରଙ୍କ ସଂଯୋଗ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି। ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇ ସହକର୍ମୀମାନଙ୍କ ଶୁଭକାର୍ଯ୍ୟରେ ଯୋଗଦେବାର ସୁଯୋଗ ପାଇବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବାକୁ ବାଧ ହେବେ।

**କନ୍ୟା** – ତୃତୀୟଷଷ୍ଠାଧିପଙ୍କ ସ୍ଥିତି କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସଭାସମିତିରେ ଅଥବା କୌଣସି ସିଦ୍ଧାନ୍ତ ନେବାରେ, ବନ୍ଧୁଙ୍କ ବିଚାର ଆପଣଙ୍କ ସପକ୍ଷରେ ରହିପାରେ। ବ୍ୟବସାୟରେ କ୍ଷତିର ଭରଣା କରି ଋଣ ପରିଶୋଧ କରିବେ। ବନ୍ଧୁଙ୍କ ସହ ଆଲୋଚନା କାଳରେ ନୀତିଗତ କାରଣରୁ ପ୍ରଶଂସିତ ହେବେ।

**ତୁଳା** – ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଆଜିର କାମ ପାଇଁ କିଛି ଅସୁବିଧା ହେବନାହିଁ। ଗୁରୁକୃପାରୁ ସହକର୍ମୀମାନଙ୍କ ନିକଟରୁ ନିର୍ଭର ପ୍ରତିଶ୍ରୁତି ଲାଭ କରି ଦୁଶ୍ଚିନ୍ତାର ମାତ୍ରା କମିଯିବ। ପରିବାରର ବୟସ୍କ ବ୍ୟକ୍ତିମାନଙ୍କର ପରାମର୍ଶ ଅନୁଯାୟୀ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ।

**ବିଛା** – ରାଶ୍ୟାଧିପ ମଙ୍ଗଳ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଥିବାରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ମାନସିକ ଶାନ୍ତି ବ୍ୟାହତ ହେବ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ଅନୁଭବ କରିବେ। ପରିବହନ, ଏଜେନ୍ସିପ୍, ହୋଟେଲ, ଷ୍ଟେସନାରି ଓ ବିଦ୍ୟୁତ୍ ବ୍ୟବସାୟରେ ଉନ୍ନତି କରିବେ। ବିଳମ୍ବରେ ପ୍ରଶାସନିକ ସ୍ତରରେ ଏବଂ ପ୍ରକାଶନରେ ଶୁଭଫଳ ପାଇବେ।

**ଧନୁ** – କର୍ମାଧିପ ରାଶିରେ ଥିବାରୁ ପରିସ୍ଥିତିର ତାଡ଼ନାରେ ସ୍ଥାନ ପରିବର୍ତ୍ତନ ଯୋଗ ରହିଛି। ଅବହେଳିତ କାମ ସକାଶେ ଅନୁତାପ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ବାଣିଜ୍ୟ, ସାଂଗଠନିକ କର୍ମ ସମ୍ପାଦନରେ ମୁଖ୍ୟଭୂମିକା ଗ୍ରହଣ କରି ପ୍ରଶଂସିତ ହେବେ।

**ମକର** – ସପ୍ତମକେନ୍ଦ୍ରରେ ଶୁକ୍ରଙ୍କ ଯୋଗୁ ବନ୍ଧୁଙ୍କ ଆହ୍ୱାନ କ୍ରମେ ଦୂରଯାତ୍ରା କରିବା ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ। ପିଲାଙ୍କ ଆଚରଣରେ ପରିବର୍ତ୍ତନଜନିତ ଦୁଃଖ ମନରେ ଆସିପାରେ। ବହୁତ ଦିନରୁ ଅପେକ୍ଷା କରିଥିବା ଜିନିଷ ପ୍ରାପ୍ତି ହେତୁ ଖୁସି ହେବେ। ସାମାଜିକ କ୍ଷେତ୍ରରେ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ଭଲ ଧାରଣା ହ୍ରାସ ପାଇପାରେ।

**କୁମ୍ଭ** – ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା କମି ମନୋବଳ ବୃଦ୍ଧି ପାଇବ। ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା କର୍ମକ୍ଷେତ୍ରରେ ପ୍ରାୟୋଜିତ ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ। ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ପୂର୍ବ କଳହକୁ ମନେପକାଇ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିପାରନ୍ତି।

**ମୀନ** – ଆଜିର ଗ୍ରହସ୍ଥିତିର ସୁପ୍ରଭାବରେ ଆନୁଷ୍ଠାନିକ କାମରେ ବନ୍ଧୁମିଳନ ହେତୁକ ଆନନ୍ଦ ଲାଭ କରିବେ। ସରକାରୀ ସ୍ତରରେ ପାଇଥିବା ପ୍ରତିଶ୍ରୁତିର ସବୁଜସଙ୍କେତ ପାଇ ଆନନ୍ଦ ଅନୁଭବ କରିବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ମିତ୍ରବନ୍ଧୁମାନେ ଅସହଯୋଗ କରିପାରନ୍ତି।

ଆଜି ପଶ୍ଚିମ ଓଡ଼ିଶାର ନୂଆଁଖାଇ ପର୍ବ, ଅଗଷ୍ଟ ୨୮ ତାରିଖ, ଭାଦ୍ରବ ଶୁକ୍ଳ ୫ମୀ ଗୁରୁବାର। ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ଦିବସ, ଶ୍ରୀମନ୍ଦିରରେ ଋଷିପଞ୍ଚମୀ ଓ ଦାହଲୀଳା, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନ ମନରେ କ୍ଷତ୍ର-ଦିବା ଘ.୦୮.୪୩ ମି. ଗତେ ସ୍ୱାତୀ/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୩ ମି. ଗତେ. ଘ.୦୭.୧୩ମି. ମଧ୍ୟେ, ଘ.୧୦.୩୩ମି. ଗତେ ଘ.୦୧.୦୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୧ମି. ଗତେ ଘ.୦୨.୫୪ମି. ମଧ୍ୟେ ରାହୁକାଳ।

# ଠିକାସଂସ୍ଥା ଓ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ : ବିଜେଡି

## କଟକ ରେଳଷ୍ଟେଶନ ପ୍ଲାଟ୍‌ଫର୍ମ ଛାତ ଭୁଶୁଡ଼ିବା ଘଟଣା

ଭୁବନେଶ୍ୱର,୨୭।୮ (ରବିନାରାୟଣ ଜେନା)

କଟକ ରେଳଷ୍ଟେଶନର ପ୍ଲାଟ୍‌ଫର୍ମ-୧ରେ ଥିବା ଛାତ ଭୁଶୁଡ଼ିପଡ଼ିବା ଦୁର୍ଭାଗ୍ୟଜନକ। ଏହି ଘଟଣାରେ ସଂପୃକ୍ତ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜୁ ଜନତା ଦଳ(ବିଜେଡି) କହିଛି। ଦୁର୍ଘଟଣା ଅଞ୍ଚଳ ଗସ୍ତକରି କଟକ-ଚୌଦ୍ୱାର ବିଜେଡି ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ରେଲୱେ ଓ ଠିକାସଂସ୍ଥାର ଦାୟିତ୍ୱହୀନତା ଏବଂ ସୁରକ୍ଷା ପ୍ରତି ଧ୍ୟାନ ନ ଦେବା ଫଳରେ ଏଭଳି ଦୁର୍ଘଟଣା ଘଟିଛି। କଟକ ଭଳି ବ୍ୟସ୍ତବହୁଳ ରେଳଷ୍ଟେଶନର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିବା ଫଳରେ ସାଧାରଣ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଥର ଗତିରେ ଚାଲୁଥିବା ଏହି କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ରେଳ ମନ୍ତ୍ରଣାଳୟ ଧ୍ୟାନଦେବା ଆବଶ୍ୟକ। ଠିକାସଂସ୍ଥାର ବେପରୁଆ ମନୋଭାବ ଯୋଗୁ ଏଭଳି ଘଟିଛି। ଘଟଣାରେ ଜଣେ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହାର ଯେଭଳି ପୁନରାବୃତ୍ତି ନ ହେବ ସେଥିପାଇଁ ବିଭାଗ ସତର୍କ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। କଟକ ମେୟର ସୁବାସ ସିଂ ଓ ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ ଏହି ଗସ୍ତରେ ସାମିଲ ଥିଲେ।

# କେରଳରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ମୃତଦେହ ଗାଁକୁ ଆଣିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ପରିବାରର ନିବେଦନ

ନିମାପଡ଼ା,୨୭।୮ (ବିଚିତ୍ରାନନ୍ଦ ସାହୁ)

କେରଳରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା ନିମାପଡ଼ା ବ୍ଲକ ବଡ଼ମାଛପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ମାଛପୁର ଗ୍ରାମର ବିଜୟ ନାୟକ (୪୮)। ସେ ଗତ ଦୁଇବର୍ଷ ହେଲା କେରଳର ଏକ ମାଛ ଫାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିବାରୁ ମଙ୍ଗଳବାର ସେ ନିଜ ଘରକୁ ଫେରୁଥିଲେ। ତେବେ ପାଲଘାଟ ଷ୍ଟେଶନ ନିକଟରେ

ତାଙ୍କ ଦେହ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ଷ୍ଟେଶନ କର୍ମଚାରୀ ଓ ପୋଲିସ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏ ନେଇ ତାଙ୍କ ପରିବାର ଓ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ବିଜୟଙ୍କ ମୃତଦେହକୁ କେରଳରୁ ଗ୍ରାମକୁ ଫେରାଇ ଆଣିବାକୁ ପିତା ହିନା ନାୟକ, ମାତା ସୁଲଭ ନାୟକ, ସ୍ତ୍ରୀ ପ୍ରମିଳା ନାୟକ, ଝିଅ ଲିଜା ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ଭାଇ ଅଜୟ ନାୟକ, ଗ୍ରାମବାସୀ ପ୍ରତାପ ପରିଡା, ବଳରାମ ସାହୁ, ରାଧାକାନ୍ତ ପୃଷ୍ଟି, ବିପିନ ପ୍ରଧାନ, ପ୍ରଭାତ ପ୍ରଧାନ, କ୍ଷୀରୋଦ ଜେନା, ବାମଦେବ ପ୍ରଧାନ, ଅନ୍ନଦା ପ୍ରସାଦ ପୃଷ୍ଟି ପ୍ରମୁଖ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଆକୁଳ ନିବେଦନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବିଜୟଙ୍କ ମୃତଦେହକୁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ସେ ଶ୍ରମ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଶ୍ରମ ବିଭାଗର ତିନିଜଣ ଅଧିକାରୀ ବିଜୟଙ୍କ ଘରେ ପହଞ୍ଚି ତାଙ୍କ ପରିବାର ସହ ଆଲୋଚନା କରିଛନ୍ତି। ଗୁରୁବାର ବିଜୟଙ୍କ ମୃତଦେହ ତାଙ୍କ ଗ୍ରାମରେ ପହଞ୍ଚିବ ବୋଲି ପରିବାର ବର୍ଗଙ୍କ ସୂତ୍ରରୁ ଜଣାପଡ଼ିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହାତ ଅଳସେ ନିଶ ବଙ୍କା,**
**ନିଶ କହେ ମତେ ଖଉରି ପକା ।**

ଏତେ ଅଳସୁଆ ଯେ ନିଜ ନିଶ ସଳଖ କରିବା ପାଇଁ ବେଳ ନ ପାଇବା। ଅଳସୁଆ ପାଇଁ ସବୁ ଭଲ କଥା ମନ୍ଦ ହୋଇଯାଏ। ପରୋକ୍ଷରେ ଅପଦାର୍ଥ ବ୍ୟକ୍ତି ଦ୍ୱାରା କୌଣସି ଗଠନମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହାତରେ ନାହିଁ ଧନ,**
**ପୁଅ ବାହାକରି ମନ।**

ସାଧାରଣତଃ ବାହାପୁଆଣି କଲେ ଭୋଜିଭାତ ଦେବା ନେଇ ଅନେକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏପରି ସ୍ଥଳେ ହାତରେ ଧନ ନ ଥିବା ବ୍ୟକ୍ତି ଏଥିପ୍ରତି ମନ ବଳେଇବା ଉଚିତ ହୋଇ ନ ଥାଏ। ହାତରେ ପଇସା ନ ଥାଇ ବଡ଼ ବଡ଼ କଥା କରିବା ପାଇଁ ଚିନ୍ତା କରିବା ବା ବହୁ ଖର୍ଚ୍ଚ କରିବା ଲାଗି ଅଗ୍ରସର ହେବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## କଟକ ରେଳ ...

ପୁରୁଣା ନିର୍ମାଣଗୁଡ଼ିକ ଦୁର୍ବଳ ହୋଇଥିବା କାରଣରୁ ଏଭଳି ହୋଇଛି। ତେବେ ପ୍ଲାଟଫର୍ମ ଭୁଶୁଡ଼ି ପଡ଼ିବା ପରେ ରାତି ୯ଟା ପର୍ଯ୍ୟନ୍ତ ୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପ୍ଲାଟଫର୍ମ ଉପରୁ ସଫେଇ କାର୍ଯ୍ୟ ଚାଲିଥିଲା। ଏସମ୍ପର୍କରେ ସୂଚନା ପାଇବା ପରେ କଟକ ସଦର ବିଧାୟକ ପ୍ରକାଶ କୁମାର ସେଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ପୋଲିସ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ସମେତ ଏନ୍‌ଡିଆରଏଫ୍ ଟିମ୍ ଓ ରେଲୱେର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରେଲୱେ ଖୋର୍ଦ୍ଧାରୋଡ୍ ଡିଭିଜନର ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର ପ୍ରଦୀପ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଭଙ୍ଗା ଓ ସଫେଇ କାର୍ଯ୍ୟ ତଦାରଖ କରୁଛନ୍ତି।

## ଅନ୍ନଦାତାଙ୍କ ଉନ୍ନତିରେ ...

କୃଷକ ପରିବାର, ଜନଜାତି ସମୂହ ଓ ସହରାଞ୍ଚଳର କୃଷକଙ୍କୁ ଡିବିଟି ମାଧ୍ୟମରେ ୧୦୪୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଆସିବାମାତ୍ରେ ଚାଷୀମାନଙ୍କ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାରକୁ ନେଇ ପ୍ରଥମ କ୍ୟାବିନେଟ୍‌ରେ ସମୃଦ୍ଧ କୃଷକ ଯୋଜନାକୁ ଅନୁମୋଦନ ଦେଇଥିଲେ। ଏଣୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ରେକର୍ଡ ୯୨ ଲକ୍ଷ ୬୩ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲା। କେବଳ ଏହି ଗୋଟିଏ ପଦକ୍ଷେପରୁ ପଞ୍ଜୀକୃତ ଚାଷୀଙ୍କ ବାର୍ଷିକ ଆୟରେ ଅତିକମ୍‌ରେ ୩୮ ହଜାର ଟଙ୍କା ଯୋଡ଼ି ହୋଇଛି। ଏଥିରେ ସୁଭଦ୍ରା ଯୋଜନାର ୧୦ ହଜାର ଏବଂ ପିଏମ୍ ଓ ସିଏମ୍ କିଷାନର ୧୦ ହଜାର ଟଙ୍କାକୁ ମିଶାଇଲେ ସେମାନଙ୍କ ବାର୍ଷିକ ଆୟ ଅତିକମ୍‌ରେ ୫୮ ହଜାର ଟଙ୍କା ବୃଦ୍ଧି ପାଇଛି। କାରଣ ପ୍ରତ୍ୟେକ ସୁଭଦ୍ରା ହିତାଧିକାରୀ ଚାଷୀ ପରିବାରର। ଏହା ଆମ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପରିବର୍ତ୍ତିତ ଜଳବାୟୁ ତଥା ବିଳମ୍ବିତ ମୌସୁମୀର ସମ୍ମୁଖୀନ ହୋଇ ନିଶ୍ଚିତ ଫସଲ ଅମଳ ପାଇବା ପାଇଁ ଫସଲ ବିବିଧିକରଣ ଭଳି ଯୋଜନା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଆଳୁ ଓଡ଼ିଶାର ପ୍ରମୁଖ ପରିବା ଫସଲ ମଧ୍ୟରୁ ଅନ୍ୟତମ ଏବଂ ଆଳୁ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ୩ ହଜାର ୧୧୫ କ୍ଲଷ୍ଟରରେ ୩୬ ହଜାରରୁ ଅଧିକ ଚାଷୀ ସଚେତନତା କାର୍ଯ୍ୟକ୍ରମ କରାଯାଇ ପ୍ରାୟ ୧ ଲକ୍ଷ ହିତାଧିକାରୀଙ୍କୁ ଆଳୁଚାଷରେ ସାମିଲ କରାଯାଇଛି। ଗତବର୍ଷ ରାଜ୍ୟର ସମସ୍ତ ଜିଲାରେ ୧ ଲକ୍ଷ ୬୦ ହଜାର ୮୭୪ କୁଇଣ୍ଟାଲର ପ୍ରାମାଣିକ ଆଳୁବିହନ ବଣ୍ଟନ କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ୩ ଗୁଣ ଅଧିକ। ରାଜ୍ୟରେ ଶୀତଳଭଣ୍ଡାର ସ୍ଥାପନ ନିମନ୍ତେ ଆର୍ଥିକ ସହାୟତା ଯୋଜନା ୨୦୨୫ ଜାନୁଆରୀରେ କାର୍ଯ୍ୟକ୍ଷମ କରାଯାଇଛି। ଶୀତଳଭଣ୍ଡାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ପ୍ରତ୍ୟେକ ଉପଖଣ୍ଡସ୍ତରରେ ଗୋଟିଏ ଲେଖାଏ ଶୀତଳଭଣ୍ଡାର ଘରୋଇ ସହଭାଗିତାରେ ପ୍ରତିଷ୍ଠା କରାଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର ୪୦୬ଟି ପ୍ରକଳ୍ପକୁ ୧୮୮ କୋଟି ୩୪ ଲକ୍ଷ ଟଙ୍କାର ରିହାତି ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଏହି ଅବସରରେ ଓୟୁଏଟିରେ ପ୍ରାୟ ୫୯ କୋଟି ଟଙ୍କା ବ୍ୟୟରେ ଏକ 'କୃଷକ ଭବନ' ଏବଂ କୃଷି ଶିକ୍ଷା ସଦନର ଏକ 'ଅଭ୍ୟର୍ଥନା ଗୃହ' ଉଦ୍‌ଘାଟନ କରିଛନ୍ତି ଏବଂ କୃଷକ ପଞ୍ଜୀକରଣ ଅବଧି ବୃଦ୍ଧି ହେବ ବୋଲି କହିଛନ୍ତି।

ଉତ୍ସବରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି, ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ସାଧନ ନିମିତ୍ତ ସରକାର ଅଙ୍ଗୀକାରବଦ୍ଧ। ସମସ୍ତ ଅଭାବୀ ଚାଷୀକୁଳକୁ କିଛିଟା ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟନେଇ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଏହି କୃଷକ କଲ୍ୟାଣକାରୀ ଯୋଜନା ସିଏମ୍ କିଷାନ କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନା ଏକ ପ୍ରଗତିଶୀଳ ତଥା କୃଷକମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଭଳି ଯୋଜନା। ସିଏମ୍ କିଷାନରେ ଅଧିକରୁ ଅଧିକ ଯୋଗ୍ୟ ଚାଷୀ ଅନ୍ତର୍ଭୁକ୍ତ ହେଲେ କୃଷି ଓ କୃଷକର ଉନ୍ନତି ହୋଇପାରିବ ।

ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଚାଷୀମାନଙ୍କର ଆର୍ଥିକ ଉନ୍ନତି ଓ ଉନ୍ନତ ଜୀବନଧାରଣରେ ବିଶେଷ ଗୁରୁତ୍ୱ ବହନ କରୁଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଲକ୍ଷ ଲକ୍ଷ ଗୋପାଳକ ଭାଇଭଉଣୀଙ୍କ ମୁହଁରେ ହସ ଫୁଟାଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର(ଏକାମ୍ର) ବିଧାୟକ ବାବୁ ସିଂ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓୟୁଏଟି କୁଳପତି ଡ. ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

## ସୁପ୍ରିମକୋର୍ଟରେ ୨ ...

ନାମ ସୁପାରିସ କରିଥିବାବେଳେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ସେମାନଙ୍କ ନିଯୁକ୍ତି ସମ୍ପର୍କରେ ବୁଧବାର ଘୋଷଣା କରିଛି। ସେମାନଙ୍କ ଶପଥ ଗ୍ରହଣ ପରେ ସୁପ୍ରିମକୋର୍ଟର ମୋଟ ବିଚାରପତି ସଂଖ୍ୟା ସିଜେଆଇଙ୍କୁ ମିଶାଇ ୩୪ରେ ପହଞ୍ଚିବ। ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ୨୦୩୧ ଅକ୍ଟୋବର ୨ରେ ଅବସର ନେବାକୁ ଥିବାବେଳେ ଏହା ପରେ ଜଷ୍ଟିସ୍ ପାଞ୍ଚୋଲି ଭାରତର ପ୍ରଧାନ ବିଚାରପତି ହେବେ। ସେ ୨୦୩୧ ଅକ୍ଟୋବର ୩ରୁ ୨୦୩୩ ମେ' ୨୭ ପର୍ଯ୍ୟନ୍ତ ଏହି ପଦବୀରେ ରହିବେ। ତେବେ ଜଷ୍ଟିସ୍ ପାଞ୍ଚୋଲିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତି ନିମନ୍ତେ କଲେଜିୟମ୍‌ର ସୁପାରିସ୍‌କୁ ଜଷ୍ଟିସ୍ ବି.ଭି. ନାଗରତ୍ନା ବିରୋଧ କରିଥିଲେ। ପାଞ୍ଚୋଲିଙ୍କଠାରୁ ଅଧିକ ବରିଷ୍ଠ ବିଚାରପତି ବିଭିନ୍ନ ହାଇକୋର୍ଟରେ ଥିବା ସେ ଯୁକ୍ତି ଦର୍ଶାଇଥିଲେ। ୧୯୬୮ ମେ' ୨୮ରେ ଅହମଦାବାଦରେ ଜନ୍ମିତ ଜଷ୍ଟିସ୍ ପଞ୍ଚୋଲି ୨୦୧୪ ଅକ୍ଟୋବର ୧ରେ ଗୁଜରାଟ ହାଇକୋର୍ଟର ଅତିରିକ୍ତ ବିଚାରପତି ହେବା ସହ ୨୦୧୬ ଜୁନ୍ ୧୦ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୨୩ ଜୁଲାଇରେ ସେ ପାଟନା ହାଇକୋର୍ଟକୁ ବଦଳି ହେବା ପରେ ସେହିବର୍ଷ ମୁଖ୍ୟ ବିଚାରପତି ହୋଇଥିଲେ। ସେହିପରି ୧୯୬୪ ଏପ୍ରିଲ ୧୩ରେ ଜନ୍ମିତ ଜଷ୍ଟିସ୍ ଆରାଧେ ୨୦୦୯ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ଅତିରିକ୍ତ ବିଚାରପତି ହେବା ସହ ୨୦୧୧ରେ ସ୍ଥାୟୀ ବିଚାରପତି ହୋଇଥିଲେ। ୨୦୧୮ ମେ' ୧୧ରେ ସେ ଜମ୍ମୁ-କଶ୍ମୀର ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ହୋଇଥିଲେ। ସେହିବର୍ଷ ନଭେମ୍ବରରେ ସେ କର୍ଣ୍ଣାଟକ ହାଇକୋର୍ଟକୁ ବଦଳି ହେବା ସହ ୨୦୨୨ ଜୁଲାଇରେ ଉକ୍ତ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ। ଏହା ପରେ ସେ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି ହୋଇଥିଲେ।

# ଆଜି ଗଣପର୍ବ ନୂଆଁଖାଇ | ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର

**କୃ**ଷିଭିତ୍ତିକ ଗଣପର୍ବ ନୂଆଁଖାଇ ସକାଶେ ଉତ୍ସବ ମୁଖର ହୋଇଛି ପଶ୍ଚିମ ଓଡ଼ିଶା। ପୁରପଲ୍ଲୀରେ ମଧ୍ୟ ଉତ୍ସବର ପରିବେଶ। ଏଥିସହ ମନ୍ଦିର, ଦେବାଳୟ, ଦେବୀପୀଠଗୁଡ଼ିକୁ ଫୁଲରେ ସଜ୍ଜିତ ହୋଇଛି। ଇଷ୍ଟଦେବୀ ସମଲେଇଙ୍କ ପୀଠରେ ନିର୍ଦ୍ଧାରିତ ଲଗ୍ନାନୁସାରେ ନବାନ୍ନ ଭୋଗ ଲାଗିବ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ପୂର୍ବାହ୍ନ ୧୦ଟା ୩୩ ମିନିଟ ଗତେ ୧୦ଟା ୫୫ ମିନିଟ ମଧ୍ୟେ ତୁଳା ଲଗ୍ନରେ ଇଷ୍ଟଦେବୀ ଦେବୀ ସମଲେଇଙ୍କୁ ପ୍ରଥମେ ନବାହ୍ନ ଲାଗି ହେବ। ପରମ୍ପରା ଓ ରୀତିନୀତି ଅନୁସାରେ ଇଷ୍ଟ ଦେବୀଙ୍କୁ ନବାନ୍ନ ଭୋଗ ଲାଗିବା ପରେ ଜନସାଧାରଣ ନୂଆଁଖାଇ ଭୋଗ ଖାଇ ପାରିବେ ବୋଲି ସ୍ଥିର ହୋଇଛି । ଏନେଇ ମୁଖ୍ୟ ପୂଜକ ଅମ୍ବିକାପ୍ରସାଦ ରାୟଙ୍କ ସମେତ ଅନ୍ୟ ପୂଜକମାନଙ୍କ ପରିବାର ସଦସ୍ୟମାନେ ପ୍ରସ୍ତୁତ ହୋଇଛନ୍ତି ।

ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ସୁନ୍ଦରଗଡ଼ ଜିଲାର ଶିଖରବାସିନୀ ଓ ସମଲେଇ, ନୂଆପଡ଼ା ଜିଲାର ଟାନୱାନ କଣା ଭଇଁରା ଓ ସମଲେଇ, ବରଗଡ଼ ଓ ଝାରସୁଗୁଡ଼ା ଜିଲାର ସମଲେଇ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀ ଓ ବୌଦ୍ଧ ଜିଲାର ଭୈରବୀଙ୍କ ପୀଠରେ ମଧ୍ୟ ନୂଆଁଖାଇ ସକାଶେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ନୂଆଁଖାଇ ଭେଟ୍‌ଘାଟ ଲାଗି ସମ୍ବଲପୁର ସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟ, ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପ ସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡ଼ବଜାର ସମଲେଶ୍ୱରୀ ମଣ୍ଡପକୁ ରଙ୍ଗବେରଙ୍ଗର ଆଲୋକମାଳାରେ



ଇଷ୍ଟ ଦେବୀ ମାଁ ସମଲେଇ

ସଜ୍ଜିତ କରାଯାଇଛି। କୃଷିଭିତ୍ତିକ ଗଣପର୍ବ ପାଳନ କରିବାକୁ ପଶ୍ଚିମ ଓଡିଶାବାସୀ ପ୍ରସ୍ତୁତ ହୋଇଛନ୍ତି।

-ରିପୋର୍ଟ: **ବି. ଶଙ୍କର,** ସମ୍ବଲପୁର

# କୋଶଲେଶ୍ୱରୀ ମହାଶକ୍ତି ପୀଠରେ ଅନନ୍ୟ ନୂଆଁଖାଇ

**ଗ**ଣପର୍ବ 'ନୂଆଁଖାଇ' ପାଖେଇ ଆସିଲେ ବଲାଙ୍ଗୀର ଜିଲା ଟିଁଟିଲାଗଡ଼ ସହର ସନ୍ନିକଟ କୁମୁଡିପଦରସ୍ଥିତ ପ୍ରସିଦ୍ଧ କୋଶଲେଶ୍ୱରୀ ମହାଶକ୍ତି ପୀଠ ଚଳଚଞ୍ଚଳ ହୋଇଉଠେ। ସାଧାରଣତଃ ଭାଦ୍ରବ ଶୁକ୍ଳପକ୍ଷ ୫ମୀ ତିଥିରେ ନୂଆଁଖାଇ ପାଳନ କରାଯାଏ। ମାତ୍ର ଏହି ପୀଠରେ ଭାଦ୍ରବ ଅମାବାସ୍ୟା ବା ସପ୍ତପୁରୀ ଅମାବାସ୍ୟା ତିଥିରେ 'ନବାନ୍ନ ଯଜ୍ଞ' ଏବଂ 'ଚରୁ ଅର୍ପଣ' ବିଧି ପାଳନ ନୂଆଁଖାଇର ଏକ ପ୍ରାଚୀନ ଲୁପ୍ତ ପରମ୍ପରା। ଏହି ପରମ୍ପରା ଉଦ୍ଧାର କରାଯାଇ ନୂଆଁଖାଇର ପ୍ରାଚୀନତା ଏବଂ ମୌଳିକତାକୁ ଅକ୍ଷୁଣ୍ଣ ରଖିବା ଲାଗି ପ୍ରୟାସ କରାଯାଉଛି। ଶାକ୍ତ ପରମ୍ପରା ଅନୁଯାୟୀ, ସପ୍ତପୁରୀ ଅମାବାସ୍ୟା ତିଥିରେ ଦେବୀ କୋଶଲେଶ୍ୱରୀଙ୍କୁ ସର୍ବପ୍ରଥମେ ନବାନ୍ନ ଅର୍ପଣ ପାଇଁ ଆବାହନ କରାଯାଇଥାଏ। କନ୍ଧାନ ଅଞ୍ଚଳର 'ଜାନି' (ଆଦ୍ୟ ପୂଜକ) ଶାବରୀ ତନ୍ତ୍ର ନବାନ୍ନ ମନ୍ତ୍ରରେ ଦେବୀ କୋଶଲେଶ୍ୱରୀଙ୍କୁ ଆମନ୍ତ୍ରଣ କରନ୍ତି। ଏହା ପୂର୍ବରୁ ଅନେକ ପ୍ରସ୍ତୁତି ସରିଥାଏ। ସପ୍ତପୁରୀ ଅମାବାସ୍ୟାରେ ଜାନି ଦେବୀଙ୍କୁ ଆବାହନ କରାଯାଏ। ଜାନି କହନ୍ତି, 'ହେ ମା' ତମେ ଆସ, ତମର ଶୁକ୍ଳପକ୍ଷ ଆସିଯାଉଛି। ସମସ୍ତେ ତୁମକୁ ନିମନ୍ତ୍ରଣ କରି ଗାଁ ଗାଁକୁ ନେବେ। ସମସ୍ତେ ତୁମ ଅପେକ୍ଷାରେ ଅଛନ୍ତି। ପ୍ରତିଟି ଗାଁରେ ଲୋକେ ନୂଆଁ ଲଗାଇ, ନୈବେଦ୍ୟ ଦେଇ ନବାନ୍ନ ଭକ୍ଷଣ କରିବେ।' ଦେବୀଙ୍କୁ ଏଇଭଳି ଆବାହନ କରିବା ଲାଗି ସକାଳେ ଜାନି ନିଜେ ଏକ ବାଉଁଶ ତିଆରି ନୂଆ ପର୍ଲାରେ ଫୁଲ, ବେଲପତ୍ର, ଅରୁଆ ଚାଉଳ, କ୍ଷୀର ଓ ସିନ୍ଦୂର ଧରି ପ୍ରଥମେ କ୍ଷେତକୁ ଯାଆନ୍ତି। ସେଠାରେ ମାଟି ମା' ଓ ଅନ୍ନଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଧାନ କିଆରିରୁ 'ଛେଚ୍‌କା ଧାନ' ସଂଗ୍ରହ କରନ୍ତି। ଘଣ୍ଟ, ଶଙ୍ଖଧ୍ୱନିରେ ସେହି ସ୍ଥାନ ପ୍ରକମ୍ପିତ ହୋଇଉଠେ। ଚଳିତବର୍ଷ ସପ୍ତପୁରୀ ଅମାବାସ୍ୟା ତିଥିରେ କୁମୁଡ଼ିପଦର କୋଶଲେଶ୍ୱରୀ ମହାଶକ୍ତି ପୀଠରେ ଏହି ପ୍ରାଚୀନ ଲୁପ୍ତ ପରମ୍ପରା ଅନୁଯାୟୀ ସର୍ବପୂଜାବିଧି



ସପ୍ତପୁରୀ ଅମାବାସ୍ୟା ତିଥିରେ କୋଶଲେଶ୍ୱରୀ ମହାଶକ୍ତି ପୀଠରେ ନବାନ୍ନ ଯଜ୍ଞ ଓ ଚରୁ ଅର୍ପଣ ବିଧି ଚାଲିଛି।

ସମ୍ପନ୍ନ ହୋଇଛି। ଜାନି ବଳରାମ ମାଝି ସକାଳେ କ୍ଷେତକୁ ଯାଇ ପାରମ୍ପରିକ ପୂଜାର୍ଚ୍ଚନା କରି ଛେଚ୍‌କା ଧାନ ସଂଗ୍ରହ କରି ପୀଠକୁ ଆଣିଥିଲେ। ସେଇ ଛେଚ୍‌କା ଧାନରୁ ନବାନ୍ନ ଚରୁ ତିଆରି କରିଥିଲେ। ପରେ କୋଶଲେଶ୍ୱରୀ ମହାଶକ୍ତି ପୀଠ ମନ୍ଦିରରେ ଆରମ୍ଭ ହୋଇଥିଲା ନବାନ୍ନ ଯଜ୍ଞ ବା ଆବାହନ ପର୍ବ। ନବାନ୍ନ ମନ୍ତ୍ର ଉଚ୍ଚାରଣ କରି ପୂଜକ କ୍ଷମଦା ପ୍ରସନ୍ନ ମହାପାତ୍ର ହୋମଯଜ୍ଞ ପରିଚାଳନା କରିଥିଲେ। ପାଖରେ ବସି ଜାନି ବଳରାମ ହୋମାଗ୍ନିରେ ନବାନ୍ନ ଚରୁ ଅର୍ପଣ କରିଥିଲେ। ହୋମାଗ୍ନିର ଲେଲିହାନ ଶିଖାକୁ ଦେବୀଙ୍କ ଜିହ୍ୱା ବୋଲି ବିବେଚନା କରାଯାଏ।

ଲୋକ ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ଗୁରୁଜୀ ଡ. ଦୋଳଗୋବିନ୍ଦ ବିଶି କହିଛନ୍ତି, ପ୍ରାଚୀନ କାଳରେ ଶାବର ତନ୍ତ୍ରରେ ସପ୍ତପୁରୀ ଅମାବାସ୍ୟା ତିଥିରେ ଦେବୀ କୋଶଲେଶ୍ୱରୀଙ୍କୁ 'ଚରୁ ଅର୍ପଣ'ର ବିଧି ରହିଥିଲା। କାଳକ୍ରମେ ଦକ୍ଷିଣ କୋଶଳାଞ୍ଚଳରେ ଯେତେବେଳେ ସାଂସ୍କୃତିକ ବିଘଟନ ଘଟିଛି ଅନେକ ଶାସ୍ତ୍ର, ପୁରାଣ, ଗ୍ରନ୍ଥ ଓ ଲୋକ ଅନୁଷ୍ଠାନ ଲୋପ ପାଇଯାଇଛି। ପରବର୍ତ୍ତୀ ସମୟରେ ଏଭଳି ଅନେକ ଲୁପ୍ତ ପରମ୍ପରାର ଉଦ୍ଧାର କାର୍ଯ୍ୟ ହୋଇ ପାରିନାହିଁ। ଧୀରେ ଧୀରେ ମା' କୋଶଲେଶ୍ୱରୀ ମହାଶକ୍ତି ପୀଠ ସେ ଦାୟିତ୍ୱ ଗ୍ରହଣ କରିଛି। ଆମର ଯେତେ ଲୁପ୍ତ ପରମ୍ପରା ଓ ଲୋକ-ଅନୁଷ୍ଠାନ ରହିଥିଲା, ତାକୁ ଆମେ ବାର ମାସରେ ବିଭିନ୍ନ ସମୟରେ ପାଳନ କରିଆସୁଛୁ ବୋଲି ସେ କହିଛନ୍ତି। ସପ୍ତପୁରୀ ଅମାବାସ୍ୟା ତିଥିରେ ଇଷ୍ଟଦେବୀ ମା' କୋଶଲେଶ୍ୱରୀଙ୍କ ମହାଶକ୍ତି ପୀଠରେ ଏହି ନବାନ୍ନ ଯଜ୍ଞ ଏବଂ ଚରୁ ଅର୍ପଣ ପର୍ବ ନୂଆଁଖାଇର ପ୍ରାଚୀନତାକୁ ଉଜାଗର କରିଛି। ଆବହମାନ କାଳରୁ ଆଧୁନିକ ସମୟ ପର୍ଯ୍ୟନ୍ତ 'ନୂଆଁଖାଇ' କିଭଳି ଲୋକାନୁଷ୍ଠାନ ଭିତରେ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛି, ସେନେଇ ବାସ୍ତବରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

-ରିପୋର୍ଟ: **ବୀରେନ୍ଦ୍ର କୁମାର ଝାଙ୍କର**
ବଲାଙ୍ଗୀର

# ନୂଆଁଖାଇର ଛୋଟ ଧାନ


*ଧାନ... ଧାନ... ଧାନ...*
*ବୋଲି ଯାହାକୁ କହି*
*ଧାନ ତ ନୁହଁ ସେ ଯେ*
*ଅମୃତ ମଣୋହି,*
*ଥୋକେ ଦେବତା ପ୍ରଶଂସା ଭଣନ୍ତି*
*ସ୍ୱର୍ଗର ବୀଜ ଏହି*
*ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...।*

**ଲୋ**କମୁଖରେ ଧାନକୁ ଅମୃତ ବୋଲି କୁହାଯାଇଛି। ପ୍ରାଚୀନ ପରମ୍ପରାରେ ଯେପରି ପ୍ରଥମ ଶସ୍ୟକୁ ଦେବଦେବୀ, ମାଟି ଓ ପିତୃପୁରୁଷଙ୍କୁ ଅର୍ପଣ ବିଧି ରହିଛି ସେହିପରି ପଶ୍ଚିମ ଓଡ଼ିଶାର ନୂଆଁଖାଇରେ ଧାନକୁ ଅର୍ପଣ କରିବାର ବିଧି ରହିଛି। ଏହି କୃଷିଭିତ୍ତିକ ଗଣପର୍ବରେ ନୂଆ ଧାନରୁ ପ୍ରସ୍ତୁତ ଚୁରାକୁଁଡାରେ ଭୋଗ ଲାଗି ହୁଏ ଏବଂ କେତେକ ଗୋଷ୍ଠୀରେ ସମ୍ପୂର୍ଣ୍ଣ ନୂଆ ଧାନରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ। ନୂଆଁଖାଇ ସମୟରେ ପଶ୍ଚିମ ଓଡ଼ିଶାରେ ଛୋଟ ଧାନର ଦର ଓ ଚାହିଦା ଆକାଶଛୁଆଁ ହୋଇଥାଏ। ଯେଉଁ କେତେକ ଧାନ ନୂଆଁଖାଇ ସମୟରେ ମିଳିଥାଏ ତାହା ହିଁ ସଅଳ କିସମ ବା ଛୋଟ ଧାନ। ଏହି ଧାନ ସବୁ ପ୍ରାୟତଃ ୬୦ରୁ ୮୦ଦିନରେ ଅମଳ ହୋଇଥାଏ।

କରନୀ- ଏଇ କିସମ ଧାନ ମାଟିଆ ମିଶା ହାଲୁକା ଧୂସର ରଙ୍ଗର। ଆଉ ଗୋଟେ ହେଲା କୁସୁମା। କୁସୁମା କିସମ ଧାନର ରଙ୍ଗ ହାଲୁକା ଓ ଏହି ଧାନ ଅଗରେ ସୌଁକ୍ ଥାଏ। ଏହାର ଚାଉଳ ଆରିସା ପିଠା ପ୍ରସ୍ତୁତି ପାଇଁ ସ୍ୱତନ୍ତ୍ର ଭାବେ ବ୍ୟବହାର କରାଯାଇଥାଏ। ସରିଆଁ ଧାନରେ ଅଳ୍ପ ସୌଁକ୍ ଥିବାବେଳେ ଏହାର ଚାଉଳ ହାଲୁକା ନାଲି ରଙ୍ଗର ହୋଇଥାଏ। ନିଅଣ୍ଟିଆ ବା ସବୁ ସରି ଆସୁଥିବାବେଳେ ଏହା ମିଳୁଥିବାରୁ ସମ୍ଭବତଃ ଏହାର ନାମକରଣ ସରିଆଁ ହୋଇଛି। ସେହିପରି ବାଞ୍ଜିବୁଟା ଓ ପଥରି କିସମ ଧାନ ଉଚ୍ଚ ପଥୁରିଆ ଜମିରେ ହେଉଥିବାରୁ ଏହାର ନାମକରଣ ସେପରି ହୋଇଛି। ଏସବୁ ଧାନ ସହିତ ନୂଆଁଖାଇ ବେଳେ ଆଗରୁ ମିଳୁଥିବା ଧାନ ଭିତରେ ବଧିଆଁ, ବୁଢ଼ାଧାନ, ମୁରଡଣ ଧାନ ରହିଛି। ଏସବୁ ଲୁପ୍ତପ୍ରାୟ। ବାସ୍ନାସମ୍ପନ୍ନ କଳାଜିରା ବହୁତ ଛୋଟ ଓ କଳା ରଙ୍ଗର ଧାନ। ସମ୍ଭବତଃ ଷାଠିଏ ଦିନରେ ଅମଳ ହେଉଥିବା ସେଠାକ ନାମକ ଧାନ ବିରଳ ହୋଇପଡ଼ିଲାଣି। କଳାଜିରା ସହ ଚିଙ୍ଗେର ପରି ଧାନ ଏବେ ମିଳିବା ମୁସ୍କିଲ ହୋଇପଡ଼ିଛି।

ନୂଆଁଖାଇର ସମୟ ଚାଷୀ ପାଇଁ ନିଅଣ୍ଟିଆ ସମୟ। ଅଥଚ ଏହି ନିଅଣ୍ଟିଆ ସମୟରେ ବି ତା'ର ଆନନ୍ଦ ଓ ଉଲ୍ଲାସରେ ଛୋଟଧାନର ବଡ଼ ଭୂମିକା ରହିଛି। ଏହି ଛୋଟ ଧାନରୁ ଅନେକ ଲୁପ୍ତପ୍ରାୟ। ଏ ଦିଗରେ ବେସରକାରୀ ସ୍ତରରେ କିଛି ଉଦ୍ୟମ ହେଉଥିଲେ ବି କୃଷି ବିଭାଗ ନୀରବ ରହିଛି।

-ରିପୋର୍ଟ: **ଆଦିତେଶ୍ୱର ମିଶ୍ର**
କନ୍ଧମାଳ












ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା

-ଋଷି ପଞ୍ଚମୀ, ଗୁରୁପଞ୍ଚମୀ ବ୍ରତ, ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ



# ଆର୍ଯ୍ୟ ଥିଲେ ବଣିକ



ଦେବଦତ୍ତ ପଟ୍ଟନାୟକ

ଉପନିବେଶୀ ଐତିହାସିକମାନେ ଏକ ସିଦ୍ଧାନ୍ତକୁ ନେଇ ଯୁକ୍ତି ବାଢ଼ନ୍ତି ଯେ ଅଶ୍ୱାରୋହୀ ଗୌରବର୍ଣ୍ଣ ଲୋକେ( ଆର୍ଯ୍ୟ) ହରପ୍ପାର ସହରଗୁଡ଼ିକୁ ଧ୍ୱଂସକରି ଭାରତକୁ ଦଖଲ କରିଥିଲେ। ସେମାନେ ଭାରତର ମୂଳ ବାସିନ୍ଦା କଳାବର୍ଣ୍ଣର ଲୋକଙ୍କୁ ଦାସ ଭାବେ ରଖିଥିଲେ। ଏହାକୁ ବିରୋଧ କରି ଅନ୍ୟ ଏକ ସିଦ୍ଧାନ୍ତରେ କୁହାଯାଇଛି ଯେ, ଆର୍ଯ୍ୟମାନେ ହେଉଛନ୍ତି ବାସ୍ତବରେ ଭାରତୀୟ ଏବଂ ସେମାନେ ଭାରତ ବାହାରକୁ ଯାଇ ବିଶ୍ୱର ବିଭିନ୍ନ ସ୍ଥାନରେ ସଭ୍ୟତା ଗଢ଼ିଛନ୍ତି। ଦେଖିବାକୁ ଗଲେ ଉଭୟ ସିଦ୍ଧାନ୍ତ ଭୁଲ। କେଉଁଥିବୁ ବିଷୟ ସେମାନଙ୍କୁ ଭାରତକୁ ଆସିବା କିମ୍ବା ଭାରତ ବାହାରକୁ ଯିବା ପାଇଁ ପ୍ରେରିତ କରିଥିଲା, ସେ ସମ୍ପର୍କରେ ଏହି ଦୁଇଟି ସିଦ୍ଧାନ୍ତରୁ କୌଣସି ଗୋଟିକରେ ବି ସ୍ପଷ୍ଟ କରାଯାଇନାହିଁ।

ଏବେ ସ୍ପଷ୍ଟ ଭାବେ ଜଣାପଡ଼ୁଛି, ଆର୍ଯ୍ୟମାନେ ଲୁହା ପାଇଁ ଭାରତ ଆସିଥିଲେ ଏବଂ ଏହା ବଦଳରେ ସେମାନେ ଘୋଡ଼ା ଦେଉଥିଲେ। ଆର୍ଯ୍ୟମାନେ ଆକ୍ରମଣକାରୀ କିମ୍ବା ପ୍ରବାସୀ ନ ଥିଲେ; ସେମାନେ ଥିଲେ ବ୍ୟବସାୟୀ। ଅନେକେ ବଣିକ ଓ ନାବିକଙ୍କ ଭଳି ସେମାନଙ୍କର ଭାରତୀୟ ପତ୍ନୀ ଥିଲେ, ଯାହା ଫଳରେ ସେମାନଙ୍କ ଜିନ୍, ଭାଷା (ସଂସ୍କୃତ) ଏବଂ ପୁରୁଷପ୍ରଧାନ ସଂସ୍କୃତିର ପ୍ରସାର ଘଟିଥିଲା। ହିନ୍ଦୁ ପୁରାଣରେ ବର୍ଣ୍ଣନା କରାଯାଇଛି, ଅଶ୍ୱମୁଖୀ ବିଷ୍ଣୁ ବେଦ ଉଦ୍ଧାର କରି ତାହାକୁ ସୁରକ୍ଷିତ ରଖିବା ସକାଶେ ବ୍ରାହ୍ମଣଙ୍କୁ ଦେଇଥିଲେ। ଏଣୁ ୩୦୦୦ ବର୍ଷରୁ ଅଧିକ ସମୟ ହେଲା ଭାରତର ବ୍ରାହ୍ମଣମାନେ ବୈଦିକ ସ୍ତୋତ୍ରଗୁଡ଼ିକର ପ୍ରଚାର ପ୍ରସାର କରି ଆସିଛନ୍ତି; ଯେଉଁଥିରେ ଘୋଡ଼ା, ରଥ ଏବଂ ବିଭିନ୍ନ ପଦାର୍ଥକୁ ନେଇ ନିର୍ମିତ ଧନୁ ସମ୍ପର୍କରେ ବହୁ ପୁରାତନ ବର୍ଣ୍ଣନା ଥିବା ଦେଖାଯାଏ (ଋଗ୍‌ବେଦ ୧.୧୬୩.୧୦ ଏବଂ ୧. ୬.୭୫.୨)। ବ୍ରାହ୍ମଣମାନେ ଏହି ବୈଦିକ ସ୍ତୋତ୍ରଗୁଡ଼ିକୁ ଅନନ୍ତ (ସନାତନ) ଏବଂ ଏହା ମଣିଷ ଦ୍ୱାରା ସୃଷ୍ଟି ହୋଇ ନ ଥିବା ମନେକରନ୍ତି। କିନ୍ତୁ ଏବେର ପୁରାତନ ଡିଏନ୍‌ଏ ଅନୁଧ୍ୟାନ, ପ୍ରତ୍ନତତ୍ତ୍ୱ ଏବଂ ଭାଷାବିଜ୍ଞାନରୁ ଜାଣିପାରୁଛୁ ଯେ ଏଭଳି ଭାବନା ସତ୍ୟ ନୁହେଁ। ପାଖାପାଖି ଖ୍ରୀଷ୍ଟପୂର୍ବ ୨୦୦୦ରେ କୃଷ୍ଣ ସାଗର ଓ କାସ୍ପିଆନ ସାଗରର ଉତ୍ତରାଞ୍ଚଳ ଏବଂ ଉରାଲ ପର୍ବତମାଳାର ପଶ୍ଚିମରେ ଘୋଡ଼ା ପାଳନ କରାଯାଉଥିଲା। ପ୍ରଥମେ ବହୁ ଛୋଟ ଘୋଡ଼ା ପାଳନ କରାଯାଉଥିଲା। ଫଳରେ ତା'ଉପରେ ବସି ବୟସ୍କ ଯିବା ସମ୍ଭବ ନ ଥିଲା। ଏହା ଯୋଗୁ ସେହି ସମୟରେ ଅଖରକ ଥିବା ରଥ ଉଦ୍ଭାବନ କରାଯାଇଥିଲା। ଏସବୁ ଦକ୍ଷିଣ



ରୁଷିଆ, ସିଣ୍ଟାସ୍ତା ସଭ୍ୟତା, ଉରାଲ ପର୍ବତମାଳାର ଉତ୍ତରଭାଗରେ ଥିବା ସମାଧି ବା କବର ସ୍ଥଳରୁ ମିଳିଛି ଏବଂ ଏଗୁଡ଼ିକ ଖ୍ରୀଷ୍ଟପୂର୍ବ ୨୦୦୦ର ବୋଲି ଜଣାପଡ଼ିଛି। ପ୍ରାୟ ଏହି ସମୟରେ, ଏସବୁ ସ୍ଥାନରେ ମଧ୍ୟ କାଠ ଓ ଅନ୍ୟାନ୍ୟ ପଦାର୍ଥକୁ ନେଇ ତିଆରି କରାଯାଇଥିବା ଧନୁ ଆବିଷ୍କାର କରାଯାଇଥିଲା। ଘୋଡ଼ା, ଧନୁ ଓ ରଥକୁ ନେଇ ଏକ ନୂଆ ସାମରିକ ଟେକ୍‌ନୋଲୋଜି ଖ୍ରୀଷ୍ଟପୂର୍ବ ୧୫୦୦ ବେଳକୁ ପୂର୍ବ ଦିଗରେ ଇଜିପ୍ଟ, ଉତ୍ତରରେ ସ୍କାଣ୍ଡିନେଭିଆ, ଚାଇନା ଏବଂ ପୂର୍ବଭାଗରେ ଭାରତକୁ ବ୍ୟାପିଥିଲା। ଘୋଡ଼ାପାଳକଙ୍କ ସହିତ ଏକ ନୂଆ ଭାଷା ମଧ୍ୟ ପ୍ରସାର ଲାଭ କରିଥିଲା।

ପୂର୍ବଭାଗକୁ ପ୍ରସାରଣ ଯୋଗୁ କେବଳ ତୃଣଭୂମି ଅଞ୍ଚଳରେ ରହୁଥିବା ଯାଯାବର ଗୋଷ୍ଠୀର ପଶୁପାଳକଙ୍କଠାରେ ଦେଖିବାକୁ ମିଳୁଥିବା ଏକ ପ୍ରକାର ଜିନ୍ (ଯାହାକୁ ଏବେ ଆର୍ଯ୍ୟାନ ଏ-ଜେଡ଼୯୩ ନାମକରଣ କରାଯାଇଛି)ର ପ୍ରସାର ଘଟିଥିଲା। ଏହା କେନ୍ଦ୍ର ଏସିଆ, ଇରାନ ଓ ଭାରତର ବ୍ରାହ୍ମଣଙ୍କଠାରେ ଦେଖିବାକୁ ମିଳେ। ଯେଉଁମାନେ ଏହି ଜିନ୍‌କୁ ନେଇ ଆସିଥିଲେ ସେମାନେ ନିଜକୁ ଆର୍ଯ୍ୟ ବା ମହାନ୍ ବୋଲି କହୁଥିଲେ। ଭାରତରେ ମୌସୁମୀ ଜଳବାୟୁ ଘୋଡ଼ା ବଂଶବୃଦ୍ଧି ପାଇଁ ଅନୁକୂଳ ନ ଥିବା ଯୋଗୁ ଆର୍ଯ୍ୟମାନେ ଭାରତକୁ ଅଧିକରୁ ଅଧିକ ଘୋଡ଼ା ଆଣିବା ପାଇଁ କେନ୍ଦ୍ର ଏସିଆକୁ ବାରମ୍ବାର ଯାଉଥିଲେ। ସେତେବେଳର ଅଖ-ଚକଥିବା ରଥରେ ଘୋଡ଼ାମାନେ ଜଣେ ଚାଳକ ଓ ଧନୁର୍ଦ୍ଧାରୀଙ୍କୁ ଟାଣି ନେଇପାରୁଥିଲେ। ଏଭଳି ଛବି ଭଗବଦ୍ ଗୀତାରେ ବି ରହିଛି, ଯେଉଁଥିରେ କୃଷ୍ଣ ୪ଟି ଧଳା ଘୋଡ଼ାର ଲଗାମ ଧରିଥିବା ବେଳେ ଅର୍ଜୁନ ତାଙ୍କ ଗାଣ୍ଡିବ ଧନୁ ଧରି ଠିଆ ହୋଇଛନ୍ତି। ଉଭୟ ଶଙ୍ଖ ବଜାନ୍ତି। ଋଗ୍‌ବେଦରେ ଏହି ଶଙ୍ଖ ବିଷୟରେ କୌଣସି ଉଲ୍ଲେଖ ନାହିଁ, କିନ୍ତୁ ଅଥର୍ବ ବେଦରେ ଏହା ଅଛି।

ନିକଟରେ ତାମିଲନାଡୁର କିଲାଡିରେ ହୋଇଥିବା ଖନନରୁ ଲହପଥରକୁ ତରଳାଇ ଲୁହା ବାହାର କରିବା ଟେକ୍‌ନୋଲୋଜିର ସନ୍ଧାନ ମିଳିଛି, ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଟେକ୍‌ନୋଲୋଜି ଭାରତରେ ଦ୍ରାବିଡ଼ ଓ ମୁଣ୍ଡା ଭାଷାଭାଷୀ ଲୋକ ରହୁଥିବା ଅଞ୍ଚଳରେ ଆବିଷ୍କୃତ ହୋଇଥିଲା। ଲୁହା ପଥରରୁ ଲୁହା ବାହାର କରିବା ଲାଗି ଉଚ୍ଚ ତାପମାତ୍ରା ଦରକାର ପଡ଼େ। ଗୋଦାବରୀ ଅବବାହିକାର ବିଭିନ୍ନ ସ୍ଥାନରେ ରହିଥିବା ମାଟିଚୁଲା ସବୁର ସନ୍ଧାନ ମିଳିଛି ଏବଂ ଏଭଳି ଫାୟାର ଟେକ୍‌ନୋଲୋଜି ଉପରେ ଏକ ଦୀର୍ଘ ଅନୁଧ୍ୟାନ ଲୋଡ଼ା। ଏହାସହ ଆଣ୍ଟୋଲିଆ( ଆଧୁନିକ ତୁର୍କୀ), ଆଫ୍ରିକା(ବଣ୍ଟୁ ସମ୍ପ୍ରଦାୟ) ଓ ଭାରତରେ ପ୍ରଥମେ ଲୁହା ପଥରରୁ ଲୁହା ବାହାର କରାଯିବା ପଦ୍ଧତି ଆପଣାଯାଇଥିଲା ବୋଲି ଜଣାପଡ଼େ। ସମ୍ଭବତଃ ଏହି କାରଣରୁ ଲୁହା ନେବା ପାଇଁ ଆର୍ଯ୍ୟମାନେ ଅଙ୍କୁସ ନଦୀ ଅବବାହିକାରୁ ଦୁର୍ଗମ ଗିରିପଥ ଦେଇ ଭାରତକୁ ଆସିଥିଲେ।

ବହୁ କିମ୍ବଦନ୍ତୀରେ ଘୋଡ଼ା ଭାରତକୁ ଆସିଥିଲା ଓ ପାଳନ କରାଯାଉଥିଲା। ୧୮୦୦ ଖ୍ରୀଷ୍ଟାବ୍ଦ ପରେ ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଏହା କରାଯାଉଥିଲା। ଏଣୁ ପାଖାପାଖି ୩୦୦୦ ବର୍ଷ ଧରି କେନ୍ଦ୍ର ଏସିଆରୁ ଘୋଡ଼ା ପାଳକମାନେ ଭାରତୀୟ ରାଜାମାନଙ୍କ ପାଇଁ ଘୋଡ଼ା ଆଣୁଥିଲେ। ରାଜାମାନେ ସେତେବେଳେ ନୂଆ ରାଜ୍ୟ ଜୟ କରିବା ପାଇଁ ଏହି ଘୋଡ଼ାକୁ ଯୁଦ୍ଧରେ ବ୍ୟବହାର କରୁଥିଲେ। ଏପରି କି ରାଜ୍ୟ ଦଖଲ ଉତ୍ସବରେ ସେମାନଙ୍କୁ ବଳି (ଅଶ୍ୱମେଧ) ଦେଉଥିଲେ। ବ୍ୟବସାୟୀମାନେ ଭାରତକୁ ଆକ୍ରମଣ କରିବା କିମ୍ବା ଭାରତକୁ ସ୍ଥାନାନ୍ତର ହେବାର କୌଣସି କାରଣ ନ ଥିଲା। ସେମାନେ କେବଳ ଭାରତରୁ କେନ୍ଦ୍ର ଏସିଆକୁ ଅଧିକ ଘୋଡ଼ା ଆଣିବା ଲାଗି ଯାଉଥିଲେ; ଯେଉଁଠି ଘୋଡ଼ାପାଳନ ଓ ବଂଶବୃଦ୍ଧି କରାଯାଉଥିଲା।

–devduttofficial@gmail.com

# ନୂଆଁଖାଇ ଜୁହାର



ମୋହନ ଚରଣ ମାଝୀ

ଜୁହାର, ଓଡ଼ିଶାର ଅନନ୍ୟ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସାରା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ସମଲେଶ୍ୱରୀ, ମା' ସୁରେଶ୍ୱରୀ, ମା' ପାଟଣେଶ୍ୱରୀ, ମା' ଲଙ୍କେଶ୍ୱରୀ, ମା' ବିନ୍ଧ୍ୟବାସିନୀ ତଥା ନୂଆଁଖାଇର ପବିତ୍ର ନବାନ୍ନ ଲାଗି ପରମ୍ପରା ସହ ଜଡ଼ିତ ସମସ୍ତ ଦେବୀମାନଙ୍କୁ କୋଟି କୋଟି ପ୍ରଣାମ। ମା' ତା'ର ପଣତକାନିରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ସ୍ନେହ ଘୋଡ଼ାଇ ରଖନ୍ତୁ। ସାରା ଦେଶ ଓ ସାରା ବିଶ୍ୱବାସୀଙ୍କୁ ସୁଖ, ଶାନ୍ତି ଓ ପ୍ରଗତିର ରାସ୍ତାରେ ଆଗେଇ ନିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା।

ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଖାଲି କୃଷିର ମହିମା ମଣ୍ଡନ କରେ ନାହିଁ। ଏହା ସହ ଭାରତୀୟ ଅସ୍ମିତାର ପ୍ରମୁଖ ଅଙ୍ଗ– ପରିବାର, ପାରିବାରିକ ସଂସ୍କାର ତଥା ମିଳିମିଶି ସହାବସ୍ଥାନର ସାରା ବିଶ୍ୱକୁ କାଳଜୟୀ ବାର୍ତ୍ତା ପ୍ରଦାନ କରେ। ନୂଆଁଖାଇ ଶୁଭ ଅବସରରେ ଆମ ଚାଷୀଭାଇ ଓ ଆମ ସଭ୍ୟତାର ମୂଳ ଆଧାର ପରିବାର ବ୍ୟବସ୍ଥା ଚିରସ୍ଥାୟୀ ହେଉ ଏବଂ ସାରା ରାଜ୍ୟର ସୁଖ, ଶାନ୍ତି ଓ ପ୍ରଗତିର ନୂଆ ଯୁଗରେ ସାଢ଼େ ଚାରି କୋଟି ଓଡ଼ିଆ ସାମିଲ ହୁଅନ୍ତୁ, ଏହା ହିଁ କାମନା।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଙ୍କ ଦୂରଦୃଷ୍ଟିସମ୍ପନ୍ନ ପୁରୋଦୟ ଯୋଜନା ଆଜି ଆମ ରାଜ୍ୟ ପାଇଁ ପ୍ରଗତିର ନୂଆ ରାସ୍ତା ଖୋଲିଛି। ମୋଦିଜୀ ତଥା ଡବଲ ଇଞ୍ଜିନ ସରକାରରେ ବିକାଶର ଅବଧାରଣା ବେଶ୍ ସ୍ପଷ୍ଟ। ୨୦୩୬ର ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ୧୦୦ ବର୍ଷ ପୂର୍ଣ୍ଣ ହେଉ ଅଥବା ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି। ଆମର ଲକ୍ଷ୍ୟ, ୨୦୪୭ରେ ବିକଶିତ ଭାରତ ନିର୍ମାଣରେ ଓଡ଼ିଶା ପ୍ରମୁଖ ଭୂମିକା ନେବ। ସେଥିପାଇଁ ୨୦୩୬ର ଲକ୍ଷ୍ୟ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଜିଠାରୁ ୨୦୪୭ ଆଉ ମାତ୍ର ୨୦-୨୨ ବର୍ଷ ଏବଂ ୨୦୩୬ ମାତ୍ର ୧୦-୧୧ ବର୍ଷ ବାକି ଅଛି। ଦେଶର ଅମୃତକାଳ ପାଇଁ ଆଗାମୀ ଦୁଇ ଦଶନ୍ଧି ବେଶ୍ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆମ ଓଡ଼ିଆଙ୍କ ପାଇଁ ଏହି ଦୁଇ ଦଶନ୍ଧି ଭିତରୁ ପ୍ରଥମ ଦଶନ୍ଧି ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ। ଆଜିଠାରୁ ଆଗାମୀ ଦଶବର୍ଷ ଠିକ୍ ଓଡ଼ିଆ ଜାତି ତା'ର ନିଷ୍ଠା, ପରାକାଷ୍ଠା ସହିତ ସଠିକ ରାସ୍ତାରେ ସଠିକ ପଦକ୍ଷେପ ନିଏ, ତା' ହେଲେ ବିକଶିତ ଭାରତର ଆଧାରସ୍ତମ୍ଭ ହୋଇ ପାରିବ ଓଡ଼ିଶା। ମୋର ଦୃଢ଼ ବିଶ୍ୱାସ ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା।

କ୍ଷେତରେ କୃଷି ହେଉ, ପଶୁପାଳନ ତଥା କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ କୃଷି ପ୍ରକ୍ରିୟାକରଣ ଶିଳ୍ପ, ଏସବୁର ସମାବେଶୀ ବିକାଶ ଓଡ଼ିଶାର ଆର୍ଥିକ ବିକାଶକୁ ଅନ୍ତର୍ଭୁକ୍ତୀକରଣର ରାସ୍ତାରେ ନେଇ ଅର୍ଥନୀତିର ସବୁଠାରୁ ବଡ଼ ବର୍ଗ କୃଷକଙ୍କୁ ସମୃଦ୍ଧ କରିବ।

ନୂଆଁଖାଇ ପୂର୍ବଦିନ ପବିତ୍ର ଗଣେଶ ଚତୁର୍ଥୀ। ମୁଁ ବହୁତ ଆନନ୍ଦିତ ନୂଆଁଖାଇର ଧାର୍ମିକ ଓ ସାମାଜିକ ଆନନ୍ଦ ଉତ୍ସାହର ପୂର୍ବ ଦିନ ବିଘ୍ନନାଶକ ଗଣପତିଙ୍କ ପବିତ୍ର ପୂଜା ଅବସରରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସିଏମ୍ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ସବୁ ପଞ୍ଜୀକୃତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ଯୋଜନାରେ ବର୍ଷକୁ ଦୁଇ ଥର ଏବଂ ଥରକୁ ୨ ହଜାର ଟଙ୍କା ଭାବରେ ଚାଷୀଭାଇମାନଙ୍କୁ କୃଷି ସହାୟତା ପାଇଁ ମୋ ସରକାର ପ୍ରଦାନ କରିଆସୁଛି। ଗଣେଶ ଚତୁର୍ଥୀ ଅର୍ଥାତ୍ ଗତକାଲି ରାଜ୍ୟର ୫୧ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସାମିଲ କରାଯାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଏହି ଅର୍ଥରାଶି ପ୍ରେରଣ କରାଯାଇଛି। ରାଜ୍ୟର ୫୧ ଲକ୍ଷ ପରିବାର ପାଖରେ ୧୦୪୧ କୋଟି ଟଙ୍କାର ଆର୍ଥିକ ଶକ୍ତି କେବଳ ଚାଷୀମାନଙ୍କ ପରିବାରରେ ହସ ଫୁଟାଇବ ନାହିଁ ବରଂ ସାରା ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବ। ନୂଆଁଖାଇରେ ଆମର ଚାଷୀଭାଇଙ୍କ ପରିବାର ମୁହଁରେ ହସ ମୋ ଭଳି ସାଧାରଣ ଗରିବ ଓଡ଼ିଆ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ହିସାବରେ ଅନେକ ଆନନ୍ଦ ଦେଉଛି।

ଆମେ ଗତ ନିର୍ବାଚନ ସମୟରେ ଚାଷୀଭାଇମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ୮୦୦ ଟଙ୍କାର ଇନପୁଟ ସବ୍‌ସିଡି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ସେତେବେଳେ ଆମର ବିରୋଧୀମାନେ ଆମକୁ ଥଟ୍ଟା, ପରିହାସ କରୁଥିଲେ। କାରଣ ସେମାନଙ୍କର ବିକାଶର ଅବଧାରଣା ଏବଂ ଭାରତୀୟ ଜନତା ପାର୍ଟିର ବିକାଶର ଅବଧାରଣା ଭିତରେ ଆକାଶ ପାତାଳ ଫରକ। ଆମେ ଗାନ୍ଧୀ, ଗୋପବନ୍ଧୁ ଏବଂ ପଣ୍ଡିତ ଦୀନ ଦୟାଳ ଉପାଧ୍ୟାୟଙ୍କର ଆର୍ଥିକ ବିକାଶ ମଡେଲର ପୂଜକ। ଆପଣମାନଙ୍କର ମନେଥିବ ବରଗଡ଼ ଜିଲାର ସୋହେଲାରେ ଚାଷୀମାନଙ୍କୁ ୧୦୦ ଟଙ୍କାର ବୋନସ ଦେବା ପାଇଁ ଜନସଭାରେ କିଏ ଘୋଷଣା କରିଥିଲେ ଏବଂ ଏହି ଅର୍ଥ ଯୋଗାଇବା ପାଇଁ କାହିଁକି ସେମାନେ ପଛେଇଲେ।

ମୁଁ ସ୍ପଷ୍ଟ କରିବାକୁ ଚାହେଁ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟଙ୍କ ଏକାତ୍ମମାନବ ଦର୍ଶନ ଏବଂ ଅନ୍ତ୍ୟୋଦୟ ବିଚାରଧାରାର ଆମେ ନିଷ୍ଠାପର ପୂଜାରୀ। ଜନସଂଘ ଓ ପରେ ୧୯୮୦ରୁ ବିଜେପିର ରାଜନୈତିକ ଯାତ୍ରାର ଆଧାର ଅନ୍ତ୍ୟୋଦୟ। ଦୀନଦୟାଳଙ୍କ ଅନ୍ତ୍ୟୋଦୟ ଆଜି ଦିନରେ ମୋଦିଜୀଙ୍କର ଗରିବ କଲ୍ୟାଣ। ଆମ ଚାଷୀଙ୍କୁ ୮୦୦ ଟଙ୍କା ଦେବା ପାଇଁ ସମୟ ଲାଗେନି କିନ୍ତୁ ୧୦୦ ଟଙ୍କା ସାଧାରଣ ଗରିବ ଚାଷୀ ପରିବାରକୁ ଦେଇଦେବେ ବିକାଶ କାମ ଗଡ଼ବଡ଼ ହୋଇଯିବ, ଏହା ଆମ ରାଜନୈତିକ ବିରୋଧୀଙ୍କ ବିଚାର।

ମୋର ପ୍ରିୟ ଓଡ଼ିଶାର ଚାଷୀ, ମହିଳା, ଯୁବକ ଓ ଗରିବମାନଙ୍କ ପାଖରେ ବିନମ୍ର କିନ୍ତୁ ବଜ୍ର ଶପଥ ଦେଇ ଡବଲ ଇଞ୍ଜିନ ସରକାର ମୋଦିଙ୍କ ନେତୃତ୍ୱରେ ସାଧାରଣରୁ ସାଧାରଣ ଓଡ଼ିଆଙ୍କ ଆର୍ଥିକ ବିକାଶ ପାଇଁ ବଦ୍ଧ ପରିକର। ଚାଷୀଙ୍କୁ ଆର୍ଥିକ୍ୟରେ ସମୃଦ୍ଧ କରିବା ଆମର ଶପଥ।

ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ କୃଷିନୀତି ଓ ଯୋଜନା ମାଧ୍ୟମରେ ଓଡ଼ିଶା ଭଳି ରାଜ୍ୟର ଚାଷୀଭାଇଙ୍କ ଅର୍ଥନୀତି ମଜଭୁତ ହେଉଛି। ମୋଦିଜୀଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମ୍‌କେଏସ୍‌ୱାଇ–ଏଆଇବିପି ଅଧୀନରେ ଜଳସେଚନ ପ୍ରକଳ୍ପ, ମତ୍ସ୍ୟ ଏବଂ ପଶୁ ସମ୍ପଦ ଯୋଜନା ସମୂହ, କୃଷି ଉତ୍ପାଦକ ସଂଗଠନ ବା ଏଫ୍‌ପିଓ ମାଧ୍ୟମରେ କୃଷକଙ୍କ ଆର୍ଥିକ ବିକାଶ। ସମବାୟ ବିଭାଗକୁ ମନ୍ତ୍ରାଳୟରେ ଗଢ଼ି କୃଷି ରଣ ଏବଂ ସମବାୟଭିତ୍ତିକ କୃଷି ନୂଆ ସମ୍ଭାବନା ସୃଷ୍ଟି କରିଛି।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ତତ୍କାଳିକ ଏବଂ ଦୀର୍ଘମିଆଦୀ ଭିତ୍ତିରେ ଚାଷୀର ବିକାଶ ପାଇଁ ବଦ୍ଧ ପରିକର। ଦୀର୍ଘମିଆଦୀ ଜଳସେଚନ ପ୍ରକଳ୍ପଗୁଡ଼ିକରେ ଅଧିକ ଗତିଶୀଳ କରିବା କାମରେ ଆମେ ଲାଗିଛୁ। କାରଣ ଜଳ ସେଚନ ବିନା ଉତ୍ପାଦନ ବଢ଼ାଇ ଚାଷୀଙ୍କ ରୋଜଗାର ଦ୍ରୁତ ବୃଦ୍ଧି ସମ୍ଭବ ନୁହେଁ। କୃଷି କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଶିଳ୍ପ, ଯୋଗାଣ ଶୃଙ୍ଖଳା ନେଟୱର୍କ ପାଇଁ କାର୍ଯ୍ୟକାରଣ କୃଷକଙ୍କ ପ୍ରଶିକ୍ଷଣ ଓ ତାଲିମ ବ୍ୟବସ୍ଥା ଆମର ପ୍ରାଥମିକତା। ମଣ୍ଡି ବ୍ୟବସ୍ଥାର ଉନ୍ନତୀକରଣ, ମଣ୍ଡିଗୁଡ଼ିକୁ E–NAM ସହ ଯୋଡ଼ିବା ଗୋଦାମଘର, ବିଶ୍ରାମାଗାର ମାଧ୍ୟମରେ ମଣ୍ଡି ନବୀକରଣକୁ ଆମେ ଗୁରୁତ୍ୱ ଦେଉଛୁ। କୃଷି ଋଣ ଓ ଏହାର ସୁଦରିହାତକୁ ଅଗ୍ରାଧିକାର ଦେଉଛୁ।

ଆମେ ରାଜ୍ୟର ୩ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣଙ୍କ ମତାମତ ଆଧାରରେ ୨୦୩୬ ଓ ୨୦୪୭ ପାଇଁ ଓଡ଼ିଶା ଭିଜନ ପ୍ରସ୍ତୁତ କରିଛୁ। ଆମର ଲକ୍ଷ୍ୟ ମୁଣ୍ଡ ପିଛା କୃଷକଙ୍କ ଆୟରେ ଓଡ଼ିଶା ଦେଶର ୫ ନମ୍ବର ସ୍ଥାନକୁ ଆସିବ। କୃଷି ରପ୍ତାନି ପାଇଁ ବଡ଼ ଯୋଜନାରେ ଆମେ କାର୍ଯ୍ୟରତ। ଚାଷଜମିର ୧୦୦ ପ୍ରତିଶତ ଡିଜିଟାଲ ମ୍ୟାପ ପ୍ରସ୍ତୁତ ଆମର ଯୋଜନା, ଯାହା ଆଧାରରେ ଚାଷଜମିର ନିରୀକ୍ଷଣ, ସବ୍‌ସିଡି ଓ ଅତିରିକ୍ତ ସେବା ଯୋଗାଣ ବ୍ୟବସ୍ଥାକୁ ପାରଦର୍ଶୀ କରାଯାଇ ପାରିବ। ପିଏମ୍ କୁସୁମ ଯୋଜନାରେ କୃଷି କ୍ଷେତ୍ରରେ ବିଜୁଳି ଆବଶ୍ୟକତା ସୌର ଶକ୍ତି ମାଧ୍ୟମରେ ମେଣ୍ଟାଇବା ପାଇଁ ଆମେ ଉଦ୍ୟମ କରୁଛୁ।

କୃଷି ଗବେଷଣା ଓ ଜ୍ଞାନ କୌଶଳକୁ ଚାଷୀଙ୍କ ପାଖକୁ ନେଇ ଚାଷୀଙ୍କୁ ସମୃଦ୍ଧ କରିବାରେ ସାରା ଦେଶରେ ଅଗ୍ରଣୀ ରାଜ୍ୟ ହେବା ଆମର ଲକ୍ଷ୍ୟ। ଚାଷ ଜମିର ମାଲିକାନା ମହିଳାଙ୍କ ନାମକୁ ଅଧିକ ମାତ୍ରାରେ ଆସୁ, ସେଥିପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିଛୁ।

ପବିତ୍ର ନୂଆଁଖାଇରେ ମୋ ସରକାର ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବଦ୍ଧ ପରିକର। ବିଶ୍ୱାସ ରାଜ୍ୟର ଚାଷୀଭାଇମାନଙ୍କୁ ଦେବାକୁ ଚାହୁଁଛି। ମୁଁ ସ୍ପଷ୍ଟ, ଚାଷୀଭାଇଙ୍କର ଦ୍ରୁତ ଉନ୍ନତି ବିନା ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିବ ନାହିଁ। ମା' ସମଲେଇ ଆମ ଲକ୍ଷ୍ୟ ପୂରଣ ପାଇଁ ଆଶିଷ ଦିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା।

ଆମ ଅସ୍ମିତାର ପ୍ରମୁଖ ଆମ ପରିବାର ବ୍ୟବସ୍ଥା। ନୂଆଁଖାଇର ଅନନ୍ୟ ଅଙ୍ଗ ପରିବାରରେ ଏକାଠି ହୋଇ ଭୋଜନ କରିବା ଓ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା। ଆଜି ଆଧୁନିକ ସମାଜର ପରିବାର ଅବଧାରଣା ବଦଳୁଛି। ପାଶ୍ଚାତ୍ୟ ସଂସ୍କୃତିର ଛାପ ଆମ ଯୌଥ ପରିବାର ବ୍ୟବସ୍ଥା ଉପରେ ସଙ୍କଟ ଆଣି ଦେଉଛି। ବାପା–ମା'–ପିଲା କେବଳ ନୁହନ୍ତି, ଦେଢ଼–ଜେଜେମା, ଦାଦା–ଖୁଡ଼ୀ ପ୍ରମୁଖ ସଂସ୍କୃତିରୁ ଆଧୁନିକ ସମାଜ ଦୂରାଉଛି। ବୋଧହୁଏ କାହିଁ କେଉଁ ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ନୂଆଁଖାଇ ପରିକଳ୍ପନା କରିଥିବା ଯୋଗଜନ୍ମା ଓଡ଼ିଆମାନେ ନୂଆଁଖାଇରେ ପରିବାର ମେଳନ ପରମ୍ପରା ତିଆରି କରିଛନ୍ତି। ଓଡ଼ିଶାର ଏହି ଅନନ୍ୟ ସଂସ୍କୃତି ଓ ଅସ୍ମିତାର ଛାପ ସାରା ଦେଶ ଓ ବିଶ୍ୱକୁ ପ୍ରଭାବିତ କରୁ, ନୂଆଁଖାଇ ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ସମଲେଶ୍ୱରୀଙ୍କ ପାଖରେ ଏହା ହିଁ ପ୍ରାର୍ଥନା।

ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

# ଚିତ୍ରକଳା ଓ ଜନଜାତି କଳାକୃତି



ଡା.ବିଚିତ୍ରାନନ୍ଦ ଆଚାର୍ଯ୍ୟ

ମାନବର ଅଭିବ୍ୟକ୍ତି ପାଇଁ ଯେତେ ପ୍ରକାର ମାଧ୍ୟମ ରହିଛି, ଚିତ୍ରକଳା ସେଥିମଧ୍ୟରୁ ଅନ୍ୟତମ। ପ୍ରାଗୈତିହାସିକ ଯୁଗର ଅଲଟାମିରା ଗହ୍ୱରର ଚିତ୍ରଣ ଏବଂ ଫ୍ରାନ୍ସର ଲାସ୍‌କକ୍ସ ଗହ୍ୱର ଚିତ୍ରଣ ପୂର୍ବରୁ ଆଦିମ ମାନବର ଅନ୍ୟ କୌଣସି ପ୍ରକାର ଚିତ୍ରାଙ୍କନର ସନ୍ଧାନ ମିଳେ ନାହିଁ। ଏଥିରୁ ପ୍ରମାଣିତ ହୁଏ ଯେ, ଗହ୍ୱର ମଧ୍ୟସ୍ଥିତ ରେଖା ଓ ବର୍ଣ୍ଣର ଏହି ସହଜ ପରିପ୍ରକାଶ ଚିତ୍ରାଙ୍କନ ହିଁ ଭାଷାହୀନ ମାନବର ପ୍ରଥମ ଅଭିବ୍ୟକ୍ତି। ଭାରତୀୟ ଶିଳ୍ପୀମାନେ ଧର୍ମ ଓ ଦର୍ଶନର ସମ୍ମିଶ୍ରଣରେ ଯେଉଁ ଜଗତର ଚିତ୍ର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଭାବ ପ୍ରକାଶ ସ୍ପଷ୍ଟ ପରିଲକ୍ଷିତ ହୁଏ। ଭାରତୀୟ ଚିତ୍ରକଳାର ରଚନା ଶୈଳୀ, ରେଖାଙ୍କନର ଚାତୁରୀ, ଲାଳିତ୍ୟ ବର୍ଣ୍ଣ ସଂଯୋଗ ଓ ରୂପାଙ୍କନ ପ୍ରକାଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାରତୀୟ ସମାଜରେ ଅତି ପ୍ରାଚୀନ କାଳରୁ ଚିତ୍ରର ପ୍ରଚଳନ ଥିଲା। କାବ୍ୟ ଓ ପୁରାଣମାନଙ୍କରେ ମଧ୍ୟ ଏହାର ସୂଚନା ମିଳେ। ପ୍ରାଗୈତିହାସିକ ଯୁଗର କେତେକ ରେଖାଚିତ୍ରର ସନ୍ଧାନ ଭାରତରେ ମିଳିଛି। ଏଥିରେ ଆଦି ମାନବର ଦୈନନ୍ଦିନ ଘଟଣାବଳୀର କେତେକ ସୂଚନା ଦୃଷ୍ଟିଗୋଚର ହୁଏ। ଚିତ୍ରାଙ୍କନ ଯୁଗ ଯୁଗ ବ୍ୟାପି ଭାରତରେ ପ୍ରଚଳିତ ହୋଇ ଏକ ଉଚ୍ଚକୋଟୀର କଳା ପରମ୍ପରା ସୃଷ୍ଟି କରିବାରେ ସହାୟକ ହୋଇଛି।

ଭାରତର କଳା ଐତିହ୍ୟ କେବଳ ପ୍ରାଚୀନତା ଦୃଷ୍ଟିରୁ ନୁହେଁ, ଏହାର ଆଧ୍ୟାତ୍ମିକତା ଦୃଷ୍ଟିରୁ ସୁନ୍ଦର ପ୍ରସାରୀ। ଉତ୍କଳରେ ମଧ୍ୟ ରେଖା ଓ ବର୍ଣ୍ଣ ଦ୍ୱାରା ଚିତ୍ରାଙ୍କନ ପ୍ରଚଳିତ ଥିବାର ଦୃଷ୍ଟିକୁ ଆସେ। ପ୍ରାଗୈତିହାସିକ ଯୁଗରୁ ଗୁମ୍ଫାମାନଙ୍କରେ ଥିବା ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଅଦ୍ୟାବଧି ଉନ୍ନତ କଳା ପରମ୍ପରାର ସୂଚନା ଦିଏ। ତନ୍ମଧ୍ୟରୁ ସୁନ୍ଦରଗଡ଼ ଜିଲାର ମାଣିକମୋଡ଼ା, ଉଷାକୋଠି, କଳାହାଣ୍ଡି ଜିଲାର ଗୁଡ଼ହାଣ୍ଡି ଓ ଯୋଗୀମଠ ଗୁମ୍ଫା ଅନ୍ୟତମ। ଏହି ଗୁମ୍ଫା ଚିତ୍ରର କାଳ ସଠିକ ଭାବେ ନିରୂପଣ କରାଯାଇ ନଥିଲେ ମଧ୍ୟ ତତ୍କାଳୀନ ସାମାଜିକ ଅବସ୍ଥାର କେତେକ ଚିତ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥାଏ। ଏହାର ଜ୍ୟାମିତିକ ରେଖା ଓ ବର୍ଣ୍ଣର ରଚନା ମାଧ୍ୟମରେ ଭାବର ପ୍ରକାଶ ଶିଳ୍ପୀର ଅନ୍ତର୍ନିହିତ ଆବେଗର ପରିପ୍ରକାଶ।

ଶିଳ୍ପୀଗଣ କାଠ, ପଥର, ବିଭିନ୍ନ ଧାତୁ ତଥା ପଟଚିତ୍ର କାରିଗରମାନେ ଦେଉଳର କାନ୍ଥ, କନା ଓ ପଟିରେ ଆଦିବାସୀମାନେ ତାଙ୍କର ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରାକୃତିକ ରଙ୍ଗ ସାହାଯ୍ୟରେ ତଥା ଏବର ଆଧୁନିକ ଯୁଗର ଚିତ୍ରକଳା ଓ ଭାସ୍କର୍ଯ୍ୟମାନେ ଆଦିବାସୀ ସଂସ୍କୃତିକୁ ବିଭିନ୍ନ ପଦ୍ଧତିରେ ଚିତ୍ରିତ କରିଛନ୍ତି। ବହୁକାଳରୁ ଏହି ଆଦିବାସୀ ସଂସ୍କୃତି ସହିତ ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଏବଂ ଶବର ରାଜା ବିଶ୍ୱାବସୁଙ୍କ ସମ୍ପର୍କ ଜନଶ୍ରୁତିରେ ନିବିଡ଼ ସମ୍ପର୍କ ରଖି କାଳଜୟୀ ହୋଇଛନ୍ତି। ଆଦିବାସୀମାନଙ୍କର ପୂଜ୍ୟ ଦେବତା ନୀଳମାଧବ



ଆମ ଜାତି, ଧର୍ମ ନିର୍ବିଶେଷରେ ଗୃହୀତ ଧର୍ମଦେବତା ରୂପରେ ପୂଜିତ। ଏହାର ଚିତ୍ରଣ ଶୈଳୀ ସରଳ ଓ ବକ୍ରରେଖା ସହିତ ଶ୍ୱେତ, ହରିଦ୍ରା, ଲାଲ ଓ କୃଷ୍ଣବର୍ଣ୍ଣର ବିଲେପନ ହିଁ ବହୁ ଶତବର୍ଷ ଧରି ପ୍ରଚଳନ ହୋଇଆସୁଛି। ଚିତ୍ରକଳା ମାଧ୍ୟମରେ କାନ୍ଥ, କବାଟ, ଭୂମି, ଘର ସମ୍ମୁଖରେ ପଥର ଦେହରେ ନାନା ପ୍ରକାର ଲୋକକଳା ଅଙ୍କନ କରି ଭୂତ, ପ୍ରେତମାନଙ୍କ ଭୟରୁ ରକ୍ଷା ପାଇଁ ଓ ପୂର୍ବ ପୁରୁଷମାନଙ୍କ ପୂଜା ଉଦ୍ଦେଶ୍ୟରେ ଚିତ୍ର ଅଙ୍କନ କରିବା ଲାଗି ସେମାନେ ବିଶେଷ ଆଗ୍ରହ ଦେଖାଉଥାନ୍ତି। ଭାରତ ବର୍ଷର ଅନ୍ୟତମ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶାନ୍ତିନିକେତନର ରାମକିଙ୍କର ବେଜ ଏହି ଆଦିବାସୀ ସଂସ୍କୃତିରେ ବିଶେଷ ଭାବେ ଅନୁପ୍ରାଣିତ ହୋଇ ଏକ ବିଶାଳ ବ୍ରୋଞ୍ଜ ମୂର୍ତ୍ତି 'ସାନ୍ତାଳ ପରିବାର' ନିର୍ମାଣ କରିଛନ୍ତି। ଠିକ୍ ସେହିପରି ଶିଳ୍ପାଚାର୍ଯ୍ୟ ଗୁରୁ ନନ୍ଦଲାଲ ବୋଷଙ୍କ ଅସଂଖ୍ୟ ଚିତ୍ର ମଧ୍ୟରୁ 'ସାନ୍ତାଳଙ୍କ ଶସ୍ୟ ଅମଳର ନୃତ୍ୟ' ଚିତ୍ରଟି ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ପ୍ରଖ୍ୟାତ ଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ 'ନବ ବସନ୍ତ' ଜଳରଙ୍ଗ ଚିତ୍ରଟି ଆଦିବାସୀ ରମଣୀ ପ୍ରାପ୍ତଯୌବନା ପ୍ରକୃତିର ପୁଷ୍ପକୁ ନିଜ ଖୋପାରେ ଖୋସୁଥିବା ଦୃଶ୍ୟଟି ପରମ ଉପଭୋଗ୍ୟ। ସେହିପରି ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଦ୍ୱାରା ଚିତ୍ରିତ 'ବନଫୁଲ'ରେ ଘୁର ଘୁର ଯୌବନରେ ଭରି ଯାଇଥିବା ଆଦିବାସୀ ଯୁବତୀ ନିଜ ନିଜର ଗୋପନ କଥାରେ ମଜ୍ଜିଯାଇଛନ୍ତି। ଏହିପରି ଓଡ଼ିଶାର ଅନେକ ବିଶିଷ୍ଟ ଚିତ୍ରକାରମାନେ ସେମାନଙ୍କ ନିହାଣ ତୁନ ଓ ତୁଳୀ ରଙ୍ଗ ମାଧ୍ୟମରେ ସୃଜନଶୀଳତାର ପରାକାଷ୍ଠା ଦେଖାଇଛନ୍ତି।

ଓଡ଼ିଶାର ଆଧୁନିକ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଡ. ଦୀନନାଥ ପାଠୀଙ୍କ 'ଫସଲ ଅମଳର ସଙ୍ଗୀତ' ଓ ଶିବ ପାଣିଗ୍ରାହୀଙ୍କ ଜନଜାତିର ସାଙ୍କେତିକଧର୍ମୀ ଆଦିବାସୀ ତୈଳଚିତ୍ର ଯଥାକ୍ରମେ କୋଲ୍‌କାତା ଏକାଡେମୀ ଅଫ୍ ଫାଇନ୍ ଆର୍ଟସ ଏବଂ ଓଡ଼ିଶା ଲଳିତକଳା ଏକାଡେମୀର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଓ ପ୍ରଦର୍ଶିତ ହୋଇଛି। ସେହିପରି ଗ୍ରାଫିକ ପ୍ରିଣ୍ଟ ମାଧ୍ୟମରେ ବରିଷ୍ଠ ଶିଳ୍ପୀ ରାମହରି ଜେନା, ଅଧ୍ୟାପକ ଡି.ଏନ୍. ରାଓ, ଏକ୍ରେଲିକ ରଙ୍ଗ ମାଧ୍ୟମରେ ଆଦିବାସୀ ଲୋକକଳାକୁ ଶିଳ୍ପୀ କାଶୀନାଥ ଜେନା ଚିତ୍ରିତ କରିଛନ୍ତି। ଆଦିବାସୀ ସଂସ୍କୃତି ଉପରେ ଓଡ଼ିଶାରେ ଅନେକ ଚିତ୍ରକଳା ପ୍ରଦର୍ଶନୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା, ସେମିନାର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ସେହିପରି ଭୁବନେଶ୍ୱରଠାରେ ଓର୍କି ଅର୍ଣ୍ଣିଷ୍ଟସ ଆସୋସିଏସନ ଦ୍ୱାରା 'ଆଦିବାସୀ ସଂସ୍କୃତି' ଉପରେ ଜାତୀୟ ସେମିନାର ଓ ଆଲୋଚନାଚକ୍ର ନିୟମିତ ନିର୍ଦ୍ଦିଷ୍ଟ ସମୟରେ ଅନୁଷ୍ଠିତ ହୋଇଥାଏ। ଜନଜାତି ଜୀବନର ଏହି ଅମୂଲ୍ୟ ଚିତ୍ରକଳା କଳା କ୍ଷେତ୍ରରେ ନୂତନ ସୃଜନର ସ୍ରୋତ ପ୍ରବାହିତ କରିବା ସହ ଅନେକ ଯଶସ୍ୱୀ କଳା ପ୍ରତିଭା, ଲୋକକଳା ସହ ଜନଜାତି, ଉତ୍କଳର ଆଦିବାସୀ ପରମ୍ପରାର ମନୋମୁଗ୍ଧକର କଳାକୃତି ଯୁଗେ ଯୁଗେ ସ୍ମରଣୀୟ।

ବିଭବ, ଆଚାର୍ଯ୍ୟ କଲୋନି, ବାଲିଗୁଡ଼ା, କନ୍ଧମାଳ, ମୋ: ୯୪୩୭୬୨୪୩୭୭

## ଏଇ ଭାରତରେ

ମହାରାଷ୍ଟ୍ରର ଆଦିତ୍ୟ ପିଙ୍ଗଲେ ସ୍କ୍ରାପରୁ ନିର୍ମାଣ କରିଥିବା ରୋବୋ କାଟନାଶକ ସ୍ପ୍ରେରେ ସାହାଯ୍ୟ କରୁଛି। ଏହା ୧୬ ଲିଟର କାଟନାଶକ ଏକାଥରକେ ନେଇ ପାରୁଛି। ଏହା ହାଲୁକା ଓ ଶସ୍ତା। ନାଶିକ ଜିଲା ଅଡ୍‌ଗାଓଖେଡ଼ ଗାଁରେ ରହନ୍ତି ଆଦିତ୍ୟ। ତାଙ୍କୁ ବୟସ ଏବେ ୧୭। ସେ ନିର୍ମାଣ କରିଥିବା ରୋବୋ ୧୨ ଭୋଲ୍ଟ ରିଚାର୍ଜଯୋଗ୍ୟ ବ୍ୟାଟେରିରେ ଚାଲୁଛି। ଏହାକୁ ମୋବାଇଲ ଦ୍ୱାରା ନିୟନ୍ତ୍ରଣ କରାଯାଇପାରୁଛି। ଆଦିତ୍ୟ କୃଷକ ପରିବାରର ପିଲା ହୋଇଥିବାରୁ ସେ ଏଭଳି ଏକ ରୋବୋ ନିର୍ମାଣ କରିବାକୁ ଉତ୍ସାହୀ ହୋଇଥିଲେ। ପରେ ସେ ସାଲାମ ମୁମ୍ବାଇ ଫାଉଣ୍ଡେସନ ଦ୍ୱାରା ଦିଆଯାଉଥିବା ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ସେ ସେଠାରେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବାକୁ ପାଇଥିଲେ। ରୋବୋ ନିର୍ମାଣରେ ତାଙ୍କ ସାଙ୍ଗ ପରାଶରାମ ଓ ଅଭିଜିତ ସହଯୋଗ କରିଛନ୍ତି।

## ୫୦ ବର୍ଷ ତଳେ ଧରିତ୍ରୀ

୨୮ ଅଗଷ୍ଟ ୧୯୭୬

- ଉତ୍ତର ପ୍ରଦେଶ ବିଧାନସଭାରେ ଲୋକପକ୍ଷ ବ୍ୟବସ୍ଥାପକ ଦଳର ମୁଖ୍ୟ ସଚେତକ ଅବସର ଅବସରପ୍ରାପ୍ତ ଭାରତୀୟ କ୍ରାନ୍ତି ଦଳର ସମସ୍ତ ପଦପଦବୀରୁ ଇସ୍ତଫା।
- କମ୍ପାନୀଠାରୁ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହେବା ପରେ ହଲାଣ୍ଡ ରାଜକୁମାର କର୍ଣ୍ଣାଡ ଲକ୍‌ହିଡ୍ ସୈନ୍ୟବାହିନୀର ଇନ୍ସପେକ୍ଟର ଜେନେରାଲ ପଦବୀରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେମନ ମୁଁ ବଞ୍ଚିବି
ମରଣୁ ବଳି ପର
ଜୀବନର ଭାର ବହି ।
ମରିବି ଯେବେ ଆଗ କେମନ ମୁଁ ମରିବି ଗୋ
ମରଣୁଁ ବଳି ତା'ର
ଅନ୍ଧକାର ଦଶଦିଗ । -(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 2 | | | | 4 | | 6 |
| | 7 | | | 8 | | | | 2 |
| | | | | 7 | | | | |
| | 5 | 6 | | 1 | | | | |
| | 9 | | | | 6 | 2 | | |
| 8 | | | | 9 | | | 4 | |
| 3 | | | 5 | | | | 6 | 4 |
| | 6 | | | | 1 | | 3 | |
| 9 | | 7 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 8 | 9 | 4 | 5 | 6 | 3 | 7 |
| 9 | 3 | 7 | 2 | 1 | 6 | 5 | 8 | 4 |
| 5 | 4 | 6 | 3 | 8 | 7 | 9 | 1 | 2 |
| 2 | 9 | 5 | 4 | 6 | 3 | 8 | 7 | 1 |
| 8 | 7 | 1 | 5 | 2 | 9 | 3 | 4 | 6 |
| 3 | 6 | 4 | 8 | 7 | 1 | 2 | 5 | 9 |
| 7 | 8 | 9 | 1 | 5 | 2 | 4 | 6 | 3 |
| 4 | 1 | 2 | 6 | 3 | 8 | 7 | 9 | 5 |
| 6 | 5 | 3 | 7 | 9 | 4 | 1 | 2 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବୁଲାକୁକୁରଙ୍କ ସଂଖ୍ୟା ବଢ଼ୁଛି

ମହାଶୟ,

ଗାଁ କିମ୍ବା ସହର ଯେଉଁଠି ଦେଖିବ ବୁଲା କୁକୁରଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ି ଚାଲିଛି। କୁକୁରମାନଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ରାସ୍ତାରେ ଲୋକମାନେ ମେଳି ଓ ମିଳିତ ବିକଟାଳ ରଡ଼ି ଜନଜୀବନକୁ ଅତିଷ୍ଠ କରିଛି। ବୁଲା କୁକୁରମାନେ ବହୁ ସମୟରେ ପଥଚାରୀମାନଙ୍କୁ ଆକ୍ରମଣ କରି ଗୁରୁତର କରିଦେଉଛନ୍ତି। ଫଳରେ ଲୋକମାନେ ରାସ୍ତାରେ ଯିବାକୁ ଭୟ କଲେଣି। ଏବେ କୁକୁର କୁଲ୍ଲୁଛନ୍ତି ଯେ ମଣିଷମାନଙ୍କ ପକ୍ଷରେ ଏମାନଙ୍କୁ ଖାଇବାକୁ ଦେବା ସମ୍ଭବ ନୁହେଁ। କୁକୁରଙ୍କ ବନ୍ଧ୍ୟାକରଣ ନ ହେବା ଫଳରେ ଏମାନଙ୍କ ସଂଖ୍ୟା ଯେପରି ଭାବେ ବଢ଼ି ଚାଲିଛି ତାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦିଲ୍ଲୀର ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏ ବିଷୟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ଓଡ଼ିଶା ସରକାର ରାଜ୍ୟର ସହରଗୁଡ଼ିକରେ ବୁଲୁଥିବା କୁକୁରଙ୍କ ପାଇଁ କି ପଦକ୍ଷେପ ଗ୍ରହଣ କରିବେ ତାହାକୁ ଅପେକ୍ଷା।

-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବର୍ଷା ବିପତ୍ତି

# ବିପଦ ସଙ୍କେତ ଉପରେ କୋଲାବ, କୁର୍ଲୁ, ବିରିନଦୀ

## କୁନ୍ଦୁରା ବ୍ଲକ

କୁନ୍ଦୁରା, ୨୭।୮ (ସନ୍ତୋଷ ପ୍ରହରାଜ)



ଡଙ୍ଗରପାଉଁଶି ନିକଟସ୍ଥ କୋଲାବ ନଦୀରେ ପ୍ରବାହିତ ଜଳ।

କୋରାପୁଟ ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଦୁଇ ଦିନ ହେଲାଣି ବ୍ଲକର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ଘେରରେ ରହିଛି। ଫଳରେ ଅଧିକାଂଶ ଅଞ୍ଚଳକୁ ଯୋଗାଯୋଗ ଠପ୍ ହୋଇଯାଇଛି। କୋଲାବ, କୁର୍ଲୁ ଓ ବିରି ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବୁଧବାର ଜିଲା ପରିଷଦ ଉପାଧ୍ୟକ୍ଷ, ଥାନା ଅଧିକାରୀ ଓ ଅତିରିକ୍ତ ତହସିଲଦାର ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। କୁନ୍ଦୁରା ବ୍ଲକରେ ବହୁ ପରିମାଣର ବର୍ଷା ହୋଇ ନ ଥିଲେ ମଧ୍ୟ ଉପର ମୁଣ୍ଡରେ ବର୍ଷା ଓ କୋଲାବ ନଦୀରେ ଅଧିକ ପାଣି ଥିବାରୁ ଜଳସ୍ତର କମୁନାହିଁ। ସମଗ୍ର ବ୍ଲକ ଅଞ୍ଚଳ ଦୁଇ ଦିନ ହେଲା ପାଣି ଘେରରେ ରହିଛି। ବ୍ଲକ ସଦରକୁ ଦିଗାପୁର,ବାଗଦେରୀ, ଲିମା,ଆସନା, ଫୁଲଭଟ୍ଟା ଓ କେରମେଟି ଆଦି ପଞ୍ଚାୟତଠାରୁ ବ୍ଲକ ସଦର ସଂଯୋଗ କରୁଥିବା ଘାଡଙ୍ଗାଗୁଡ଼ା, ଲିମା, କୁର୍ଲୁ ନଦୀ ପୋଲ ଓ ରାସ୍ତା ଉପରେ ଦୁଇରୁ ତିନି ଫୁଟ ପାଣି ପ୍ରବାହିତ ହେଉଛି। ଦିଗାପୁର ଅଞ୍ଚଳରେ ନାଡ଼ିଆଲପାଲୀ ଓ ବରଗାଁ ମଝିରେ ଥିବା ବିରି ନଦୀ ଉପରେ ସର୍ବାଧିକ ୩ରୁ ୪ ଫୁଟ ପାଣି ପ୍ରବାହିତ ହେଉଛି। ବିରି ନଦୀରେ ମଙ୍ଗଳବାର ସନ୍ଧ୍ୟାରେ ପାଣି କମିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ବୁଧବାର ସକାଳୁ ଚାରି ପାଞ୍ଚ ଗୁଣା ପାଣି ବଢ଼ିଛି। ନଦୀ ଦୁଇ ପାର୍ଶ୍ୱରେ ଥିବା ଏହି ଦୁଇ ଗାଁରୁ ନିକଟରେ ପହଞ୍ଚିଛି ପାଣି। ବୁଧବାର ରାତିରେ ଯଦି ବର୍ଷା ଲାଗି ରହେ ତେବେ ନଇକୂଳିଆ ଗାଁଗୁଡିକରେ ପାଣି ପଶିବା ସମ୍ଭାବନା ରହିଛି।

ଘାଡଙ୍ଗାଗୁଡ଼ା ପୋଲ ଉପର ସୁରକ୍ଷା ପାଚେରି ଭାଙ୍ଗି ନଷ୍ଟ ହୋଇ ଯାଇଛି। ସେହିଭଳି ଭୂଷାଙ୍ଗଗୁଡ଼ା ପଞ୍ଚାୟତ କଟାରିପୁଟ ପଟରା ନଦୀଫୁଲି ଗାଁ ଭିତରକୁ ପାଣି ପଶିବା ସ୍ଥିତି ହେଲାଣି। କଟାରିପୁଟ ଅଞ୍ଚଳ ସହ ସଲପା ଓ ଜୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ଅଞ୍ଚଳ ବିଷୟରେ ବ୍ଲକ ପ୍ରଶାସନ ନିକଟରେ ସୂଚନା ନ ଥିଲା। ଜିଲା ପରିଷଦ ଉପାଧ୍ୟକ୍ଷଙ୍କୁ ଗାଁ ଲୋକେ ଜଣାଇବା ପରେ ସେ ବ୍ଲକ ପ୍ରଶାସନକୁ ସୂଚନା ଦେଇଥିଲେ। ଅତିରିକ୍ତ ତହସିଲଦାର ଅଶୋକ କୁମାର ପାଲଙ୍କ ସହ ସମସ୍ତ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା ପରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଦିଗାପୁର ଅଞ୍ଚଳରେ ପ୍ରାୟ ପାଞ୍ଚ ଶହ ଓ କଟାରୀପୁଟ ଅଞ୍ଚଳରେ ପ୍ରାୟ ଛଅ ଶହ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଶେଷ ପର୍ଯ୍ୟାୟରେ ରୁଆ ସରିଥିବା ଜମିଗୁଡ଼ିକର ଧାନ ଗଛ ଭାସି ଯାଇଛି। ଫଳରେ ଚାଷୀଙ୍କର କ୍ଷତି ହୋଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ କହିଛନ୍ତି। କୁନ୍ଦୁରା ଚାରିପଟେ ଘେରି ରହିଥିବା ଛୋଟ ନଦୀଗୁଡ଼ିକର ପାଣି କୋଲାବରେ ମିଶିଥାଏ। କୋଲାବ ନଦୀରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ନିଷ୍କାସନ ହୋଇ ପାରୁନାହିଁ, ଫଳରେ ଜଳସ୍ତର ବଢ଼ୁଛି।

କୁନ୍ଦୁରା ଥାନା ଅଧିକାରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ବୈପାରୀଗୁଡ଼ା ଥାନା ଅଧିକାରୀ ରଶ୍ମୀ ରଞ୍ଜନ ପ୍ରଧାନ, ଅତିରିକ୍ତ ତହସିଲଦାର ପାଲ ପ୍ରମୁଖ ଏ ସବୁ ଅଞ୍ଚଳ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଯେଉଁ ଅଞ୍ଚଳରେ ପୋଲ ଓ ରାସ୍ତା ଉପରେ ପାଣି ଚାଲୁଛି ସେ ସବୁ ସ୍ଥାନରେ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ କରି ରାସ୍ତାବନ୍ଦ କରାଯାଇଛି। କୋଲାବ ନଦୀର ନିକଟବର୍ତ୍ତୀ ଗ୍ରାମ ଲୋକଙ୍କୁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ୧୭ ଘର



ଲଗାଣ ବର୍ଷାରେ ଏକ ଘର ଭାଙ୍ଗିଯାଇଛି।

ଜୟପୁର, ୨୭।୮ (ପବନ ପାଣିଗ୍ରାହୀ)

ଲଗାଣ ବର୍ଷାରେ ଜୟପୁର ତହସିଲ ଅଧୀନରେ ୧୭ ଟି ଘର ଆଂଶିକ ଭାଙ୍ଗିଛି। ଏନେଇ ବୁଧବାର ଜୟପୁର ତହିଲଦାର ସବ୍ୟସାଚି ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ରାଜସ୍ୱ ସୁପର ଭାଇଜର ହରିହର ଶତପଥୀ ତଥ୍ୟ ସଂଗ୍ରହ ସହ କ୍ଷତିଗ୍ରସ୍ତଙ୍କୁ ପଲିଥିନ ପ୍ରଦାନ କରିଥିଲେ। କେବିଡିର ବୁନୁ କାଡ୍ରାକା, ସିଙ୍ଗିବନ୍ଧର ଉଦ୍ଧବ ବୈପାରୀ, ଭାଜିଗୁଡ଼ାର ପୂର୍ଣ୍ଣଚନ୍ଦ୍ର ଗୌଡ଼, ହାଟପଦାର ରାମଚନ୍ଦ୍ର ଖରା, ବୈରାଗୀମଠର ଗୌରୀ ବିଷୋୟୀ, ବାପୁଜି ନଗରର ଅମ୍ବିକା ଖରା, ଭାଜିଗୁଡ଼ା ଗୋରି ମଣି ହରିଜନ, ଖଡ଼ପାର ମୁଦି ଭତ୍ରା, ନୁଆପୁଟର ଡମ୍ବୁ ପରାଜ, ହାଟପଦାର ସୁବାସ ଖରା, ବାପୁଜି ନଗରର କୋମ୍ବୁ ଖରା, ପଲକାପୁଟର ରିନା ପରଜା, ବାପୁଜୀ ନଗରର ହାଡି ଖରା, ପଲକାପୁଟର ଜୟନ୍ତି ବାଘ , ବିଜୁ ରାଜନଗର ଏମ୍ଡି ଫାୟାତଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି।

## ୩ଘଣ୍ଟା ଜୟପୁରରୁ ଦୁବୁଲି ଗଡ଼ପଦର ଯାତାୟାତ ବନ୍ଦ

### ପୋଲ ଉପରେ ୨ ଫୁଟର ପାଣି

ଜୟପୁର, ୨୭।୮ (ପବନ ପାଣିଗ୍ରାହୀ)

ଲଗାଣ ବର୍ଷାରେ ଜୟପୁର ସହରର ବିଭିନ୍ନ କଲୋନୀରେ ଲୋକଙ୍କ ଘର ଓ ଅନେକ ସରକାରୀ କାର୍ଯ୍ୟାଳୟ ଜଳମଗ୍ନ। ଜୟପୁର ଫିସରି ଅଫିସ, ଏମ୍ଆଇ ଅଫିସ, ଆକାଶବାଣୀ କେନ୍ଦ୍ର, ବିଇଓ ଅଫିସ ଭଳି ଅନେକ କାର୍ଯ୍ୟାଳୟରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି। ମଙ୍ଗଳବାର ରାତି ୧ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟମ ଧରଣର ଓ ରାତି ୩ଟାରୁ ସକାଳ ୬ଘଣ୍ଟା ପର୍ଯ୍ୟନ୍ତ ବାଦଲଫଟା ବର୍ଷାରେ ଜୟପୁର ସହର ଏବେ ଜଳମଗ୍ନ। ପାରାବେଡା ଅଞ୍ଚଳର ଶ୍ରୀରାମନଗର ଅଞ୍ଚଳ ମଧ୍ୟ ପାଣି ବୁଡି ରହିଥିଲା। ଜୟପୁର ପାରାବେଡାରୁ ଗଡପଦର ଯିବା ସମୟରେ ଦୁବୁଲି ବ୍ରିଜ ଉପରେ ଦୁଇଫୁଟ ପାଣି ପ୍ରବାହିତ ହେଉଥିବା ଯୋଗୁ ୩ଘଣ୍ଟା ଧରି ଜୟପୁରରୁ ଦୁବୁଲି ଗଡପଦର ଯିବା ଆସିବା ବନ୍ଦ ଥିଲା।

ସହରର ମୁଖ୍ୟରାସ୍ତା ଏମ୍ଜି ରୋଡ, ଏନକେଟି ରୋଡ୍‌ରେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା। ସହରର ନାଳ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରକୁ ଚାଲି ଆସିଥିଲା। କୁମ୍ଭାର ସାହି, ଦୈନିକ ବଜାର ଅଞ୍ଚଳରେ ଚାଲିବା କଷ୍ଟକର ହୋଇପଡିଥିଲା। ସ୍ଥାନୀୟ ତଳିଅଞ୍ଚଳ ଅଡିଟ କଲୋନୀ, କିଆବନ୍ଧ ସାହି, ବିଜୁରାଜ ନଗର ଓ ହାଟପଦା ଅଞ୍ଚଳ ଓ ସନ୍ତୋଷୀମା ନଗରରେ ଘର ଭିତରେ ପାଣି ପଶିଯାଇଥିବା ଯୋଗୁ ଲୋକେ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ବୁଧବାର ସକାଳୁ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ବିଜୁରାଜନଗର ଅଞ୍ଚଳ ବୁଲି ଦେଖିବା ସହ ସେଠାକାର ଲୋକମାନଙ୍କୁ ପାଉରୁଟି ବଣ୍ଟନ କରିଥିଲେ। ସେହିପରି ଅପରାହ୍ନରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଏ.ଶସ୍ୟାରେଡ୍ଡୀ ସମସ୍ତ ଜଳମଗ୍ନ ଅଞ୍ଚଳ ବୁଲି ଦେଖି ସେଠାକାର ସମସ୍ୟା ପଚାରି ବୁଝିଥିଲେ। ଡ୍ରେନ ନ ଥିବା ଅଞ୍ଚଳରେ ପୌର କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି କିଛି ପାଚେରି ଭାଙ୍ଗୀ ଜଳ ନିଷ୍କାସନ କରିଥିଲେ। ସେହିପରି ପୌରଉପାଧ୍ୟକ୍ଷ ବି. ସୁନିତା ବେଲରୋଡ, ପ୍ରସାଦରାଓ ପେଟା, ସମ୍ଭାରତୋଟା ଅଞ୍ଚଳ ବୁଲି ଦେଖିବା ସହ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।



ଜୟପୁର ଉପଜିଲାପାଳ ଏ.ଶସ୍ୟାରେଡ୍ଡୀ ଜଳମଗ୍ନ ଅଞ୍ଚଳରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି।



**ପଟାଙ୍ଗି ବ୍ଲକ:** ସୁଲିଆମାରି ଏବଂ ସାଲିମପଦର ଗ୍ରାମ ମଝିରେ ନିର୍ମିତ ଅସ୍ଥାୟୀ ବ୍ରିଜ୍‌ରେ ବର୍ଷା ପାଣି।

## ଅସ୍ଥାୟୀ ବ୍ରିଜ୍ ଉପରେ ପାଣି, ସୁଲିଆମାରି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ

ପଟ୍ଟାଙ୍ଗି,୨୭।୮
(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଞ୍ଚଳରେ ଗତ ୧୦ ଦିନ ହେଲା ଲଗାଣ ବର୍ଷା ଲାଗି ରହିଛି। ସୋମବାର ଓ ମଙ୍ଗଳବାର ୨ ଦିନ ହେଲା ପ୍ରବଳ ବର୍ଷା ଯୋଗୁ ଲୋକେ ଅତିଷ୍ଠ ହୋଇଗଲେଣି। ବର୍ଷା ପ୍ରଭାବରେ ପଡୋଶୀ ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତର ସୁଲିଆମାରି ଏବଂ ସାଲିମପଦର ଗ୍ରାମ ମଝିରେ ନିର୍ମିତ ଅସ୍ଥାୟୀ ବ୍ରିଜ୍‌ରେ ବର୍ଷା ପାଣି ଚାଲୁଥିବାରୁ ସୁଲିଆମାରି ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇପଡିଛି।

ସୂଚନା ମୁତାବକ, କୋଟିଆ ପଞ୍ଚାୟତ ସଦର ମହକୁମାରୁ ସୁଲିଆମାରି ଗ୍ରାମକୁ ଯିବାକୁ ହେଲେ ପ୍ରଥମେ କାତ୍ରାଗୁଡା, ସାଲିମପଦର ହୋଇ ସୁଲିଆମାରି ଗ୍ରାମରେ ପହଞ୍ଚିବାକୁ ପଡିଥାଏ । କିନ୍ତୁ ସୁଲିଆମାରି ଏବଂ ସାଲିମପଦର ଗ୍ରାମ ମଝିରେ ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଏକ ବଡ଼ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେଉଛି । ସେପଟେ ନିର୍ମାଣାଧିନ ବ୍ରିଜ୍ ନିକଟ ଦେଇ ଏକ ଅସ୍ଥାୟୀ ପୋଲ ନିର୍ମାଣ ହୋଇଥିବାବେଳେ ଲଗାଣ ବର୍ଷା ଯୋଗୁ ଏହା ଉପରେ ପାଣି ଚାଲୁଛି। ଅନ୍ୟପକ୍ଷେ ଅସ୍ଥାୟୀ ବ୍ରିଜ୍ ଉପରେ ବର୍ଷା ପାଣିର ସ୍ରୋତରେ ନିର୍ମାଣାଧିନ ବ୍ରିଜ୍ କାର୍ଯ୍ୟରେ ନିୟୋଜିତ ଠିକାଦାର କମ୍ପାନୀର ଏକ ଟ୍ରାକ୍ଟର ବୁଧବାର ରାସ୍ତା ଅତିକ୍ରମ କରିବାକୁ ଉଦ୍ୟମ କରି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ସୂଚନା ଥାଉକି, ଯୋଗଯୋଗ ବିଚ୍ଛିନ୍ନ ହୋଇ ରହିଥିବା ସୁଲିଆମାରି ଗ୍ରାମ ସହ ପଞ୍ଚାୟତ କର୍ତ୍ତୃପକ୍ଷ ଯୋଗାଯୋଗରେ ରହିଥିବା ବେଳେ ଅସ୍ଥାୟୀ ବ୍ରିଜ୍ ଉପରେ ବୋହି ଯାଉଥିବା ବର୍ଷା ପାଣି ଭିତରେ ପଶି ନ ଆସିବାକୁ ଲୋକଙ୍କୁ ସତର୍କ କରାଇଛି।

## କୋରାପୁଟ ଜିଲାରେ ଦିନକରେ ୧୬୧୮ମି.ମି. ବର୍ଷା

### ବୈପାରୀଗୁଡ଼ା ବ୍ଲକରେ ସର୍ବାଧିକ ୩୦୬ ମି.ମି.

କୋରାପୁଟ,୨୭।୮ (ଅମିତାଭ ବେହେରା)

କୋରାପୁଟ ଜିଲାରେ ଦିନକରେ ପ୍ରଥମ କରି ୧୬୧୮ମିମି ବର୍ଷା ହୋଇଛି। ଜିଲାର ବୈପାରୀଗୁଡ଼ା ବ୍ଲକରେ ସର୍ବାଧିକ ୩୦୬ ମି.ମି. ଓ ବନ୍ଧୁଗାଁ ବ୍ଲକରେ ସର୍ବନିମ୍ନ ୨ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ନୀଳକଣ୍ଠ ନାଇଡୁ ପ୍ରକାଶ କରିଛନ୍ତି। ସେହିଭଳି ଜୟପୁର ବ୍ଲକରେ ୧୮୬ ମି.ମି., ବୋରିଗୁମ୍ମାରେ ୧୫୫.୮ ମି.ମି., କୋଟପାଡ଼ରେ ୧୫୯ ମି.ମି., ନନ୍ଦପୁର ବ୍ଲକରେ ୧୨୫ମି.ମି., କୁନ୍ଦ୍ରା ବ୍ଲକରେ ୧୨୨.୬ ମି.ମି., ଲମତାପୁଟରେ ୧୨୩ ମି.ମି. , କୋରାପୁଟ ବ୍ଲକରେ ୧୧୮.୪ ମି.ମି. , ସେମିଳିଗୁଡ଼ା ବ୍ଲକରେ ୧୦୮ ମିମି, ଲକ୍ଷ୍ମୀପୁର ବ୍ଲକରେ ୬୧.୪ ମି.ମି., ଦଶମନ୍ତପୁର ବ୍ଲକରେ ୬୮.୮ ମି.ମି., ପଟ୍ଟାଙ୍ଗି ବ୍ଲକରେ ୬୫.୪ ମିମି, ନାରାୟଣପାଟଣା ବ୍ଲକରେ ୧୭.୫ ମିମି ବର୍ଷା ହୋଇଥିବା ସୂଚନା ମିଳିଛି।

## ଧୋଇଗଲା ଶୁକୁନାଳ ବ୍ରିଜ୍ ଆପ୍ରୋଚ ରୋଡ୍

### ବିପଦସଙ୍କୁଳ ଅବସ୍ଥାରେ ଗୁପ୍ତେଶ୍ୱର ରାସ୍ତା

ବୈପାରୀଗୁଡ଼ା, ୨୭।୮ (କଳ୍ପତରୁ ମହାନ୍ତି)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ କୋରାପୁଟ ଜିଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୈପାରୀଗୁଡ଼ାସ୍ଥିତ ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠ ଯିବା ରାସ୍ତାରେ ଶୁକୁନାଳ ଉପରେ ଥିବା ବ୍ରଜ୍‌ର ଉଭୟ ପାର୍ଶ୍ୱର ଆପ୍ରୋଚ୍ ରୋଡ୍ ଧୋଇ ଯାଇ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ନାଳରେ ପ୍ରଖର ପାଣି ସ୍ରୋତ ଚାଲୁଥିବା ବେଳେ ଜଙ୍ଗଲର ୨ ଟି ବଡ଼ ଗଛ ଉପୁଡ଼ି ପାଣି ସୁଅରେ ଭାସି ଆସି ବ୍ରିଜ୍ ତଳେ ଲାଗି ରହିଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଗଛ କଟାଯିବାକୁ ଓଡ୍ରାଫ୍ ଟିମ୍‌କୁ ଅବଗତ କରାଯାଇଛି। ବ୍ରିଜ୍ ତଳ ଦେଇ ପାଣି ନିଷ୍କାସନ ହୋଇ ନ ପାରି ଆପ୍ରୋଚ ରାସ୍ତାକୁ ମାଡ଼ କରୁଛି । ଅନ୍ଧାରରେ କୌଣସି ଗାଡି ଭୂଲବଶତଃ ଗାତରେ ପଡିଗଲେ ବଡ ଧରଣରୁ ଦୁର୍ଘଟଣା ହେବା ଆଶଙ୍କା ରହିଛି। ଏହାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେହିପରି ବର୍ଷା କାରଣରୁ ବ୍ଲକର ଆଭ୍ୟନ୍ତରିଣ ଇଲାକାରେ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବହୁ ସଂଖ୍ୟାରେ ମାଟି ଘର ଭାଙ୍ଗି ଯାଇଥିବା ସୂଚନା ମିଳିଛି।



ଶୁକୁନାଳ ବ୍ରିଜ୍।

## କୋରାପୁଟର ୧ ଲକ୍ଷ ୩୩ ହଜାର ୭୧୭ ଚାଷୀ ଉପକୃତ

### ସିଏମ କିଷାନ ସହାୟତା ରାଶି ପ୍ରଦାନ

କୋରାପୁଟ,୨୭।୮ (ଅମିତାଭ ବେହେରା)

ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର 'ସିଏମ କିଷାନ' ସହାୟତା ରାଶି ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ୨୦୨୫-୨୬ ରବି ଋତୁରେ ପ୍ରାରମ୍ଭିକ କୃଷି କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିବା ଏହି ସହାୟତା ଦ୍ୱାରା ରାଜ୍ୟରେ ପ୍ରାୟ ୫୧ ଲକ୍ଷରୁ ଅଧିକ ଚାଷୀ ଉପକୃତ ହେଉଥିବା ବେଳେ କୋରାପୁଟ ଜିଲାର ୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ ହୋଇଛନ୍ତି। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି। କୋରାପୁର ସଦଭାବନା ସଭାଗୃହରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋରାପୁଟ ଜିଲାର ୧ ଲକ୍ଷ ୩୩ ହଜାର ୭୧୭ ଜଣ ଚାଷୀଙ୍କୁ ୨୬ କୋଟି ୭୪ ଲକ୍ଷ ୧୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର ଏବଂ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହଙ୍କ ସମେତ ସହରାଞ୍ଚଳ ଚାଷୀଙ୍କୁ ସିଏମ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିରେ ଚାଷୀ ବର୍ଷକୁ ୨ଟି କିସ୍ତିରେ ମୋଟ ୪ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପାଇବେ। ଭୂମିହୀନ କୃଷକ ପରିବାରକୁ ୩ ଟି କିସ୍ତିରେ ୧୨ ହଜାର ୫୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। କୃଷି ବିଭାଗର ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।




ବୈଠକରେ ଜିଲାପାଳ ଓ ଅନ୍ୟ ଅତିଥି।

## ଲକ୍ଷ୍ୟ ରଖି ପାଠ ପଢ଼: ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

### ଟେକ୍ନୋଗୁରୁକୁଳ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟନ

ନବରଙ୍ଗପୁର,୨୭।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଚକାଛପରଠାରେ ବୁଧବାର ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏମ୍‌ପି ବଳଭଦ୍ର ମାଝୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ଗଣ୍ଡ କହିଥିଲେ ଯେ, ଆମେ ପାଠ ପଢ଼ିବା ସମୟର ଝିଙ୍କର ଘର, ବାଉଁଶ ବାଡ଼ ପାଚେରି ଥିଲା। ହଷ୍ଟେଲ ଭଲ ନଥିଲା। ଯେଉଁଠି ଖାଉଥିଲୁ ସେଇଠି ପାଠ ପଢୁଥିଲୁ । ଏହି ବିଦ୍ୟାଳୟ ଉତ୍ତମ ପରିବେଶ ମଧ୍ୟରେ ସ୍ଥାପନ ହୋଇଛି। ଛାତ୍ରୀଛାତ୍ର ଏକ ସୁନ୍ଦର ପରିବେଶ ମଧ୍ୟରେ ପାଠ ପଢ଼ିବାକୁ ସୁଯୋଗ ମିଳିଛି। ନିଜେ ନିଜର ଲକ୍ଷ୍ୟ ରଖି ପାଠ ପଢ଼ନ୍ତୁ। ଭଲ ମଣିଷ ଟିଏ ହୋଇ ଏ ମାଟି, ଦେଶ ଓ ରାଷ୍ଟ୍ରର ସେବା କରିବା ଏହି ମନୋଭାବ ରଖି ପଢ଼ିବାକୁ ମନ୍ତ୍ରୀ ଗଣ୍ଡ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏବେ ପାଠ ସହିତ କୌଶଳ ଶିକ୍ଷା ମଧ୍ୟ ଦିଆଯାଉଛି। ରୁଚି ଅନୁଯାୟୀ ପଢ଼ିବା ଓ ପଢାଯାଉଥିବା ପାଠକୁ ଆବୃତ୍ତି କରିବାକୁ ପଡ଼ିବ ବୋଲି କହିଥିଲେ। ଏମ୍ ପି ମାଝୀ କହିଥିଲେ ଯେ ଶିକ୍ଷା ହେଉଛି ମଣିଷର ମେରୁଦଣ୍ଡ।



ଟେକ୍ନୋ ଗୁରୁକୁଳ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟନ ଅବସରରେ (ବାମରୁ ) ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି।

ଶିକ୍ଷା ବିନା ଭବିଷ୍ୟତ ନାହିଁ। ନିଜେ ନିଜର ଲକ୍ଷ ସ୍ଥଳକୁ ପହଞ୍ଚିବା ପାଇଁ ଶିକ୍ଷା ହେଉଛି ଉତ୍ତମ ମାଧ୍ୟମ। ଭଲ ପାଠ ପଢ଼ି ନିଜର ପରିବାର, ଜିଲା ରାଜ୍ୟ ଓ ଦେଶର ନାଁ ରଖିବା ଛାତ୍ରୀ ଛାତ୍ରଙ୍କ ଲକ୍ଷ୍ୟ ହେବା ଦରକାର। ପୂର୍ବରୁ ବିଦ୍ୟାଳୟମାନଙ୍କରେ ସମସ୍ତ ପ୍ରକାର ସୁବିଧା ନ ଥିଲା। ଏବେ ଉତ୍ତମ ପରିବେଶ ମଧ୍ୟରେ ଛାତ୍ରୀଛାତ୍ର ପଢ଼ିବା ସୁଯୋଗ ପାଉଛନ୍ତି। ନିଜର ଭବିଷ୍ୟତ ଗଠନ ପାଇଁ ପାଠ ସହିତ ଖେଳ କୁଦ ମଧ୍ୟ ଆବଶ୍ୟକ ରହିଛି। କ୍ରୀଡା କ୍ଷେତ୍ରକୁ ନେଇ ମଧ୍ୟ ଭବିଷ୍ୟତ ଗଠନ କରିପାରିବେ। ଉତ୍ତମ ଶିକ୍ଷା ଲାଭ କରି ନିଜ ଲକ୍ଷ୍ୟ ସ୍ଥଳକୁ ପହଞ୍ଚିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଦଘାଟନ ପୂର୍ବରୁ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ନାୟକ, ଉପାଧ୍ୟକ୍ଷା ସରିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ଏଥିରେ ସହଯୋଗ କରିଥିଲେ।

## ହାଇଦ୍ରାବାଦ ମାରାଥନରେ ବାଜିମାରିଲେ ବାପ ପୁଅ


ନବରଙ୍ଗପୁର,୨୭।୮ (ସଦାଶିବ ପ୍ରହରାଜ)

ହାଇଦରାବାଦରେ ଗତ ୨୪ ତାରିଖରେ ଆୟୋଜିତ ମାରାଥନ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲାର ବରିଷ୍ଠ ମାରାଥନ ଧାବକ ଚିତ୍ତରଞ୍ଜନ ପାତ୍ର ଏବଂ ତାଙ୍କ ପୁଅ ନିଖିଲ ପାତ୍ର ଭାଗନେଇଥିଲେ। ଏହି ପ୍ରତିଯୋଗିତା ୫, ୧୫,୨୧ ଓ ୪୨ କି.ମି. ମାରାଥନ ଦୌଡ଼ ହୋଇଥିଲା। ଏଥିରେ ୨୮ ହଜାର ପ୍ରତିଯୋଗୀ ଭାଗ ନେଇଥିଲେ। ଚିତ୍ତରଞ୍ଜନ ପାତ୍ର ହାଫ୍ ମାରାଥନ ୨୧କିମିରେ ଭାଗ ନେଇ ଥିବାବେଳେ ତାଙ୍କ ପୁଅ ନିଖିଲ ପାତ୍ର ପୂର୍ଣ୍ଣ ମାରାଥନ ୪୨ କିମିରେ ଭାଗ ନେଇ ସଫଳତାର ସହ ନିର୍ଦ୍ଧାରିତ ସମୟରେ ତାହାକୁ ଶେଷ କରି ନବରଙ୍ଗପୁର ଜିଲାକୁ ଗର୍ବିତ କରିଛନ୍ତି। ବାପାଙ୍କ ପ୍ରେରଣା ଏବଂ ଉତ୍ସାହ ଯୋଗୁ ଏହା ସମ୍ଭବ ହୋଇ ପାରିଲା ବୋଲି ନିଖିଲ ପାତ୍ର କହିଛନ୍ତି। ଏତେ ବୟସରେ ଚିତ୍ତରଞ୍ଜନ ପାତ୍ରଙ୍କ ଜଣେ ଧାବକ ମାରାଥନରେ ଯୋଗ ଦେବା ସମସ୍ତ ବର୍ଗ ବୟସର ପିଲାମାନଙ୍କ ପାଇଁ ଏକ ପ୍ରେରଣା ବୋଲି କ୍ରୀଡ଼ାବିତ୍‌ମାନେ କହିଛନ୍ତି। ଚିତ୍ତରଞ୍ଜନ ଓ ନିଖିଲଙ୍କ ଏହି ସଫଳତାରେ ନବରଙ୍ଗପୁର କ୍ରୀଡ଼ା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲାକୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଏବଂ କ୍ରିକେଟ ସମ୍ପାଦକ ଅଶୋକ ନାୟକଙ୍କ ସମେତ କ୍ରୀଡା ସଂଘର ସମସ୍ତ ସଦସ୍ୟ ଏବଂ ପ୍ରାକ୍ତନ କ୍ରୀଡାବିତ୍‌ମାନେ ଶୁଭେଚ୍ଛା ଜଣାଇଛନ୍ତି।




ଚିତ୍ତରଞ୍ଜନ ପାତ୍ର ଏବଂ ତାଙ୍କ ପୁଅ ନିଖିଲ ପାତ୍ର।

# ବିଘ୍ନ ବିନାଶକଙ୍କୁ ଆରାଧନା


ନବରଙ୍ଗପୁର ଭଗବତୀ ସାହି ମହାବୀର ଯୁବକ ସଂଘ।



କୋରାପୁଟ ବାଲ୍‌ଗଣପତି ପୂଜା କମିଟି।


ନନ୍ଦପୁର ସଦର ପୂଜା ମଣ୍ଡପରେ ୮ ଫୁଟ୍‌ର ବିଗ୍ରହ।


ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଗଣେଶ ପୂଜା।


ମାଲକାନଗିରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ।


କାଲିମେଳା।


ଉମରକୋଟ ଗାନ୍ଧୀଛକ।


ପଟ୍ଟାଙ୍ଗି ବସ୍‌ଷ୍ଟାଣ୍ଡ।


ବାଲିମେଳା ପମ୍ପ୍‌ଲାଇନ୍‌ରେ ପୂଜା ପାଉଥିବା ଗଜାନନ ।



ଜୟପୁର ଶ୍ରୀବିକ୍ରମ ସରକାରୀ ଚାରୁ ଓ ଚାରୁକଳା ବିଦ୍ୟାଳୟ।


କୋରାପୁଟ ପରଜା ସାହି।


ନନ୍ଦପୁର।

# ପୂଜା ପାଇଲେ ଅଗ୍ରପୂଜ୍ୟ


ଜେକେପୁର ସହର ବିସି ରୋଡ ଫ୍ରେଣ୍ଡସ ପୂଜା କମିଟି।


ରାୟଗଡା ଇନ୍ଦିରା ନଗର ପୂଜା କମିଟି।


ଚିକିରି ବଣିକ ସଂଘ।


ରାୟଗଡା ହାଉସିଂ ବୋର୍ଡ କଲୋନୀ।


କଲ୍ୟାଣସିଂହପୁର ରାମ ମନ୍ଦିର ଗଣେଶ ପୂଜା।


ଗୁଡାରି ଟିମ୍ ରୟାଲ କିଙ୍ଗସ କମିଟି।

# ୮୬,୮୯୩ କ୍ଷୁଦ୍ର ଚାଷୀଙ୍କ ଆକାଉଣ୍ଟକୁ ଆସିଲା ଟଙ୍କା

## ଚାଷୀଙ୍କୁ ସିଏମ୍ କିଷାନ ସହାୟତା ରାଶି ହସ୍ତାନ୍ତର

**ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)**

କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର 'ସିଏମ କିଷାନ' ସହାୟତା ରାଶି ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ଠାରେ ଡିବିଟି ମାଧ୍ୟମରେ ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି। ୨୦୨୫-୨୬ ରବି ଋତୁରେ ପ୍ରାରମ୍ଭିକ କୃଷି କାର୍ଯ୍ୟ ପାଇଁ ପ୍ରଦାନ କରାଯାଇଥିବା ଏହି ସହାୟତା ଦ୍ୱାରା ରାଜ୍ୟରେ ପ୍ରାୟ ୫୧ ଲକ୍ଷରୁ ଅଧିକ


ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ବିଧାୟକ ଆପଲସ୍ୱାମୀ କାଡ୍ରାକା, ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ସହ ଜିଲାର ଚାଷୀମାନେ।

ଚାଷୀ ଉପକୃତ ହୋଇଛନ୍ତି। ତେବେ ରାୟଗଡା ଜିଲାର ୮୬୮୯୩ ଜଣ କ୍ଷୁଦ୍ର ଚାଷୀ ଉପକୃତ ହେବା ସହ ସେମାନଙ୍କ ଜମାଖାତାକୁ ପ୍ରତ୍ୟେକ ୨୦୦୦ ଟଙ୍କା ଲେଖାଏ ହସ୍ତାନ୍ତର କରାଯାଇଛି। ରାୟଗଡା କୃଷି ଜିଲା ବିଭାଗ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସିଧା ପ୍ରସାରଣ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଧାୟକ କାଡ୍ରାକା ଆପଲସ୍ୱାମୀ ଶୁଭାରମ୍ଭ କରିଥିଲେ। ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଏସ୍.କେ ଏହେସାନ, ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସୁସ୍ମିତା ମହାନ୍ତି, ଗୁଣପୁର କୃଷି ଅଧିକାରୀ ଦିବ୍ୟ ସ୍ୱରୂପ ପଣ୍ଡା, ମୁନିଗୁଡା କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ଓ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ଦେଖିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମୁନିଗୁଡା ବ୍ଲକ କୃଷି ବିଭାଗ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

## ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ନିଯୁକ୍ତି ଦାବି


ଭାଜପା ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଗୁଣପୁର,୨୭।୮(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ସମସ୍ୟା ନେଇ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଭାଜପାର ରାଷ୍ଟ୍ରୀୟ ପରିଷଦ ସଭ୍ୟ ୱାଇ.ଗଣପତିଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଡାକ୍ତରଖାନାର ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଖୁବ୍‌ଶୀଘ୍ର ଏକ ଭେଷଜ ବିଶେଷଜ୍ଞ ଓ ଅର୍ଥପେଡିକ୍ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଶାରେ ଡାକ୍ତରଙ୍କ ଅଭାବ ଥିବା ସତ୍ତ୍ୱେ ଅତିଶୀଘ୍ର ଦୁଇଜଣ ବିଶେଷଜ୍ଞଙ୍କୁ ଗୁଣପୁର ଏସ.ଡି. ହସ୍ପିଟାଲରେ ନିଯୁକ୍ତି ଦେବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ ସୂଚନା ଦେଇଛନ୍ତି । ପ୍ରତିନିଧି ଦଳରେ ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ଅମର କୁମାର ସାହୁ, ମନୋଜ କୁମାର ପାଣଗ୍ରାହୀ ଓ ମନୋରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାୟଗଡ଼ାର ୧୦ କିକ୍ ବକ୍ସିଂ ଖେଳାଳିଙ୍କ ଚେନ୍ନାଇ ଗସ୍ତ

**ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)**

ସର୍ବ ଭାରତୀୟ କନିଷ୍ଠ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ରାୟଗଡ଼ା ଜିଲା କିକ୍ ବକ୍ସିଂ ସଂଗଠନର ୧୦ ଜଣ ଖେଳାଳି ବୁଧବାର ଚେନ୍ନାଇ ଗସ୍ତ କରିଛନ୍ତି। ଚେନ୍ନାଇ ଜବହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ୨୭ରୁ ୩୧ ଯାଏ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଭାଗ ନେବେ। ରାୟଗଡାର ୧୦ ଜଣଙ୍କ ମଧ୍ୟରୁ ବାଳିକା ବିଭାଗରେ ୫ ଜଣ ଓ ବାଳକ ବର୍ଗରେ ୪ ଜଣଙ୍କ ସହ କୋଚ ଯାତ୍ରା କରିଛନ୍ତି। ବାଳିକା ବର୍ଗରେ ବି. ଝାନି, କେ.ପ୍ରଜ୍ୟୋତ୍ସ୍ନା, ଶ୍ରୀୟଙ୍କା ଶବର, କ୍ରିତିକା ରାଣୀ ଦଲେଇ ଓ ରିବିକା ସାମଲ। ସେହିପରି ବାଳକ ବର୍ଗରେ ହେମ୍ପ୍ରିନ୍ସ ନାଚିକା, କେଦାରନାଥ ମାଣ୍ଡାଙ୍ଗି, ପାର୍ଥୁ ଗଣେଶ ଓ ସୌରଜିତ୍ ପେଡା ଏବଂ ଟିମ୍‌ରେ କୋଚ ଭାବେ ଅର୍ଜୁନ ଶବର ଯାଇଛନ୍ତି। ଏହି ସବୁ ଖେଳାଳିମାନେ ଅନୁଗୋଳରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ପାଇ ଜାତୀୟସ୍ତରକୁ ମନୋନୀତ ହୋଇଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ବହନ କରୁଛି। ସମସ୍ତ ଖେଳାଳିଙ୍କୁ ରାୟଗଡ଼ା ଜିଲା କିକ୍ ବକ୍ସିଂ ଆସୋସିଏଶନର ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲିନୁର, କୋଚ୍ ତଥା ସମ୍ପାଦକ ଅର୍ଜୁନ ଶବର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଚେନ୍ନାଇ ଯାଉଥିବା କିକ୍‌ବକ୍ସିଂ ଖେଳାଳି ଏବଂ କୋଚ୍।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ

**ମୁନିଗୁଡ଼ା, ୨୭।୮**
**(ନନ୍ଦ କିଶୋର ପଟ୍ଟନାୟକ)**

## ଘୁଙ୍ଗୁର କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ

ମୁନିଗୁଡାର ସୌଣ୍ଡିକ ମଙ୍ଗଳ ଭବନ ପରିସରରେ ରାୟଗଡ଼ା ଏମ୍‌ଆର୍ଟ ଭାରତୀୟ କଳା ଏବଂ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ପରିଚାଳିତ ମୁନିଗୁଡାର ଘୁଙ୍ଗୁର କଳା ବିକାଶ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଶିକ୍ଷକ ସୁବାସ ଚନ୍ଦ୍ର କୁରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି, ମୁଖ୍ୟବକ୍ତା ଭାବେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ଦୁଃଖିନୀ ନୁଣ୍ଡରୁକା, ସରପଞ୍ଚ ସରସ୍ୱତୀ ଶବର, ପଦ୍ମନାଭ ବେହେରା,ବରିଷ୍ଠ ଆଇନଜୀବି ଅମିତ କୁମାର ଗୌଡ଼, ପ୍ରଣବ ନିଶଙ୍କ, ପ୍ରଣବ ଚୌଧୁରୀ ଓ ସସ୍ମିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ଉଦଘାଟନ କରିଥିଲେ । ଆମ ଅଞ୍ଚଳରେ ଏଭଳି ଅନୁଷ୍ଠାନ ଦ୍ୱାରା ଅନେକ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିବା ସହ ଏହି କଳାକାରମାନେ ଏବେ ରାଜ୍ୟ ତଥା ରାଜ୍ୟ ବାହାରେ ମଧ ନିଜ କଳା ପ୍ରଦର୍ଶନ କରୁଥିବାରୁ ଅତିଥିମାନେ ପ୍ରଶଂସା


ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା କଳାକାରମାନେ।

କରିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ଅତିଥିଭାବେ ଭାବେ ରାୟଗଡାରୁ ବିଶିଷ୍ଟ କଳାକାର କାଳୀ ଚରଣ ରଥ ଓ ରବି ନାରାୟଣ ପାତ୍ର ଯୋଗଦେଇ ଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା । ଏଥିସହ ଅନୁଷ୍ଠାର କଳ୍ପନା ପାତ୍ର, ନନ୍ଦିତା ମହାପାତ୍ର, ଅଜିତ ଗୌଡ, ସୁମନ ପାତ୍ର, ପଲ୍ଲବୀ ଗଉଡ, ସନ୍ତୋଷିନି ସାହୁ, ପ୍ରିୟଦର୍ଶିନୀ ଚୌଧୁରୀ,ଅଳକା ଚୌଧୁରୀ, କୁନି କାଶୀ, ସୁଭଦ୍ରା ଯାନୀ, ଲିଙ୍କୁନ ପ୍ରଧାନ, ଶ୍ରୀନିବାସ ରାଓ ଓ ପ୍ରଜ୍ଞା ରାଣୀ ସାହୁଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପରେ ଅନୁଷ୍ଠାନର କଳାକାର ଓ ବିଭିନ୍ନ ନୃତ୍ୟ ଶିଳ୍ପୀଙ୍କ ତରଫରୁ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୃତ୍ୟ ଗୁରୁ ସସ୍ମିତା ପଣ୍ଡା ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାତ୍ରଙ୍କ ଜଙ୍ଘରେ ଗଳିଗଲା ଫାଟକ ଲୁହା ରଡ

## ଗଣେଶ ପୂଜାରେ ଅଘଟଣ

**ଗୁଣପୁର,୨୭।୮( ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ପୁରୁଣା ଗୁଣପୁର ଆଶ୍ରମ ବିଦ୍ୟାଳୟରେ ବୁଧବାର ଏକ ଅଘଟଣ ଘଟିଛି। ବିଦ୍ୟାଳୟରେ ଗଣେଶ ପୂଜା ଚାଲିଥିବା ସମୟରେ ତୃତୀୟ ଶ୍ରେଣୀ ଛାତ୍ରର ଜଙ୍ଘରେ ରୋଷେଇ ଘର ପଛପଟେ ଥିବା ଏକ ଫାଟକର ଲୁହା ରଡ ଗଳି ଯାଇଥିଲା। ଆହତ ଛାତ୍ର ହେଲେ ପୁରୁଣା ଗୁଣପୁର ଗ୍ରାମର ଗିରିଧର ଶବର । ଘଟଣା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଓ ଉପଖଣ୍ଡ ଚିକିତ୍ସାଳୟର ଡ଼ାକ୍ତରଙ୍କ ପ୍ରୟାସରେ ଆହତ ଛାତ୍ରଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଆହତ ଛାତ୍ର ସୁସ୍ଥ ରହିଥିବା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା କହିଛନ୍ତି ।

# ଚଳନ୍ତା ଟ୍ରେନ୍‌ରୁ ଖସି ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା-ସିଙ୍ଗାପୁର ରୋଡ ରେଳଧାରଣାରୁ ବୁଧବାର ସକାଳେ ଜିଆରପି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ବିଳମ୍ବିତ ରାତ୍ରରେ ଯାଉଥିବା କୌଣସି ଟ୍ରେନ୍‌ରୁ ଖସି ପଡି ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି। ମୃତକଙ୍କ ପରିଚୟ ମିଳି ନ ଥିବାରୁ ମୃତଦେହ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବେଚ୍ଛେଦ ପାଇଁ ରଖାଯାଇଛି।୯୬ ଘଣ୍ଟା ପର୍ଯ୍ୟନ୍ତ ଶବ ଘରେ ରଖାଯିବ ବୋଲି ରେଳବାଇ ପୋଲିସ(ଜିଆରପି) ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ପ୍ରକାରେ, ବୁଧବାର ସକାଳେ ରାୟଗଡ଼ା - ସିଙ୍ଗାପୁର ରୋଡ ମଧ୍ୟରେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ରେଳ କର୍ମଚାରୀ ଦେଖି ରାୟଗଡା ରେଳ ଷ୍ଟେଶନରେ ଜଣାଇଥିଲେ। ପରେ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହକୁ ଉଦ୍ଧାର କରି ବ୍ୟବେଚ୍ଛେଦ ପାଇଁ ପଠାଇଥିଲେ ।

# କିଷାନ ପାଣ୍ଠି ଯୋଜନାରେ କୃଷକଙ୍କୁ ସହାୟତା ରାଶି ପ୍ରଦାନ



ମାଲକାନଗିରି ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ ।

ମାଲକାନଗିରି,୨୭।୮ (ଦୁର୍ଯ୍ୟୋଧନ ପାତ୍ର)

ମୁଖ୍ୟମନ୍ତ୍ରୀ କିଷାନ ଯୋଜନା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ କିସ୍ତି ହସ୍ତାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲାଇଭ ମାଧମରେ ଓଡ଼ିଶାର ୫୧ ଲକ୍ଷରୁ ଅଧିକ ଚାଷୀଙ୍କୁ ୧୦୪୧ କୋଟି ଟଙ୍କା ଦେଇଛନ୍ତି। ରାଜ୍ୟସ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଯୋଜନାରେ ୨୦୨୪ରେ ନୂଆଁଖାଇ ସମୟରେ ଆରମ୍ଭ କରାଯାଇଥିଲା। ଗତବର୍ଷ ୪୬ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ସାମିଲ ଥିଲେ। ଚଳିତ ବର୍ଷ ୫୧ ଲକ୍ଷ ଚାଷୀଙ୍କ ପାଖରେ ଏହି ଯୋଜନା ପହଞ୍ଚିଥିବା ବଳେ ମାଲକାନଗିରିରେ ୭୯୫୩୯ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ବୁଧବାର ଡିଆରଡିଏ ସମ୍ମିଳନୀ କକ୍ଷରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଲାଇଭଷ୍ଟ୍ରିମିଂ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୧୫୦ ମହିଳା ପୁରୁଷଙ୍କ ସହିତ ମୁଖ୍ୟମନ୍ତ୍ରୀ କିଷାନ ହିତାଧିକାରୀ, ଲାଇନ ବିଭାଗ ଓ ସମ୍ମାନୀତ ଅତିଥିଭାବେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ମୁଖ୍ୟ ଜିଲା କୃଷି ଅଧିକାରୀ ଦିଲ ରଞ୍ଜନ ମହାଲିକ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡାକ୍ତର ସିଦ୍ଧାର୍ଥ କର ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଜିଲାରୁ ୭୯୪୪୬ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୧୦୯୩ ଜଣ ଭୂମିହୀନ ଚାଷୀ ମୋଟ ୭୯୫୩୯ ଜଣଙ୍କୁ ୨ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି।

୨୦୨୫-୨୬ ରବି ଫସଲ ପାଇଁ କୃଷି ଖର୍ଚ୍ଚ ପାଇଁ ସହାୟତା ସ୍ୱରୂପ ଅନ୍‌ଲାଇନ୍ ଟ୍ରାନ୍ସଫର ମାଧମରେ ଏହି ରାଶି ପ୍ରଦାନ କରା ଯିବ, ଯାହାଦ୍ୱାରା ବିହନ ଓ ସାର ଆବଶ୍ୟକ କୃଷି ସାମଗ୍ରୀ କିଣିବା ଓ ଶ୍ରମିକ ଖର୍ଚ୍ଚ ଭରଣା କରାଯାଇପାରିବ ।

# ମାଥିଲି ଲ୍ୟାମ୍ପସ୍‌ରେ ଅନିୟମିତତା ଅଭିଯୋଗ

## ଖବରଦାତା ସମ୍ମିଳନୀରେ ଖଣ୍ଡନ କଲେ ସଭାପତି

ମାଥିଲି,୨୭।୮(ସୁବାଷ ଚନ୍ଦ୍ର ଖୁଡୁପିଆ)-ମାଲକାନଗିରି ଜିଲା ମାଥିଲି ଲ୍ୟାମ୍ପସ୍‌ରେ ବ୍ୟାପକ ଅର୍ଥ ହେରଫେର ଅଭିଯୋଗକୁ ବୁଧବାର ଲ୍ୟାମ୍ପସ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ଡି ସନ୍ତୋଷୀ ପରିଡ଼ା ଓ ସଭାପତି ମୁନିବତୀ ବୁଡ଼ବାଡେ ଖଣ୍ଡନ କରିଛନ୍ତି। ସେହିପରି ସାର ବଣ୍ଟନରେ ମଧ କୌଣସି ଅନିୟମିତତା ହୋଇନାହିଁ। ପୂର୍ବରୁ ଯେଉଁ ସାର ବଣ୍ଟା ଯାଇଥିଲା ଅଫ ଲାଇନ୍‌ରେ ଚାଷୀଙ୍କୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅନ୍‌ଲାଇନ୍‌ରେ ବାଣ୍ଟିଲା ବେଳେ ପୂର୍ବ ଷ୍ଟକ୍‌କୁ ଆଡଜଷ୍ଟ କରିବା ପାଇଁ ୬ଟା ଲେଖାଏ ପ୍ୟାକେଟ୍ ଏଣ୍ଟ୍ରି କରାଯାଇଥିଲା। ଲ୍ୟାମ୍ପସ୍‌ରେ ଅନିୟମିତତା ସମ୍ପର୍କରେ ସାମାଜିକକର୍ମୀ ଶରତ ଚନ୍ଦ୍ର ବୁରୁଦା ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଭିତ୍ତିହୀନ ବୋଲି ଏମ୍‌ଡି ସନ୍ତୋଷୀ ଓ ସଭାପତି ମୁନିବତୀ କହିଛନ୍ତି। ସେହିପରି ୫୦ ଲକ୍ଷ ୫୭ ହଜାର ୧୦୦ ଟଙ୍କା ଅନିୟମିତତା ନେଇ ବ୍ୟାଙ୍କ ମ୍ୟାନେଜରଙ୍କ ଡ୍ରାଇଭର ପ୍ରଦୀପ ଖାଡେଙ୍ଗାଙ୍କ ନାମ ଦିଆଯାଇଛି, ଏହା ସମ୍ପୂର୍ଣ୍ଣ ଭୁଲ। ପ୍ରଦୀପ ଜଣେ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ)। ସମସ୍ତ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ତାଙ୍କ ଆକାଉଣ୍ଟରେ ଜମା ହୁଏ। ତାପରେ ଅନ୍ୟମାନଙ୍କ ଆକାଉଣ୍ଟକୁ ପଠାଯାଏ। ୨ଲକ୍ଷ ଟଙ୍କା ଏ. ମୁରଲୀଙ୍କୁ ପ୍ରଦାନ କରାଯାଇଥିବା ଯେଉଁ ଅଭିଯୋଗ କରିଛନ୍ତି, ତାହା ମଧ ଭିତ୍ତିହୀନ। ଯଦି ଜଣେ ବ୍ୟକ୍ତି ନିଜେ ବାନ୍ଧିଥିବା ଟଙ୍କା ଉଠାଇ ନେବା କୌଣସି ଅପରାଧ କିମ୍ବା ମାଥିଲି ଲ୍ୟାମ୍ପସରୁ କୌଣସି ଗୋଟିଏ ଟଙ୍କା କାଳିମେଳା ଲ୍ୟାମ୍ପସ୍‌କୁ ଯାଇନାହିଁ। ଆଉ ନିଯୁକ୍ତିରେ ଯେଉଁ ଅନିୟମିତତା ଖବର ବିଭିନ୍ନ ଗଣମାଧମରେ ପ୍ରକାଶିତ ହୋଇଛି (ଧରିତ୍ରୀ) ନୁହେଁ ତାହା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ନିଯୁକ୍ତି ଦିଆଯାଇଥିବା ଏମ୍‌ଡି କହିଛନ୍ତି। ବାରମ୍ବାର ଏମ୍‌ଡିଙ୍କ ନାମରେ ମିଥ୍ୟା ଅଭିଯୋଗ ହୋଇ ଆସୁଥିବାରୁ ସେ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଗୃହୀତ ହୋଇ ନ ଥିବାରୁ ସେ କାର୍ଯ୍ୟରେ ରହିବେ ବୋଲି ସଭାପତି କହିଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣେଶ ବିଗ୍ରହ ପ୍ରତିଷ୍ଠା

ପଟ୍ଟାଙ୍ଗି, ୨୭।୮(ଶରତ କୁମାର ଧଳ)



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗଣେଶ ବିଗ୍ରହ ପ୍ରତିଷ୍ଠାକରି ସମସ୍ତଙ୍କ ପାଇଁ ଉଦାହରଣ ସହ ଭକ୍ତିମୟ ପରିବେଶ ସୃଷ୍ଟି କରିଛନ୍ତି କର୍ମଚାରୀମାନେ । ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟ କରୁଥିବା ବିଭିନ୍ନ ସବ୍‌ସେଣ୍ଟର କର୍ମଚାରୀଙ୍କଠାରୁ ଆରମ୍ଭକରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅଧିକାରୀ ଏବଂ କର୍ମଚାରୀ ଓ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ଭାଗବତ ମୁର୍ମୁଙ୍କ ସହଯୋଗରେ ମାସେ କାଳ ପରିଶ୍ରମରେ ହୋଇଥିବା ଗଣେଶ ବିଗ୍ରହ ତଥା ମନ୍ଦିର ପ୍ରତିଷ୍ଠା କରିଛନ୍ତି । ଏହି ସମୟରେ ବିଭିନ୍ନସ୍ଥାନରୁ ଲୋକେ ଆସି ବିଘ୍ନବିନାଶକଙ୍କୁ ଦର୍ଶନକରି ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗରେ ଗତ ୨୫ ତାରିଖରେ ଅଙ୍କୁରାରୋପଣ ଏବଂ ୨୪ ତାରିଖରେ ୨୧ ଟି କଳସ ଯାତ୍ରା ହୋଇଥିଲା।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଉମରକୋଟ, ୨୭।୮(ସନ୍ତୋଷ ଶତପଥୀ)

ଉମରକୋଟ ଥାନା କୁର୍ସୀ ପଞ୍ଚାୟତର ଜୁନାପାରା ଗ୍ରାମରେ ଏକ ବିଷଧର ସାପ କାମୁଡ଼ାରେ ଗାଁର ଅଗନ୍ତି ଗଣ୍ଡ (୪୩)ଙ୍କ ବୁଧବାର ମୃତ୍ୟୁ ହୋଇଛି। ଏ ନେଇ ଅଗନ୍ତିଙ୍କ ସ୍ୱାମୀ ହରିଶ୍ଚନ୍ଦ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲା ଅନୁଯାୟୀ ୨୬ ତାରିଖ ରାତି ପ୍ରାୟ ୯ ଟାରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଖାଇ ପି ଶୋଇ ଥିଲେ। କିନ୍ତୁ ୨୭ ତାରିଖ ଭୋର ୪ ଟାରେ ଅଗନ୍ତିଙ୍କ ଡାହାଣ କାନ୍ଧକୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ହରିଶ୍ଚନ୍ଦ୍ର ଅଟୋରେ ଗୁରୁତର ଅବସ୍ଥାରେ ଅଗନ୍ତିଙ୍କୁ ଉମରକୋଟ ଉପଖଣ୍ଡ ହସ୍ପିଟାଲକୁ ନେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ୯ ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉମରକୋଟ ପୋଲିସ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନବରଙ୍ଗପୁର ୧,୬୦,୪୫୩ ଚାଷୀଙ୍କୁ 'ସିଏମ୍ କିଷାନ' ସହାୟତା

ନବରଙ୍ଗପୁର,୨୭।୮(ସଦାଶିବ ପ୍ରହରାଜ)

ରାଜ୍ୟର କୃଷକମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ 'ସିଏମ କିଷାନ୍' ଯୋଜନା ଅଧୀନରେ ରବି ୨୦୨୫-୨୬ ବର୍ଷ ପାଇଁ ସହାୟତା ଅର୍ଥରାଶି ହସ୍ତାନ୍ତର କାର୍ଯ୍ୟକ୍ରମ ଭୁବନେଶ୍ୱରରେ ବୁଧବାର କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିବିଟି ମାଧମରେ ଚାଷୀଙ୍କୁ ଏହି ରାଶି ପ୍ରଦାନ କରିଛନ୍ତି। ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଏହାର ସିଧା ପ୍ରସାରଣ କରାଯାଇଥିଲା। ରାଜ୍ୟରେ ପ୍ରାୟ ୫୧ ଲକ୍ଷରୁ ଅଧିକ ହିତାଧିକାରୀ ଚାଷୀଙ୍କ ଜମା ଖାତାକୁ ୧୦୪୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। କ୍ଷୁଦ୍ର ଓ ନାମମାତ୍ର ଚାଷୀ,ଭୂମିହୀନ କୃଷକ ପରିବାର ଏବଂ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହଙ୍କ ସମେତ ସହରାଞ୍ଚଳ ଚାଷୀଙ୍କୁ 'ସିଏମ କିଷାନ' ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଇଥାଏ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ମିଶନ ଶକ୍ତି ସମ୍ମିଳନୀ ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି , କୋଟପାଡ଼ ବିଧାୟକ ରୁପୁ ଭତରା ଏବଂ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଶ୍ୱଜିତ ବର୍ମନ ଉପସ୍ଥିତ ଥିଲେ। ଅତିଥିମାନେ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲାରେ ମୋଟ ୧,୬୦,୪୫୩ ଜଣ ହିତାଧିକାରୀ ଚାଷୀଙ୍କ ଜମାଖାତା କୁ 'ସିଏମ୍ କିସାନ' ଅର୍ଥ ରାଶି ଆସିଛି। ଏହି ସହାୟତା ଦ୍ୱାରା ଜିଲ୍ଲାର କୃଷକମାନେ ନୂତନ ଆଶା ଓ ଉତ୍ସାହ ସହିତ ଚାଷ କାର୍ଯ୍ୟରେ ଆଗେଇ ପାରିବେ ବୋଲି ଆଶା କରାଯାଉଛି ବୋଲି ଅତିଥିମାନେ କହିଥିଲେ। ବୈଠକରେ ପ୍ରାୟ୧୫୦ ଜଣ ହିତାଧିକାରୀ ଚାଷୀଙ୍କ ସହ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଧୀର ରଞ୍ଜନ ବେହେରା, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର, କୃଷି ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଛୁରି ଦେଖାଇ ମୋବାଇଲ ଲୁଟ୍

ଜୟପୁର, ୨୭।୮(ପବନ ପାଣିଗ୍ରାହୀ)

ଛୁରି ଦେଖାଇ ମୋବାଇଲ ଲୁଟ ହୋଇଥିବା ନେଇ ଜୟପୁର ସଦର ଥାନାରେ ବୁଧବାର ଅଭିଯୋଗ ହୋଇଛି। ଶିବଗୁଡ଼ାର ଇନ୍ଦ୍ର ରଣା ଏ ନେଇ ପୁର ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଓ ତାଙ୍କ ସାଙ୍ଗ ଇଶ୍ୱର ଗାଦବା ନିକଟସ୍ଥ କେନାଲକୁ ଗାଧୋଇବାକୁ ଯାଇଥିଲେ। ସେହି ସମୟରେ ୨ ଟି ବାଇକ୍‌ରେ ୬ ଜଣ ଦୁର୍ବୃତ୍ତ ଆସି ଛୁରିରେ ଆକ୍ରମଣ କରି ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ। କଳା ରଙ୍ଗର ବାଇକ ହୋଇଥିବାବଳେ ନମ୍ବର ପ୍ଲେଟରେ କପଡ଼ା ଲଗାଇଯାଇଥିଲା। ଏନେଇ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜୟପୁର ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।


## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ଶ୍ରୀ ଅନୁପମ ଦାସ, ପିତା: ଅଜିତ କୁମାର ଦାସ, ବୟସ: ୫୦ ବର୍ଷ,** ଯିଏ କି **ଲୁକାସ୍ ଇଣ୍ଡିଆନ୍ ସର୍ଭିସ୍ ଲିମିଟେଡ୍‌ରେ ଜୋନାଲ୍ ହେଡ୍ ଭାବେ ତା୦୨।୦୬।୨୦୧୪ରୁ ୦୨।୦୮।୨୦୨୫ରିଖ ପର୍ଯ୍ୟନ୍ତ** କାର୍ଯ୍ୟରତ ଥିଲେ, ସେ ବର୍ତ୍ତମାନ ଆଉ ଏଲ୍‌ଆଇଏସ୍‌ର ଜଣେ କର୍ମଚାରୀ ନୁହନ୍ତି । ତାଙ୍କ ସହିତ କାରବାର କରୁଥିବା ବ୍ୟକ୍ତିମାନେ ସମ୍ପୃକ୍ତ କାରବାରକୁ ନିଜ ରିସ୍କରେ ସମ୍ପନ୍ନ କରିବେ ଏବଂ କୌଣସି ଆର୍ଥିକ ଅଥବା ଅନ୍ୟାନ୍ୟ ନେଣଦେଣ ପାଇଁ କମ୍ପାନୀ ଦାୟୀ ରହିବ ନାହିଁ।

ଅଧିକୃତ ସ୍ୱାକ୍ଷରକର୍ତ୍ତା
ଲୁକାସ୍ ଇଣ୍ଡିଆନ୍ ସର୍ଭିସ୍ ଲିମିଟେଡ୍


# ୨୯ ବିଦ୍ୟାଳୟ ଛାତରୁ ଗଳୁଛି ପାଣି

## ପ୍ରଶାସନ ଅତିଶୀଘ୍ର ସମସ୍ୟା ସମାଧାନ କରିବାକୁ ଦାବି





ନନ୍ଦପୁର,୨୭।୮(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ୨୩ ପଞ୍ଚାୟତର ଶିକ୍ଷା ବିଭାଗର ୨୧ ଓ ମଙ୍ଗଳ ବିଭାଗର ୮ ବିଦ୍ୟାଳୟ ଛାତରୁ ବର୍ଷାଜଳ ଗଳୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭାଗୀୟ ଅଧିକାରୀଙ୍କ ଜରିଆରେ ବର୍ଷାଦିନ ପୂର୍ବରୁ ଶିକ୍ଷାନୁଷ୍ଠାନଗୁଡିକର ସ୍ଥିତି ନେଇ ଅବଗତ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବର୍ତ୍ତମାନ ବାହାରେ ଲଗାଣ ବର୍ଷା ଓ ଶିକ୍ଷାନୁଷ୍ଠାନ ଭିତରେ ଗଳୁଥିବା ବର୍ଷାଜଳ ଛାତ୍ରୀଛାତ୍ର, ଅନ୍ତେବାସୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ହଇରାଣ କରାଯାଉଥିବା କହିଛନ୍ତି।

ନନ୍ଦପୁର ବ୍ଲକ୍ ଶିକ୍ଷା ବିଭାଗ ଅଧୀନରେ ଥିବା ୧୯୦ ବିଦ୍ୟାଳୟ ମଧ୍ୟରୁ କଣ୍ଟାସାରୁ, ପରଜା ଭୀମଡଲ, ଅଣ୍ଡରଗୁଡ଼ା, ଏନୁଙ୍ଗୁଗୁଡା, ପୋଡ଼େଇ, ଲାମ୍ପୀ, ସିନ୍ଧିପୁଟ, ନନ୍ଦୀଗୁଡା, ମାଳି ସୁବୁଲାର, ତାମଡିଙ୍ଗ, ବଡଙ୍ଗ, ପ୍ରଧାନିପୁଟ, ଡାଙ୍ଗବିର, ପରଜା ବଡ଼ପଡ଼ା, ଖୁଡୁବ, ରସାପୁଟ, ନିମାଲଗନ୍ଦି, ଜିରା, ପାଣ୍ଟଲୁଙ୍ଗ, ଜରାଇ ଓ କୁଲାବିର ଆଦି ୨୧ ବିଦ୍ୟାଳୟର ଏକାଧିକ ଶ୍ରେଣୀଗୃହ ଛାତରୁ ବର୍ଷାପାଣି ଗଳୁଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୧୮ ସେବାଶ୍ରମ ସ୍କୁଲ ଓ ୪୫ ଛାତ୍ରୀଛାତ୍ର ନିବାସର ସମାନ ଅବସ୍ଥା ଥିବା ସୂଚନା ମିଳିଛି। ହିକିମପୁଟ ସେବାଶ୍ରମ, ରାଇସିଂ ସେବାଶ୍ରମ, ଶୋଭାପୁଟ ପିଏସଏଚ୍, କସନ୍ଦୀ ପିଏସଏଚ୍, କମାର ବେଲଗାଁ, ହଞ୍ଚାରପେଣ୍ଟ ପିଏସ୍‌ଏଚ୍, ପରଜାବଡପଡ଼ା ଓ କୁଲାରସିଂ ବିଜୁ ପଟ୍ଟନାୟକ ସ୍କୁଲ ଶ୍ରେଣୀଗୃହ ଛାତରୁ ବର୍ଷାପାଣି ଗଳି ସ୍ଥିତି ଚିନ୍ତାଜନକ ଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ଜରିଆରେ ଜିଲା ମଙ୍ଗଳ ଅଧିକାରୀ ଓ ଆଇଟିଡିଏ କର୍ତ୍ତୃପକ୍ଷଙ୍କୁ ଆଗୁଆ ସୂଚନା ଦେଇଥିବା କହିଛନ୍ତି। ଶିକ୍ଷା ବିଭାଗର କ୍ଲଷ୍ଟର ସିଆର୍‌ସିସିମାନଙ୍କ ଜରିଆରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବ୍ଲକ୍ ଶିକ୍ଷାଧିକାରୀ, ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନକୁ ଅବଗତ କରିଥିବା କହିଛନ୍ତି। କିନ୍ତୁ ବର୍ଷାଦିନକୁ ଆଖି ଆଗରେ ରଖି କୌଣସି ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ବର୍ତ୍ତମାନ ଶ୍ରେଣୀଗୃହ ଭିତରେ ଓ ବାହାରେ ବର୍ଷା ପାଣି ଶିକ୍ଷାଦାନରେ ବାଧକ ସାଜିଥିବା କହିଛନ୍ତି। ଅନ୍ତେବାସୀଙ୍କୁ ଥଣ୍ଡା, ଜ୍ୱର ଓ ଚର୍ମରୋଗ ଆଦି ରୋଗ ବ୍ୟାପୁଛି। ଏ ନେଇ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ନାଗେନ ତ୍ରିପାଠୀ ସମସ୍ତ ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। କିଛି ସ୍କୁଲର ମରାମତି ପାଇଁ ଆର୍ଥିକ ଅନୁମୋଦନ ମିଳିଛି। କିଛି ବିଦ୍ୟାଳୟକୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପଲିଥିନ କିଣି ଗଳୁଥିବା ଛାତ ଓ କାନ୍ଥରେ ବିଛାଇବା ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ ସିଆର୍‌ସିସିମାନଙ୍କଠାରୁ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ସଂଗୃହୀତ ମାସିକ ତଥ୍ୟ ପ୍ରତ୍ୟେକ ମାସ ଜିଲା ଶିକ୍ଷାଧିକାରୀ, ଡିପିଇପି ପ୍ରକଳ୍ପ ଅଧିକାରୀଙ୍କ ସମେତ ବ୍ଲକ୍ ପ୍ରଶାସନକୁ ପ୍ରଦାନ କରାଯାଇ ଥାଏ। ସ୍କୁଲ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତ, ବ୍ଲକ୍ ପ୍ରଶାସନ ସମେତ ଡିପିଇପି କର୍ତ୍ତୃପକ୍ଷଙ୍କର ବୋଲି ସୂଚନା ଦେଇଛନ୍ତି। ଜିଲା, ବ୍ଲକ୍, ପଞ୍ଚାୟତ ପ୍ରଶାସନ ଓ ଶିକ୍ଷା ବିଭାଗର ଡିପିଇପି କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ନେବାକୁ ବିଦ୍ୟାଳୟଗୁଡ଼ିକର ପରିଚାଳନା ସଭାପତି ଓ ଅଭିଭାବକ ଅନୁରୋଧ କରିଛନ୍ତି।


## OFFICE OF THE NOTIFIED AREA COUNCIL, PIPLI, DIST.: PURI

Ph.: 06758-241442, E-mail ID: piplinac@gmail.com

No. C-967 INVITATION FOR BID e-PROCUREMENT NOTICE

No. 1467 Dt.25.08.2025

Bid Reference No.: PIPILI-NAC-3(1)/2025-26
Bid Identification No.: 2025_ORULB_116418

1. Type of Works : Civil works as mentioned in DTCN
2. Total No. of Work : 1
3. Bid Value : As per DTCN
4. Period of Completion : 12 Months
5. Date and time Schedule :
   Submission Start : From 12 hours of 29.08.2025
   Submission End : 17 Hrs. of 17.09.2025
6. Opening of Bid in Online : From 11.00 A.M. of 18.09.2025 onwards

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in.

OIPR-13107/11/0008/2526 Sd./- Executive Officer, Pipli NAC



## P.G. TEACHING DEPARTMENTS
## Utkal University of Culture

SanskrutiVihar, Madanpur, Bhubaneswar-752054
E-mail: pgheaduuc@gmail.com Website :www.uuc.ac.in

No. CAD-1590 No.357 dt.26.8.25

### SPOT ADMISSION NOTICE

Spot admission to vacant seats in different P.G Departments of MPA / MVA & General Studies of Utkal University of Culture, Sanskruti Vihar, Madanpur, Bhubaneswar for the Academic Session-2025-27 shall be made on 04.09.2025. Interested candidates are required to apply through on-line mode and report in the P.G Office of the University in between 11.00 AM to 3.30 PM on 04.09.2025 positively with all original certificates and photo copies of the relevant documents. Details of the vacancy position in different Departments is available in University Website. For more details visit University website www.uuc.ac.in.

By order of the Hon'ble V.C.
Sd/-
OIPR-03005/11/0020/2526 Head, PG Teaching Departments, UUC



## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.II, BHUBANESWAR

eerb2_bbsr@yahoo.com

INVITATIONS FOR BIDS THROUGH e-Procurement
Bid Identification No. C.C. (R&B) - 02
e-Procurement Notice No. 15 of 2025-26

No. B-439: The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for **One** Number **Building** works to be received in online bidding, **Double** Cover System as detailed in: **https://tendersorissa.gov.in**. The details of bid documents will be available in the above website from **01.09.2025 to 5.00 P.M. of 15.09.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 16.09.2025** in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/corrigendum, if required, will be available only in the website.

Sd./- Superintending Engineer
OIPR-34088/11/0020/2526 BBSR (R&B) Division No.II, BBSR



## GOVERNMENT OF ODISHA
## OFFICE OF THE SUPERINTENDING ENGINEER GANJAM (R&B) DIVISION NO.I, BERHAMPUR

Phone/Fax: (0680) 2233683, e-mail: sernb1.ganjam@yahoo.com

No. B-426 "e" Procurement Notice

Bid Identification No. SE R&B Divn. No. I Bam 04/2025-26

Lr. No. 10237 Dtd.18.08.2025

| | | |
|---|---|---|
| Name of Work | : | E.I. Work |
| No. of Works | : | 20 (Twenty) Nos. |
| Estimated Cost | : | Approximately Rs.29.82 lakh |
| Period of Completion | : | 3 (Months) to 1 (One) year |
| Date and time of availability of bid document in the portal | : | From 10.00 hours of 02.09.2025 to 16.00 hours of 09.09.2025 |
| Last date/time for receipt of bids in the portal | : | Upto 16.00 hours of 09.09.2025 |
| Name & address of the Officer Inviting Bid | : | Superintending Engineer, Ganjam (R&B) Division No. I, Berhampur |

Further details can be seen from the e-Procurement portal **https://tendersodisha.gov.in**.

Sd./- Superintending Engineer
Ganjam (R&B) Division No. I
Berhampur
OIPR-34109/11/0035/2526



## GOVERNMENT OF ODISHA
## OFFICE OF THE SUPERINTENDING ENGINEER P.H. DIVISION, BHANJANAGAR, AT: CHATRAPUR

E-mail: eephchpr@gmail.com

NATIONAL COMPETITIVE BIDDING THROUGH e-Procurement
Invitation for Bids (IFB)

No. C-966

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Name & address of Office Inviting Bid |
|---|---|---|---|---|---|---|---|
| | | | | | From | To | |
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 200mm dia clear water rising main pipe line across railway track for filling ESR at Rikapalli with ancillary works, Chatrapur under State Plan - "BASUDHA" 2024-25 | Identification No. 20/03/SPH(C)/ 2025-26 Dt.22.08.2025 | 66.80 | 3 (Three) Calendar Months | 11.00 Hrs. of 01.09.2025 | 17.30 Hrs. of 16.09.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on Dt.17.09.2025 at 01.00 P.M.
Further dtails can be seen from the e-procurement portal **https://www.tenderorissa.gov.in**.

OIPR-13013/11/0020/2526 Sd./- Additional Chief Engineer (PH), P.H. Division, Bhanjanagar at Chatrapur



## Government of Odisha
## Higher Education Department

### Timeline for Phase-II e-Admission into P.G. Courses under SAMS in the Higher Education Institutions for the Academic Session 2025-26

No. N-155: The timeline for Phase-II Admission into P.G. Courses for the session 2025-26 in the state Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website **www.samsodisha.gov.in**. Kindly refer the Common Prospectus (CP)/Guidelines available in the SAMS portal to know about the activities.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the Student login for providing fresh options on the website **www.samsodisha.gov.in** | 23 Aug 2025 (02.00 P.M.) |
| 2 | Last date for applying online Common Application Form (CAF) through **www.samsodisha.gov.in** | 03 Sept. 2025 (upto 11.45 P.M.) |
| 3 | Publication of provisional allotment of seats for 1st Round selection along with the list of waitlisted applicants (for the remaining upper choice HEIs - Waiting Rank Wise) in HEI's e-Space as per the actual vacancy as on 03.09.2025 | 09 Sept. 2025 (04.00 P.M.) |
| 4 | **For First (1st) Round Admission:** Reporting of selected applicants (with the downloaded intimation letter from their login) and payment of admission fees at the allotted institutions, directly in online mode (Net Banking/Bank Challan/NEFT/UPI etc.) for taking admission | 10 Sept. 2025 (10.00 A.M.) to 12 Sept 2025 (05.00 P.M.) |
| 5 | Data updation of the admitted students in the e-space by the respective Institutions (for First Round Admission) | 10 Sept. 2025 (10.00 A.M.) to 12 Sept. 2025 (11.45 P.M.) |
| 6 | Physical reporting of the interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person, however, a representative with valid ID proof may also be permitted to report on their behalf | 13 Sept. 2025 (10.00 A.M.) to 15 Sept. 2025 (02.00 P.M.) (Except Holiday) |
| 7 | Publication of merit list among the reported waitlisted applicants at their Notice Board/HEI website & communicate to the selected applicants via phone call/SMS | 16 Sept. 2025 (02.00 P.M.) |
| 8 | Reporting of the waitlisted applicants for validation of documents, Final Admission, Collection of Admission Fees directly by the HEIs in online mode (Net Banking/Bank Challan/NEFT/UPI etc.) & Admission updation of the waitlisted applicants in their e-space | 17 Sept. 2025 (10.00 A.M.) to 20 Sept. 2025 (05.00 P.M.) |

For more details please contact:
e-Admission Helpline (Toll Free) Number 155335/1800-345-6770

N.B.: Please go through the detailed P.G. Phase-II Guidelines available in SAMS P.G. Portal.

OIPR-11001/11/0104/2526 Sd./- Deputy Director, PTC Section



## ଖଡ଼ଗପୁର ମଣ୍ଡଳରେ ବିଜ୍ଞାପନ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-୨୦୨୫-୦୮ ତାରିଖ: ୨୬।୦୮।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: (୧) ମୌରିଗ୍ରାମ ଷ୍ଟେଶନ, କୋଲାଘାଟ ଷ୍ଟେଶନ, ଦେଉଲଟି ଷ୍ଟେଶନ, ମାଦପୁର ଷ୍ଟେଶନ, ବାଲିଛକ ଷ୍ଟେଶନ, ଆମତା ଷ୍ଟେଶନ, ଆବାଦା ଷ୍ଟେଶନ, ହଳଦିଆ ଷ୍ଟେଶନ, କାଠି ଷ୍ଟେଶନ, ଟିକିଆପଡ଼ା ଷ୍ଟେଶନ, ଗିରି ମଇଦାନ ଷ୍ଟେଶନ, ଶ୍ୟାମଛକ ଷ୍ଟେଶନ, ରାମରାଜତଳା ଷ୍ଟେଶନ, କୁଳଗାଛିଆ ଷ୍ଟେଶନ, ରାଧାମୋହନପୁର ଷ୍ଟେଶନ, ହିଜଲି ଷ୍ଟେଶନ, ଚେଙ୍ଗାଇଲ ଷ୍ଟେଶନ ଓ ଭୋଗପୁର ଷ୍ଟେଶନଠାରେ ହୋର୍ଡିଂ/ବୋର୍ଡ ମାଧମରେ ହୋମ୍ ଏରିଆ ବାହାରେ (ଅର୍ଥାତ୍ ଷ୍ଟେଶନ ସର୍କୁଲେଟିଂ ଏରିଆ, ପ୍ଲାଟ୍‌ଫର୍ମ ଫେନ୍ସିଂ ବାହାରେ, ପ୍ଲାଟ୍‌ଫର୍ମ ବାହାରେ ଇତ୍ୟାଦି) ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୨) ସାନ୍ତ୍ରାଗାଛି ଷ୍ଟେଶନର ଦକ୍ଷିଣ ପାର୍ଶ୍ୱ ସର୍କୁଲେଟିଂ ଏରିଆରେ ବୁକିଂ ଅଫିସ୍ ନିକଟରେ ଗୋଟିଏ ଭିଡିଓ ୱାଲ୍/ଡିଜିଟାଲ ସ୍କ୍ରିନ୍‌ର ସ୍ଥାପନା, ପରିଚାଳନା ଓ ରକ୍ଷଣାବେକ୍ଷଣ ମାଧମରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୩) ଦେଉଲଟି ଷ୍ଟେଶନ, ଆବାଦା ଷ୍ଟେଶନ, ହିଜଲି ଷ୍ଟେଶନ, ରାଧାମୋହନପୁର ଷ୍ଟେଶନ, କୁଳଗାଛିଆ ଷ୍ଟେଶନ, ବେଲଦା ଷ୍ଟେଶନ, ନଳପୁର ଷ୍ଟେଶନ, ହାଉର ଷ୍ଟେଶନ, ମାଦପୁର ଷ୍ଟେଶନ, କୋଲାଘାଟ ଷ୍ଟେଶନ, ଟିକିଆପଡ଼ା ଷ୍ଟେଶନ, ଫୁଲେଶ୍ୱର ଷ୍ଟେଶନ, ଚେଙ୍ଗାଇଲ ଷ୍ଟେଶନ, ବୀରଶିବପୁର ଷ୍ଟେଶନ, ଶ୍ୟାମଛକ ଷ୍ଟେଶନ, ଉଲୁବେରିଆ ଷ୍ଟେଶନ ଓ ହଳଦିଆ ଷ୍ଟେଶନର ଷ୍ଟେଶନ ଏରିଆ ମଧ୍ୟରେ ବୋର୍ଡ, ଗ୍ଲୋ ସାଇନ୍, କିଓସ୍କ ଆଦି ଆକାରରେ ବାଣିଜ୍ୟିକ ବିଜ୍ଞାପନ (ଅଣ-ଡିଜିଟାଲ)ର ପ୍ରଦର୍ଶନ । (୪) ଖଡ଼ଗପୁର ମଣ୍ଡଳରେ ଚଳାଚଳ କରୁଥିବା ଦୁଇଗୋଟି ଇଏମ୍ୟୁ ରେକ୍‌ର ସାଇଡ୍ ୱାଲ୍‌ର ସମଗ୍ର ବାହ୍ୟ ପୃଷ୍ଠଭାଗ (ଝରକା ଓ ରେଳବାଇର ବାଧ୍ୟତାମୂଳକ ମାର୍କିଂଗୁଡ଼ିକୁ ଛାଡ଼ି)ରେ ଭିନାଇଲ୍ ରାପିଂ ଜରିଆରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୫) ଟ୍ରେନ୍ ନଂ. ୧୨୮୩୭/୧୨୮୩୮ (ହାଓଡା-ପୁରୀ ଏକ୍ସପ୍ରେସ୍)ର ଏସି ୩ ଟାୟର୍ ଏବଂ ସ୍ଲିପର୍ କୋଚ୍‌ଗୁଡ଼ିକର ଆଭ୍ୟନ୍ତରୀଣ ବେ'ରେ ଆରଡିଏସ୍‌ଓର ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଭିନାଇଲ୍ ଷ୍ଟିକର୍ସ ଆକାରରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । **ନିଲାମ ତାରିଖ: ୧୨।୦୯।୨୦୨୫, ୧୦.୩୦ ଘଣ୍ଟିକାରୁ ୧୭.୨୦ ଘଣ୍ଟିକା ପର୍ଯ୍ୟନ୍ତ । ନିଲାମ କାଟାଲଗ୍ ନଂ.: ଏଡିଭିଟି-କେଜିପି-୨୫-୦୮** ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଆଗ୍ରହୀ ପକ୍ଷ ଓ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଓ ତତ୍-ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ (ଯଦି ଥାଏ) ପାଇଁ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

(PR-559) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


See Career Appointment on every Wednesday & Saturday

# କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷଙ୍କୁ ଖୋଜୁଛି ସୁରଟ ପୋଲିସ

■ ଗାଁରେ କଳି, ରାଜ୍ୟ ବାହାରେ ଗୁଳି

■ ପଦବୀରୁ ହଟିବାକୁ ଦାବିକଲା ବିଜେଡି

କବିସୂର୍ଯ୍ୟନଗର,୨୭।୮(କୃପାସିନ୍ଧୁ ବେହେରା)


ବୀରେନ୍ଦ୍ର ଖଟେଇ

ସୁରଟରେ କପଡ଼ା ଦୋକାନ କରିଥିବା ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକର ନାତୁଣୀବାଡ଼ି ଗ୍ରାମର ଉଗ୍ରପ୍ରସାଦ ସାହୁଙ୍କୁ ଗୁଳିମାଡ଼ ଘଟଣାରେ ବ୍ଲକ ଉପାଧ୍ୟକ୍ଷ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇଙ୍କୁ ସୁରଟ ପୋଲିସ ଖୋଜୁଛି। ଉଗ୍ରପ୍ରସାଦଙ୍କ ଉପରକୁ ୩ରାଉଣ୍ଡ ଗୁଳିମାଡ଼ ହୋଇଥିଲା। ସୁରଟର ଏକ ମେଡିକାଲରେ ତାଙ୍କ ପେଟରୁ ଦୁଇଟି ଗୁଳି ବାହାର କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ରହିଛନ୍ତି। ଉଗ୍ରପ୍ରସାଦଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଏଥିରେ ବୀରେନ୍ଦ୍ରଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଥିବାରୁ ତାଙ୍କୁ ଏବଂ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସୁରଟ ପୋଲିସ କହିଛି। ଅନ୍ୟପଟେ ବୀରେନ୍ଦ୍ର ଗଞ୍ଜେଇ ବ୍ୟବସାୟରେ ଲିପ୍ତ ଥିବା ନେଇ ବିଜେଡି ଅଭିଯୋଗ କରିଛି। ବୀରେନ୍ଦ୍ରଙ୍କୁ ଅଧ୍ୟକ୍ଷ ପଦରୁ ହଟାଯାଇ ଉପଜିଲାପାଳ ତୁରନ୍ତ ବ୍ଲକ ଦାୟିତ୍ୱ ନେବାକୁ ଗଞ୍ଜାମ ଜିଲା ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଦାବି କରିଛନ୍ତି।

କବିସୂର୍ଯ୍ୟନଗର ସୁବଳୟା ପଞ୍ଚାୟତରେ ଗତ ପଞ୍ଚାୟତ ନିର୍ବାଚନରେ ବୀରେନ୍ଦ୍ର ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ନିର୍ବାଚିତ ହୋଇଥିଲେ। ପରେ ସେ ବ୍ଲକ ଉପାଧ୍ୟକ୍ଷ ହୋଇଥିଲେ। ତାଙ୍କ ଗ୍ରାମ ନାତୁଣୀବାଡ଼ିରେ ଗତ ମେ ୧୨ ତାରିଖରେ ଯଜ୍ଞ ଚାଲିଥିବାବେଳେ ସେ ଗାଁ ସଭା ଡକାଇଥିଲେ। ସଭାରେ କୌଣସି କଥାକୁ ନେଇ ବୀରେନ୍ଦ୍ରଙ୍କ ସହ ନବୀନ ରାଉତଙ୍କ କଥାକଟି ହୋଇଥିଲା। ନବୀନଙ୍କ ସପକ୍ଷରେ ଉଗ୍ରପ୍ରସାଦ ବାହାରିବାରୁ ସେ ଟାର୍ଗେଟକୁ ଆସିଥିଲେ। ମେ ୧୩ ତାରିଖରେ ଉଗ୍ରପ୍ରସାଦଙ୍କ ପରିବାରକୁ ବୀରେନ୍ଦ୍ର ଗାଁରୁ ବାସନ୍ଦ କରିଥିଲେ। ଉଗ୍ରପ୍ରସାଦ ସୁରଟରେ ଜୀବନ ପ୍ରଧାନ ନାମକ ଜଣେ ଯୁବକଙ୍କ ସହ ମିଶି କପଡ଼ା ଦୋକାନ କରିଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇ ଦୁହେଁ ଅଲଗା ହୋଇଥିଲେ। ଜୀବନଙ୍କ ମନରେ ପ୍ରତିଶୋଧ ନିଆଁ ଜୁଳୁଥିଲା। ତାଙ୍କ ସହ ମିଶି ବୀରେନ୍ଦ୍ର ପ୍ରତିଶୋଧ ନେବାପାଇଁ ଯୋଜନା କରିଥିଲେ। ସେ ତାଙ୍କର ଦୁଇ ସମ୍ପର୍କୀୟ ଶୈଳଶ୍ରୀ ଖଟେଇ ଓ ଶିବାଜୀ ଖଟେଇଙ୍କୁ ଦେଶୀ ବନ୍ଧୁକ ଦେଇ ସୁରଟ ପଠାଇଥିଲେ। ଗତ ୧୩ ତାରିଖ ରାତି ୯ଟାରେ ଉଗ୍ରପ୍ରସାଦ ଲୁଗା ଦୋକାନ ବନ୍ଦକରି ଯାଉଥିଲେ। ଏହି ସମୟରେ ଶୈଳଶ୍ରୀ ଓ ଶିବାଜୀ ଏକ ବାଇକରେ ଆସି ପିପୋଦରା ଜିଆଇଡ଼ିସି ଛକରେ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ବର୍ତ୍ତମାନ ସୁଦ୍ଧା ବୀରେନ୍ଦ୍ର, ଜୀବନ, ଶୈଳଶ୍ରୀ ଓ ଶିବାଜୀ ଫେରାର ଥିବା ଜଣାପଡ଼ିଛି। ଉଗ୍ରପ୍ରସାଦ ଦୋକାନରୁ ବାହାରିବା ଖବର ଦେଇଥିବା ଅମିତ ସିଂ ଓ ଗୁଳିମାଡ଼ କରିଥିବା ୨ ଅଭିଯୁକ୍ତଙ୍କୁ ଲୁଚାଇ ରଖିଥିବା ଦେବାଶିଷ ନାହାକଙ୍କୁ ସୁରଟ ପୋଲିସ ଗିରଫ କରିଛି। ଉଭୟଙ୍କୁ ୫ଦିନ ପାଇଁ ରିମାଣ୍ଡରେ ନେଇ ବହୁ ତଥ୍ୟ ହାସଲ କରିବା ପରେ ବୀରେନ୍ଦ୍ରଙ୍କୁ ଧରିବା ପାଇଁ ସୁରଟ ପୋଲିସର ଏକ ଟିମ୍ ୪ଦିନ ତଳେ ଓଡ଼ିଶା ଆସିଥିଲା। ସ୍ଥାନୀୟ ପୋଲିସ ସହାୟତାରେ ବୀରେନ୍ଦ୍ରଙ୍କ ଘର ଉପରେ ଚଢ଼ାଉ କରିଥିବାବେଳେ ସେ ଏନେଇ ଖବର ପାଇ ଫେରାର ହୋଇଯାଇଥିଲେ। ତେଣୁ ତାଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଟ୍ରାପ୍ କ୍ୟାମେରାର କମାଲ

# ଯିଏ ପଶୁଛି ସିଏ ଫସୁଛି

### ୨ ଶିକାରୀ ଗିରଫ, ଦେଶୀବନ୍ଧୁକ ସହ ମାରଣାସ୍ତ୍ର ଜବତ

ନୀଳଗିରି, ୨୭।୮(ପ୍ରଶାନ୍ତ ବିଶ୍ୱାଳ)


ଗିରଫ ୨ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ ଓ ମାରଣାସ୍ତ୍ର।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟରୁ ପୁଣି ଦୁଇ ଶିକାରୀଙ୍କୁ ଧରାଇଦେଲା ଟ୍ରାପ୍ କ୍ୟାମେରା। ଝରଣାଘାଟି ସେକ୍ସନ ଚେମଚଟା ବିଟ୍ କଙ୍କଡ଼ାବିଲ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜାଯାଇଥିବା ଦୁଇଟି ଟ୍ରାପ୍ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ ଗତ ଅଗଷ୍ଟ ୯ତାରିଖ ଭୋର ୫ଟା ୫ ମିନିଟ୍‌ରେ ବାଲେଶ୍ୱର ଜିଲା ଔପଦା ଥାନା ଦରଖୋଳି ଅଞ୍ଚଳ ପିଣ୍ଡାବସା ଗ୍ରାମର ଦାମ ସମଦ(୨୩) ଓ ସୁଦର୍ଶନ ବିଶ୍ୱାଳ (୫୮) କୁଲଡିହା ରେଞ୍ଜରେ ପ୍ରାଣୀ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ବନବିଭାଗର ରୁଟିନ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଥିଲେ। ଗତ ଅଗଷ୍ଟ ୨୬ତାରିଖ ସକାଳ ୬ଟା ୧୫ମିନିଟ୍‌ରେ କୁଲଡ଼ିହା ବନବିଭାଗ ଏବଂ ସୋର ବନବିଭାଗର କର୍ମଚାରୀ ଉଭୟ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ଦେଶୀବନ୍ଧୁକ, କାଣ୍ଡ, ଧନୁତୀର, କୁରାଢ଼ି, କତା, ହରିଣ ଶିଙ୍ଗ, ଛୁରୀ, ଫାଶ ସମେତ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରି ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ କୋର୍ଟଚାଲାଣ କରିଛି। ଏନେଇ କୁଲଡ଼ିହା ବନ୍ୟପ୍ରାଣୀ ରେଞ୍ଜ ଓଆର୍ ମାମଲା (ନଂ.୦୮କେ ୨୦୨୫-୨୬) ଅନୁଯାୟୀ ଅଧିକ ତଦନ୍ତ ଜାରି ରହିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ ପାଇଛି।

# ମୂର୍ତ୍ତି କାରିଗରଙ୍କଠାରୁ ୧୨ ଲକ୍ଷ ଚୋରି

ଉମରକୋଟ, ୨୭।୮(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟରେ ରହୁଥିବା ରାଜସ୍ଥାନର ଏକ ମୂର୍ତ୍ତି କାରିଗରଙ୍କ ଘରୁ ମଙ୍ଗଳବାର ରାତିରେ ଟଙ୍କା ପେଡି ଚୋରି ହୋଇଯାଇଛି। ଏ ନେଇ ବୁଧବାର ସକାଳେ ମୂର୍ତ୍ତି କାରିଗର ବଂଶୀଲାଲ ବାବ୍ରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ପେଡ଼ିରେ ପ୍ରାୟ ୧୨ ଲକ୍ଷ ଟଙ୍କା ଥିବା ଏତଲାରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ୯ ବର୍ଷ ହେବ ରାଜସ୍ଥାନରେ ମଙ୍ଗଲି ଦେଇଙ୍କ ପରିବାର ପାର୍ବଣ ସମୟରେ ଉମରକୋଟକୁ ଆସି ମୂର୍ତ୍ତି ତିଆରି କରନ୍ତି। ଚଳିତ ବର୍ଷ ପ୍ରାୟ ୬ ମାସ ତଳେ ୧୫ ଜଣ ଉମରକୋଟକୁ ମୂର୍ତ୍ତି ତିଆରି କରିବାକୁ ଆସିଥିଲେ। ସେମାନେ ଯୁଭି ୩ ଡଙ୍ଗରୀଗୁଡ଼ାରେ ରହି ମୂର୍ତ୍ତି ତିଆରି ଓ ବିକ୍ରୀ କରନ୍ତି। ଗଣେଶ ପୂଜା ପାଇଁ ମଙ୍ଗଳବାର ମୂର୍ତ୍ତି କିଣିବାକୁ ଲୋକଙ୍କ ଭିଡ଼ ଥିଲା। ମଙ୍ଗଳବାର ରାତି ୨ଟା ପର୍ଯ୍ୟନ୍ତ ମୂର୍ତ୍ତି ବିକ୍ରୀ ଚାଲିଥିଲା। ସେମାନେ ସବୁ ବିଳମ୍ବିତ ରାତି ୩ଟାରେ ଶୋଇଥିଲେ। ତେବେ ସକାଳେ ଉଠିବା ବେଳକୁ ତାଙ୍କର ଟଙ୍କା ପେଡ଼ି ନ ଥିବା ଦେଖି ଆଖପାଖରେ ଖୋଜାଖୋଜି କରିଥିଲେ। ଟଙ୍କା ପେଡ଼ି ନ ମିଳିବାରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ କେସ୍ ନଂ.୨୮୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୂର୍ତ୍ତୀ କାରିଗର ପରିବାରର ମୁଖ୍ୟ ମଙ୍ଗଲି ଦେବୀ କହିଛନ୍ତି ରଙ୍ଗ, ପ୍ଲାଷ୍ଟର ପ୍ୟାରିସ ଉଧାରରେ ଆଣି ମୂର୍ତ୍ତି ତିଆରି କରିଥିଲୁ। ଏବେ ଟଙ୍କା କେମିତି ଶୁଝିବୁ ବୋଲି ସେ ଦୁଃଖର ସହ କହିଛନ୍ତି। ଏସ୍‌ଆଇ ଶିବଜି ପ୍ରସାଦ ପଣ୍ଡା କହିଛନ୍ତି ସବୁ ଦିଗକୁ ନେଇ ତଦନ୍ତ ଚାଲିଛି।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରାୟଗଡ଼ା ସହରର ଅଗ୍ନିଶମ କାର୍ଯ୍ୟାଳୟ ପଛ ପଟ ପଡିଆରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ୩ ଜଣ ଯୁବକ ସଂଘବଦ୍ଧ ଭାବେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ରାୟଗଡ଼ା ସହର ମହିଳା ମହାବିଦ୍ୟାଳୟ ପଛପଟେ ଥିବା ବସ୍ତିର ରୋହିତ ଥାପ୍ପା (୨୬)। ସୂଚନା ଅନୁଯାୟୀ, ଗତ ୩ ଦିନ ତଳେ କେତେଜଣ ଯୁବକଙ୍କ ସହ ରୋହିତଙ୍କ ପାଟିତୁଣ୍ଡ ହୋଇଥିଲା। ପରେ ସେମାନଙ୍କ ଭିତରେ ଆପୋସ ବୁଝାମଣା ହୋଇଥିଲା। ବୁଧବାର ଅପରାହ୍ନରେ ରୋହିତ ଖେଳ ପଡିଆରେ ଠିଆ ହୋଇଥିବାବେଳେ ୩ଜଣ ଯୁବକ ଆସି ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସେ ଅଚେତ ହୋଇପଡିଥିଲେ। ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି।

# ପଶ୍ଚିମବଙ୍ଗ ଶ୍ରମିକଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିଲେ

## ଲଟାବୁଦାରୁ ଗଳିତ ମୃତଦେହ ଜବତ କଲା ପୋଲିସ

ପୁରୁଷୋତ୍ତମପୁର,୨୭।୮(ସୀମାଞ୍ଚଳ ମିଶ୍ର)


ଘଟଣାସ୍ଥଳରେ ଏସ୍‌ଡିପିଓ, ଆଇଆଇସି ତଦନ୍ତ କରୁଛନ୍ତି।

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହର ଉପକଣ୍ଠ ପାଣ୍ଡିଆଛକ ନିକଟସ୍ଥ ଏକ ଲଟାବୁଦାରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ବୁଧବାର ପୋଲିସ ଜବତ କରିଛି। ସେ ହେଲେ ଶ୍ରମିକ ରୂପେ କାର୍ଯ୍ୟ କରୁଥିବା ଲୋକମାନ ଶେଖ୍ (୪୫)। ତାଙ୍କ ଘର ପଶ୍ଚିମବଙ୍ଗ ମୁରଦାବାସ ଜିଲା ସମରଗଞ୍ଜ ଥାନା ଅନ୍ତର୍ଗତ ଦେବଦାସପୁର ଗ୍ରାମରେ ବୋଲି ଜଣାପଡିଛି। ମୃତଦେହ ଜବତ ପରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ସୁଜିତ ନାୟକ ଓ ଆଇଆଇସି ରାଜେଶ ନାୟକ ଘଟଣା ସ୍ଥଳରେ ପହଞ୍ଚି ଏହାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରି ଖୋଳତାଡ କରିଥିଲେ। ଫଳରେ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା।


ତଦନ୍ତରୁ ଜଣାପଡିଛି, ପୁରୁଷୋତ୍ତମପୁର-ବ୍ରହ୍ମପୁର ମୁଖ୍ୟ ରାସ୍ତାର ପାଣ୍ଡିଆ ଛକ ନିକଟରେ ଥିବା ଋଷିକୁଲ୍ୟା ନଦୀର ବ୍ରିଜ ମରାମତି କାର୍ଯ୍ୟ ହରକୁଲସ୍ ଷ୍ଟ୍ରକଚର ସିଷ୍ଟମ ନାମକ ସଂସ୍ଥା କରୁଛି। ଏଥିରେ ଶ୍ରମିକ ଭାବରେ ପଶ୍ଚିମବଙ୍ଗର କେତେ ଜଣ ବ୍ୟକ୍ତି କାର୍ଯ୍ୟ କରୁଥିଲେ। ସେମାନଙ୍କ ସହ ଲୋକମାନ ଶେଖ୍ ଥିଲେ। ଗତ ରବିବାର ରାତିରେ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା। ଲୋକମାନ ଶେଖ୍‌ଙ୍କୁ ଅନ୍ୟ କେତେ ଜଣ ଶ୍ରମିକ ମିଶି ମାରଣାସ୍ତ୍ରରେ ଆକ୍ରମଣ ସହ ହତ୍ୟା କରି ରାସ୍ତା ପାର୍ଶ୍ୱ ଲଟାବୁଦା ଭିତରେ ଫୋପାଡିଦେଇ ଫେରାର ହୋଇଯାଇଛନ୍ତି। ମୃତଦେହ ପଚି ଦୁର୍ଗନ୍ଧ ହେବାପରେ ଘଟଣା ପଦାକୁ ଆସିଛି। ନଂ. ୬୭୫/୨୫ରେ ଏକ ମାମଲା ରୁଜୁ କରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବ୍ରହ୍ମପୁର ବଡମେଡିକାଲ ପଠାଇଛି। କାର୍ଯ୍ୟରେ ନିୟୋଜିତ ଥିବା ଅନ୍ୟଶ୍ରମିକ ଓ ଠିକା କମ୍ପାନୀର କର୍ମଚାରୀଙ୍କୁ ପୋଲିସ ପଚରାଉଚରା କରୁଛି। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଅନ୍ୟ ଶ୍ରମିକ ଓ ଠିକାସଂସ୍ଥାର କର୍ମଚାରୀମାନେ ଏନେଇ ପୋଲିସକୁ ନ ଜଣାଇବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## Business

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ନୂଆ ମାଇଲଖୁଣ୍ଟ

### ୧୪୮ ଦିନରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣ

ଭୁବନେଶ୍ୱର,୨୭।୮(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷର ମାତ୍ର ୧୪୮ ଦିନ ମଧ୍ୟରେ ୧୦୦ ନିୟୁତ ଟନ୍ ପଣ୍ୟ ଅପସାରଣ କରି ପଣ୍ୟ ପରିବହନରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ଚଳିତ ଆର୍ଥିକ ବର୍ଷ ଅଗଷ୍ଟ ୨୬ ସୁଦ୍ଧା ପୂର୍ବତଟ ରେଳପଥ ସଫଳତାର ସହିତ ୧୦୦.୫୫ ନିୟୁତ ଟନ୍ ପଣ୍ୟ ଅପସାରଣ କରିଛି। ଏହା ଗତ ବର୍ଷର ସମାନ ସମୟ ତୁଳନାରେ ୮% ଅଭିବୃଦ୍ଧିକୁ ଦର୍ଶାଇବା ସହ ୭.୪୩ ନିୟୁତ ଟନ୍ ଅଧିକ ପଣ୍ୟ ଅପସାରଣ କରିପାରିଛି। ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ୫୮.୧ ନିୟୁତ ଟନ୍ ପଣ୍ୟ ଅପସାରଣ କରିଥିବାବେଳେ ୱାଲଟିୟର ରେଳ ମଣ୍ଡଳ ୨୫.୪୬ ନିୟୁତ ଟନ୍ ଓ ସମ୍ବଲପୁର ରେଳ ମଣ୍ଡଳ ୧୭ ନିୟୁତ ଟନ୍ ପଣ୍ୟ ଅପସାରଣ କରିଛି। ପୂର୍ବତଟ ରେଳପଥ ଏହାର ପରିସୀମା ମଧ୍ୟରେ ଥିବା ପ୍ରମୁଖ ଶିଳ୍ପ ଏବଂ ବନ୍ଦରଗୁଡିକର ଲଜିଷ୍ଟିକ ଆବଶ୍ୟକତାକୁ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ରେଳପଥ ପାରାଦୀପ, ବିଶାଖାପାଟଣା, ଗଙ୍ଗାଭରମ, ଗୋପାଳପୁର ଏବଂ ଧାମରା ଭଳି ପ୍ରମୁଖ ବନ୍ଦରଗୁଡିକୁ ସେବା ପ୍ରଦାନ କରିଥାଏ ଏବଂ ଇସ୍ପାତ, ଶକ୍ତି, ଆଲୁମିନିୟମ, ସାର, ସିମେଣ୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପଗୁଡିକର ପରିବହନ ଚାହିଦା ପୂରଣ କରିଥାଏ। ପୂର୍ବତଟ ରେଳପଥ ଦ୍ୱାରା ପରିବହନ କରିଥିବା ପ୍ରମୁଖ ଦ୍ରବ୍ୟଗୁଡ଼ିକ ମଧ୍ୟରେ କୋଇଲା, ଲୁହାପଥର, ଆଲୁମିନିୟମ, ମାଙ୍ଗାନିଜ ଏବଂ ବକ୍ସାଇଟ ରହିଛି। ଏହି ସଫଳତା ଆର୍ଥିକ ବର୍ଷ ୨୦୨୪-୨୫ (୧୬୦ ଦିନ) ତୁଳନାରେ ୧୨ ଦିନ ପୂର୍ବରୁ ଏବଂ ଆର୍ଥିକ ବର୍ଷ ୨୦୨୩-୨୪ (୧୭୧ ଦିନ) ତୁଳନାରେ ୨୩ ଦିନ ପୂର୍ବରୁ ହାସଲ କରାଯାଇଛି।

# କଟକରେ ଭି-ଗାର୍ଡର ଏକ୍ସକ୍ଲୁସିଭ ଆଉଟଲେଟ

ଭୁବନେଶ୍ୱର,୨୭।୮ (ଅଭୟ ଦାଶ)



ଭି-ଗାର୍ଡ ଇଣ୍ଡିଆର ଏକ୍ସକ୍ଲୁସିଭ ଆଉଟଲେଟ (ଷ୍ଟୋର) ବୁଧବାର କଟକର ଚୌଧୁରୀ ବଜାରସ୍ଥିତ କେଉଟ ସାହିଠାରେ ଉଦଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା ଶ୍ରୀ ସାଇ ଇଲେକ୍ଟ୍ରିକାଲସ କଟକ ଆନୁକୂଲ୍ୟରେ ଏହି ନୂତନ ଷ୍ଟୋରର ଶୁଭାରମ୍ଭ ଆନୁଷ୍ଠାନିକ ଭାବେ କରାଯାଇଛି। ଏହି ଅବସରରେ ଭି-ଗାର୍ଡ ଇଣ୍ଡିଆର ମୁଖ୍ୟ ଶାଖା ପ୍ରବନ୍ଧକ ସୁମନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ସାଇ ଇଲେକ୍ଟ୍ରିକାଲସର ମୁଖ୍ୟ ଇନ୍ଦର କୁମାର ଅଗ୍ରୱାଲ, ସୋହନ କୁମାର ଅଗ୍ରୱାଲ ଓ ମୋହନ କୁମାର ଅଗ୍ରୱାଲଙ୍କ ସମେତ ଭି ଗାର୍ଡ କମ୍ପାନୀର ସମସ୍ତ ଉଚ୍ଚ ପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ।

ଏ ନେଇ ସୁମନ୍ତ କୁମାର ପ୍ରଧାନ କହିଥିଲେ, କଟକରେ ଆମେ ଆମର ମେଗା ଶୋ'ରୁମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଭି-ଗାର୍ଡର ସମସ୍ତ ଉତ୍ପାଦ ଏଠାରେ ଉପଲବ୍ଧ ହେବ। ସେହିପରି ଉଦଘାଟନୀ ଅବସରରେ ଭି-ଗାର୍ଡ ପ୍ରଡକ୍ଟସର ପ୍ରତ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ରହିଛି। ପ୍ରତ୍ୟେକ କ୍ରୟକର୍ତ୍ତାଙ୍କୁ ନିଃଶୁଳ୍କ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଭି-ଗାର୍ଡର ଇନଭର୍ଟର ବ୍ୟାଟେରି ସାଙ୍ଗରେ ଗୋଟିଏ ଟ୍ରଲି ମାଗଣା ଉପହାର ଦିଆଯାଉଛି।

# ୨୦୪୭ ସୁଦ୍ଧା ସମସ୍ତଙ୍କ ନିକଟରେ ବୀମା

GENERALI Central
INSURANCE

ଭୁବନେଶ୍ୱର,୨୭।୮

ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ପକ୍ଷରୁ ଏକ ଅଭିନବ ତଥା ହେଲଥ ଏକ୍ସଟ୍ରା ନାମକ ଏକ ନୂଆ ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଏକ ବିସ୍ତୃତ ସ୍ୱାସ୍ଥ୍ୟ ବୀମା ଯୋଜନା, ହେଲଥ ଏକ୍ସଟ୍ରାରେ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଚିକିତ୍ସା ଏବଂ ଡାକ୍ତରଖାନାରେ ଭର୍ତି ହେବା ପୂର୍ବରୁ ଖର୍ଚ୍ଚ, ସଡ଼କ ଆମ୍ବୁଲାନ୍ସ ଖର୍ଚ୍ଚ, ଆଧୁନିକ ଚିକିତ୍ସା, ଆୟୁଷ ଚିକିତ୍ସା ଏବଂ ଓପିଡି ସୁବିଧା ସହିତ ଅତିରିକ୍ତ ଅନ୍ୟାନ୍ୟ ମୂଲ୍ୟ ଯୁକ୍ତ ସେବା ଏବଂ ସୁସ୍ଥତା ଯତ୍ନ ଅନ୍ତର୍ଭୁକ୍ତ ରହିଛି।

ଏ ନେଇ ଜେନେରାଲି ସେଣ୍ଟ୍ରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡର ମୁଖ୍ୟ ବିତରଣ ଅଧିକାରୀ ରମିତ୍ ଗୋୟଲ କହିଛନ୍ତି, ଆମେ ଆମର ନୂତନ ଅଫରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। କିନ୍ତୁ ୨୦୪୭ ସୁଦ୍ଧା ସମସ୍ତଙ୍କ ନିକଟରେ ବୀମାର ମହତ୍ୱାକାଂକ୍ଷୀ ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ ଜାରି ରହିଛି। ଏପରିକି ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ବିକଶିତ କରିବା ଜରୁରୀ ହୋଇପଡିଛି, ଏହା ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତିବିଶେଷଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବ। ବର୍ତମାନର ଆକଳନରୁ ଜଣାପଡୁଛି ଯେ ଭାରତର ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା କୌଣସି ପ୍ରକାରର ସ୍ୱାସ୍ଥ୍ୟ ବୀମାରୁ ବଞ୍ଚିତ ଅଛନ୍ତି। ଆମେ ବିଶ୍ୱାସ କରୁ ଯେ ଚିନ୍ତାଶୀଳ ଭାବେ ଡିଜାଇନ୍ କରାଯାଇଥିବା ଏବଂ ଉପଯୁକ୍ତ ମୂଲ୍ୟର ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକ କଭରେଜ୍‌କୁ ତ୍ୱରାନ୍ୱିତ କରିବା ସହିତ ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

# ଗ୍ରାମାଞ୍ଚଳରେ ଗ୍ରାମୀଣ ବ୍ୟାଙ୍କର ଉଲ୍ଲେଖନୀୟ ବ୍ୟାଙ୍କିଙ୍ଗ ସେବା




ଭୁବନେଶ୍ୱର,୨୭।୮

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଫିସର ସଂଘ (ଓଜିବିଓଏ) ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଫିସର ସଂଘ (ୟୁଜିବିଓଏ)ର ମିଳିତ ସାଧାରଣ ସଭା ନିକଟରେ ଭୁବନେଶ୍ୱରର ରମାଦେବୀ ମହିଳା ମହାବିଦ୍ୟାଳୟର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏଆଇଆରଆରବିଇଏ ଏବଂ ଏନଏଫଆରଆରବିଓର ସାଙ୍ଗଠନିକ ସମ୍ପାଦକ ମୟାଙ୍କ ବୈଦ୍ୟଙ୍କ ସମେତ ସାଧାରଣ ସମ୍ପାଦକ କୀର୍ତ୍ତି ରାଜ ହିତକଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅପରପକ୍ଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ତିନି ପ୍ରମୁଖ ମହାପ୍ରବନ୍ଧକ ବିଜୟ କେତନ ସାହୁ, ବାଲମୁକୁନ୍ଦ ପ୍ରସାଦ ଏବଂ ବାସୁଦେବ ରାଉତରାୟ ପ୍ରମୁଖ ଯୋଗ ଦେଇ ସଭାର ଆଭିମୁଖ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ସଂଘର ସଭାପତି ଅସିତ ଖଣ୍ଡାଇ ଏବଂ ଗୋପବନ୍ଧୁ ମଲ୍ଲିକ ପରିଚାଳନା କରିଥିଲେ। ସେହିପରି ଉଭୟ ସଂଘର ସାଧାରଣ ସମ୍ପାଦକ ପଦ୍ମଲୋଚନ ସାହୁ ଏବଂ ସାଗର ଗୁରୁ ବିସ୍ତୃତ ବିବରଣୀକୁ ଉପସ୍ଥାପନା କରିଥିଲେ। ଉଭୟ ସଙ୍ଗଠନ ମିଳିତ ଭାବେ ସମସ୍ତଙ୍କ ସହମତିରେ ନୂତନ ଭାବେ ସଙ୍ଗଠନର ନାମ ଆସୋସିଏଶନ ଅଫ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଅଫିସର୍ସ(ଏଓଜିବିଓ) ବୋଲି ରଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ରମାଦେବୀ ମହିଳା ମହାବିଦ୍ୟାଳୟର ପ୍ରଫେସର ଚଣ୍ଡୀଚରଣ ରଥ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ ସେବାକୁ ସହଜ ଏବଂ ସୁବିଧାରେ ଯୋଗାଇ ଦେବାରେ ଗ୍ରାମୀଣ ବ୍ୟାଙ୍କର କିଭଳି ଯୋଗଦାନ ରହିଆସିଛି, ସେ ବିଷୟରେ ସେ ନିଜ ମତ ଉପସ୍ଥାପନ କରିଥିଲେ। ପରିଶେଷରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ନୂତନ ଦାୟିତ୍ୱ ସଭାପତି ରୂପେ ମାନଭଞ୍ଜନ ମିଶ୍ର ଏବଂ ସମ୍ପାଦକ ଭାବେ ପୀତବାସ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲାବେଳେ ଅନ୍ୟ ୧୦୬ ଜଣଙ୍କୁ ସଂଘର ସଦସ୍ୟ ରୂପେ ଚୟନ କରାଯାଇଥିଲା। ଏହି ସଭାରେ ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀଗଣ ଉପସ୍ଥିତ ରହି ବ୍ୟାଙ୍କ ବିଷୟରେ ନିଜ ନିଜର ମତ ରଖିଥିଲେ। ପଦ୍ମଲୋଚନ ସାହୁ ଧନ୍ୟବାଦ ଅଭିଭାଷଣ ଦେଇଥିଲେ।

# ୧୮୧ଟଙ୍କାରେ ହୋମ୍ ଲୋନ୍ ସୁବିଧା

ଭୁବନେଶ୍ୱର,୨୭।୮

ଦେଶର ପ୍ରମୁଖ ଡିଜିଟାଲ ଫାଇନାନ୍ସିଆଲ ପ୍ଲାଟଫର୍ମ 'ଫୋନ୍‌ପେ'ର ବହୁ ପ୍ରତୀକ୍ଷିତ ତଥା ନୂତନ ଗୃହ ବୀମା ଉତ୍ପାଦ ଶୃଙ୍ଖଳର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଏହାକୁ ଘର ମାଲିକମାନଙ୍କ ପାଇଁ ଡିଜାଇନ କରାଯାଇଛି। ସେହିଭଳି ଘରମାଲିକମାନେ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ଓ ସୁଲଭ ସମାଧାନର ଶୁଭାରମ୍ଭ କରାଯାଇଛି। ମାତ୍ର ୧୮୧ ଟଙ୍କା ମୂଲ୍ୟରେ ହୋମ୍ ଲୋନ (ଗୃହ ବୀମା) ସୁବିଧା ଉପଲବ୍ଧ ଥିଲାବେଳେ ଫୋନ୍‌ପେ ଉପଭୋକ୍ତାମାନେ ଅଗ୍ନିକାଣ୍ଡ, ବନ୍ୟା, ଭୂମିକମ୍ପ ଓ ଚୋରି ଭଳି ୨୦ରୁ ଅଧିକ ବିପର୍ଯ୍ୟୟ ବିରୋଧରେ ନିଜ ଘରକୁ ସୁରକ୍ଷା ପ୍ରଦାନ କରିପାରିବେ। ଏପରିକି ୧୦ ଲକ୍ଷ ଟଙ୍କାରୁ ୧୨.୫କୋଟି ଟଙ୍କା ପର୍ଯ୍ୟନ୍ତ କଭରେଜ ପାଇଁ ସର୍ବନିମ୍ନ ୧୮୧ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ (ଜିଏସଟି ସମେତ) ସହିତ ଉପଭୋକ୍ତାମାନେ ଫୋନପେ ମାଧ୍ୟମରେ ସିଧାସଳଖ ନିଜ ଘରର ଢାଞ୍ଚା ଓ ସେଥିରେ ଥିବା ସାମଗ୍ରୀଗୁଡ଼ିକୁ ବୀମାଭୁକ୍ତ କରିପାରିବେ। ଏ ସମ୍ପର୍କରେ ଫୋନପେ ଇନସ୍ୟୁରାନ୍ସ ବ୍ରୋକିଙ୍ଗ ସର୍ଭିସେସର ସିଇଓ ବିଶାଳ ଗୁପ୍ତା କହିଛନ୍ତି, ଭାରତର ଘର ମାଲିକାନା ଆକାଂକ୍ଷା ପୂର୍ବାପେକ୍ଷା ଆହୁରି ବୃଦ୍ଧି ପାଇଛି ଏବଂ ଫୋନପେ ଏହି ଯାତ୍ରାର ଏକ ଅଂଶ ହେବା ପାଇଁ ଆଗ୍ରହୀ ରହିଛି। ଏପରିକି ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ବୀମାକୁ ପହଞ୍ଚଯୋଗ୍ୟ ଓ ସୁଲଭ କରିବାକୁ ପ୍ରତିବଦ୍ଧ ରହିଛୁ। ଆମର ନୂଆ ଗୃହ ବୀମା ଉତ୍ପାଦର ଶୁଭାରମ୍ଭ ସେହିଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି, ଏହା ଘର ମାଲିକଙ୍କୁ ନିଜର ସବୁଠାରୁ ମହତ୍ୱପୂର୍ଣ୍ଣ ସମ୍ପତ୍ତିକୁ ସୁରକ୍ଷିତ ରଖିବା ପାଇଁ ସଶକ୍ତ କରିଥାଏ। ଆମର ବିଶ୍ୱସନୀୟ ସମାଧାନ ସୁରକ୍ଷାର ଭବିଷ୍ୟତକୁ ପ୍ରତିନିଧିତ୍ୱ କରିଥାଏ ଏବଂ ଏକ ବିସ୍ତୃତ ଓ ସୁଲଭ କଭରେଜ ଯାହାକୁ ଫୋନପେ ମାଧ୍ୟମରେ କିଛି ମିନିଟରେ ହାସଲ କରାଯାଇପାରିବ। ସେହିଭଳି ଅଧିକାଂଶ ଗୃହ ବୀମା ଗୃହ ଋଣ ସହ ଜଡିତ ହୋଇ ରହିଥାଏ ଏବଂ ସେଗୁଡିକ ମହଙ୍ଗା ହେବା ସହ ସୀମିତ ନମନୀୟତା ଓ ପେପରୱର୍କର ଅତିରିକ୍ତ ବୋଝ ସହ ଆସିଥାଏ। ଅପରପକ୍ଷରେ ଫୋନପେ ଘର ମାଲିକଙ୍କୁ ବାଧାମୁକ୍ତ, ସ୍ୱଚ୍ଛ ଓ ପହଞ୍ଚଯୋଗ୍ୟ ସମାଧାନ ପ୍ରଦାନ କରି ଦକ୍ଷତାର ସହ ଏହି ଅନ୍ତରକୁ ଦୂର କରୁଛି। ଫୋନପେ ୧୦ଲକ୍ଷ ଟଙ୍କାରୁ ୧୨.୫କୋଟି ଟଙ୍କା ପର୍ଯ୍ୟନ୍ତ ଫ୍ଲେକ୍ସିବୁଲ କଭରେଜରେ ପ୍ରତ୍ୟେକ ଘର ଓ ବଜେଟ ସହ ମେଳ ଖାଇଥାଏ।

# ୨୯ରୁ ୨ ଦିନିଆ ଅନୁସୂଚିତ ଜାତି, ଜନଜାତି ଜାତୀୟ ସମ୍ମିଳନୀ

## ଉଦ୍‌ଘାଟନ କରିବେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା

ଭୁବନେଶ୍ୱର,୨୭।୮ (ରବିନାରାୟଣ ଜେନା)

ଆସନ୍ତା ୨୯ ତାରିଖଠାରୁ ରାଜ୍ୟରେ ଦୁଇଦିନିଆ ଅନୁସୂଚିତ ଜାତି ଓ ଜନଜାତି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିବାକୁ ରହିଥିବାବେଳେ ରାଜ୍ୟ ସଭାର ଉପାଧ୍ୟକ୍ଷ ସହିତ ଅନୁସୂଚିତ ଜାତି ଓ ଜନଜାତି କମିଟିର ସଦସ୍ୟ ଏବଂ ଉଭୟ ସଦନର ସଚିବମାନେ ଉପସ୍ଥିତ ରହିବେ। ଏହାସହିତ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନେ ଆସିବେ। ଏଥିରେ ଦେଶର ସବୁ ରାଜ୍ୟରୁ ୩୫୦ ଜଣ ଏମ୍ପି ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ କିଭଳି ଶାନ୍ତିଶୃଙ୍ଖଳାର ସହ ହେବ ସେନେଇ ବିଧାନସଭା ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାରଠାରୁ ବିଭିନ୍ନ ରାଜ୍ୟରୁ ସଦସ୍ୟମାନଙ୍କ ଓଡ଼ିଶା ଗସ୍ତ ଆରମ୍ଭ ହେବାକୁ ରହିଛି। ଏଥିଲାଗି ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପ୍ରସ୍ତୁତ ରହିବାକୁ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପତ୍ର ଲେଖି ଅବଗତ କରାଇଛନ୍ତି। ଏହି ସମୟ ମଧ୍ୟରେ ଅତିଥିମାନେ ରାଜ୍ୟ ଆଦିବାସୀ ସଂଗ୍ରହାଳୟ ପରିଦର୍ଶନରେ ଯିବେ। ସେଠାରେ ଅତିଥିମାନଙ୍କୁ ସହାୟତା ଲାଗି ବିଭାଗ ପକ୍ଷରୁ ପ୍ରସ୍ତୁତ ରହିବାକୁ ସେ କହିଛନ୍ତି। ଏହାସହିତ ଜାତୀୟ ସମ୍ମିଳନୀରେ ଉଭୟ ବିଭାଗରେ ପ୍ରଣୟନ ହେଉଥିବା ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବିବରଣୀ ପ୍ରଦାନ କରିବା ଲାଗି ସଚିବ କହିଛନ୍ତି।

# ସମୀକ୍ଷା ବୈଠକକୁ ନେଇ ସୋଫିଆ-ସୁବାସ ମୁହାଁମୁହିଁ

କଟକ,୨୭।୮ (ଶିକ୍ଷା ପ୍ରିୟଦର୍ଶିନୀ)

ସିଏମ୍‌ସି ସମ୍ମିଳନୀ କକ୍ଷରେ ବିଧାୟିକା ସୋଫିଆ ଫିର୍ଦୋସ ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ବାଦ୍ ଦେଇ ସିଏମ୍‌ସି କମିଶନର ଜିଉଣଦୀପ କୌର ସହୋଦାଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। କମିଶନର ଓ ଅଧିକାରୀଙ୍କ ସହ ସୋଫିଆଙ୍କ ବୈଠକକୁ ନେଇ ଖପ୍ପା ହୋଇଛନ୍ତି ମେୟର ସୁବାସ। ତେବେ ଏହା ପ୍ରଥମଥର ନୁହେଁ, ବରଂ ପୂର୍ବରୁ ହୋଇଥିବା ସମୀକ୍ଷା ବୈଠକକୁ ମଧ୍ୟ ମେୟରଙ୍କୁ ବିଧାୟିକା ଡାକି ନ ଥିଲେ। ଏଭଳି ଦ୍ୱିତୀୟଥର ହେବାରୁ ମେୟର ସୁବାସ

**ମେୟର କଟକ ସହରକୁ ବୁଡ଼ାଇ ଦେଇଛନ୍ତି: ସୋଫିଆ**

**ସୋଫିଆ ହେଉଛନ୍ତି ଆକ୍ସିଡେଣ୍ଟାଲ ବିଧାୟିକା: ସୁବାସ ସିଂ**



ବିଧାୟିକା ସୋଫିଆ ଫିର୍ଦୋସ।



ସିଏମ୍‌ସି ମେୟର ସୁବାସ ସିଂ।

ବିଧାୟିକାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ବୈଠକରେ ମେୟରଙ୍କୁ ଡକା ନ ଯିବା ଘଟଣାରେ ବିଧାୟିକା ସୋଫିଆ କହିଛନ୍ତି, ମେୟର କଟକ ସହରକୁ ବୁଡ଼ାଇ ଦେଇଛନ୍ତି। କାର୍ଯ୍ୟର ସମୀକ୍ଷା ଦାୟିତ୍ୱ ମେୟରଙ୍କର ରହିଛି, ହେଲେ ସେ ନିଜେ ଠିକ୍ ଭାବେ ସମୀକ୍ଷା କରିପାରୁନାହାନ୍ତି। ଫଳରେ ଅନେକ କାମ ହୋଇ ପାରୁନାହିଁ। ରାସ୍ତାଘାଟ ସମସ୍ୟାଠାରୁ ଆରମ୍ଭ କରି ଲୋକଙ୍କ ସମସ୍ୟା ସବୁ ଆମେ ବୁଝୁଛୁ। ମେୟର ସମସ୍ତ ବୈଠକରେ ଅଧାରୁ ଉଠି ପଳାଉଛନ୍ତି, ଲୋକଙ୍କ କଥା ବୁଝୁନାହାନ୍ତି, ସେ ତାଙ୍କ କାମ ଠିକ୍ ଭାବେ କରି ପାରୁନାହାନ୍ତି। ସିଏମ୍‌ସି କମିଶନର ଓ ଅଧିକାରୀମାନେ କାର୍ଯ୍ୟ ବିଷୟରେ ଅବଗତ କରିବେ, ଏଥିରେ ମେୟରଙ୍କ କୌଣସି କାମ ନାହିଁ। ମୁଁ ଜଣେ ବିଧାୟିକା ହିସାବରେ ସମୀକ୍ଷା କରି ପାରିବି, ସେଥିପାଇଁ ଆଜି ଏହି କାର୍ଯ୍ୟ କରିଛି ବୋଲି ଫିର୍ଦୋସ କହିଛନ୍ତି। ଏହାର କଡ଼ା ଜବାବ ଦେଇ ସୁବାସ କହିଛନ୍ତି, ସୋଫିଆ ଗୋଟେ ଆକ୍ସିଡେଣ୍ଟାଲ ବିଧାୟିକା। ତାଙ୍କୁ କେବଳ ସାନ ଭଉଣୀ ଭାବେ ଗ୍ରହଣ କରିଛି। ସେ ଇଟା ଖଣ୍ଡେ ଯୋଡି ପାରିନାହାନ୍ତି। ତାଙ୍କ ପରିବାର କଟକ ସହରକୁ ବିପର୍ଯ୍ୟସ୍ତକୁ ଠେଲି ଦେଇଛନ୍ତି। କଟକରେ ୧୮୬୦ଟି ପୋଖରୀ ଥିଲା, ହେଲେ ଏବେ ୧୫୦ଟି ପୋଖରୀ ନାହିଁ, ସବୁକୁ ପୋତିଦେଇ ବେପାର କରୁଛନ୍ତି। ବାପା ଓ ଝିଅ ଉଭୟ ମିଶି କଟକକୁ ଜଳମଗ୍ନ କରିବେ ବୋଲି କହିଥିଲେ। ହେଲେ ସେ ଜାଣିରଖିବା ଉଚିତ୍ ଯେ କଟକକୁ ସେମାନେ ହିଁ ବିପଦ୍‌କୁ ଠେଲି ଦେଇଛନ୍ତି। ବିଧାୟିକାଙ୍କ କାମ କେବଳ ପ୍ରସ୍ତାବ ଦେବା ଏବଂ କେଉଁ କାମ କେଉଁ ସ୍ଥିତିରେ ଅଛି ତାହା ପଚାରିବା। ବିଧାୟିକା କୌଣସି ଭାବେ ସମୀକ୍ଷା କରିପାରିବେ ନାହିଁ। ବିଧାୟକ ପାଣ୍ଠିକୁ ସିଏମ୍‌ସି ଅଞ୍ଚଳରେ ଖର୍ଚ୍ଚ ନ କରି ଅନ୍ୟ ସ୍ଥାନରେ ଦେଉଛନ୍ତି, ସେ କ'ଣ ସିଏମ୍‌ସି ବାବଦରେ କହିବେ। ତାଙ୍କ ବାପାଙ୍କୁ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଭଳି ବିଧାୟିକାଙ୍କୁ ଦେଖିବା କଟକବାସୀଙ୍କ ପାଇଁ ଏକ ଦୁର୍ଭାଗ୍ୟ ବୋଲି ସିଂ କହିଛନ୍ତି।

# ବିଦ୍ୟାଳୟରେ ନାଚୁଥିବା ବେଳେ ଟଳି ପଡ଼ିଲେ ଛାତ୍ର

## ଗଣେଶ ପୂଜାରେ ଅଘଟଣ

ନୀଳଗିରି,୨୭।୮ (ପ୍ରଶାନ୍ତ ବିଶ୍ୱାଳ)

ବୁଧବାର ଥିଲା ଗଣେଶ ପୂଜା। ସମସ୍ତେ ହସଖୁସିରେ ଗୀତର ତାଳେ ତାଳେ ନାଚି ମଜା ଉଠାଉଥିଲେ। ହେଲେ ନିମିଷକ ମଧ୍ୟରେ ଖୁସି ପାଣି ଫୋଟକା ପରି ମିଳେଇଗଲା। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଜଡ଼ିଦା ରାଧାମାଧବଜୀଉ ହାଇସ୍କୁଲରେ ନବମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ପ୍ରୀତମ ନାଚୁଥିବା ବେଳେ ହଠାତ୍ ପଡିଯାଇ ମୃତ୍ୟୁବରଣ ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ପ୍ରିୟାଂଶୁଙ୍କ ଘର ସିଆଡ଼ିମାଳ ଗ୍ରାମରେ।

ଲକ୍ଷ୍ମୀନାରାୟଣ ଦାସବାବୁଙ୍କ ୧୫ ବର୍ଷୀୟ ପୁଅ ପ୍ରିୟାଂଶୁ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତଳେ ପଡ଼ିଯାଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଦୌଡି ଆସିଥିଲେ। ମାତ୍ର ସେହିଠାରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଏବଂ ପରିବାର ଲୋକେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି। ମା' ମାଳତୀ ଓ ବାପା ଲକ୍ଷ୍ମୀନାରାୟଣ ଦାସବାବୁଙ୍କର ଦୁଇ ପୁଅ ମଧ୍ୟରୁ ପ୍ରିୟାଂଶୁ ବଡ଼ପୁଅ ଥିଲେ। ଏଭଳି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ପ୍ରିୟାଂଶୁ

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା: ସ୍ୱାମୀ ଗିରଫ

ବାଉଁଶୁଣୀ,୨୭।୮ (ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଥାନା ଗଡଭିତର ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବୀ ପ୍ରସାଦ ଥନାପତି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସାରଦା ପ୍ରଶନ୍ନ ଦାସ କହିଛନ୍ତି। ସୂଚନା ଅନୁଯାୟୀ, ଗଡଭିତର ଜୈନିକା ମହିଳା ବଲାଙ୍ଗୀର ଜିଲାର ଦେବୀପ୍ରସାଦଙ୍କୁ ବିବାହ କରିଥିଲେ। ଉକ୍ତ ଦମ୍ପତି କିଛିବର୍ଷ ବଲାଙ୍ଗୀରରେ ରହିଥିଲେ। ପରେ ସେମାନେ ମହିଳାଙ୍କ ଗ୍ରାମ ଗଡଭିତରକୁ ଆସି ରହୁଥିଲେ। ଗତ ତା ୩।୭।୨୫ରିଖ ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଦେବୀପ୍ରସାଦ ସ୍ତ୍ରୀର ତଣ୍ଟିକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ସୋନପୁର ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। କିଛିଦିନ ପରେ ମହିଳାଙ୍କ ପରିବାର ଲୋକେ ବାଉଁଶୁଣୀ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

# ନାବାଳକ ପେଟରୁ ତୀର ବାହାରକଲେ ଡାକ୍ତରୀ ଦଳ

ନୂଆପଡ଼ା,୨୭।୮ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସୁନାବେଡା ପଞ୍ଚାୟତ ଯୋଗୀମୁଣ୍ଡା ଗାଁରେ ମଙ୍ଗଳବାର ଜଣେ ଯୁବକଙ୍କ ଧନୁତୀର ମାଡ଼ରେ ନାବାଳକ, ମହିଳାଙ୍କ ସମେତ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ସୁନାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରା ଯାଇଥିଲା। ମହିଳା ଶୁକ୍ରବାରୀ ପହରିଆ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଯାଇଥିଲେ। ମଙ୍ଗଲୁ ପହରିଆଙ୍କ ପିଠିରେ ଲାଗିଥିବା ତୀର ସୁନାବେଡା ସ୍ୱାସ୍ଥ୍ୟକେନ୍ଦ୍ରରେ ବାହାର କରାଯାଇଥିଲା। ନାବାଳକ ସନ୍ତୋଷ ପହରିଆଙ୍କ ପେଟରେ ଲାଗିଥିବା ତୀର ସୁନାବେଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ବାହାର କରିବା ସମ୍ଭବ ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡା. ସ୍ୱପ୍ନରେଖା ନାୟକ, ଡା. ରଶ୍ମିଜିତ ବେହେରା, ଡା. ସଚି ତ୍ରିପାଠୀ ପ୍ରମୁଖଙ୍କୁ ନେଇ ଗଠିତ ଟିମ୍ ଅସ୍ତ୍ରୋପଚାର କରି ନାବାଳକଙ୍କ ପେଟରୁ ତୀର କାଢିବାରେ ସଫଳ ହୋଇଛନ୍ତି। ୭ ସେମି ଲମ୍ବର ଏହି ତୀର ନାବାଳକଙ୍କ ପେଟରେ ୩.୫ ସେମି ଭିତରେ ପଶିରହିଥିଲା। ବର୍ତ୍ତମାନ ନାବାଳକ ସୁସ୍ଥ ହେବାରେ ଲାଗିଛନ୍ତି।

# ଝଞ୍ଜାବତୀରେ ଭାସିଗଲେ ନାବାଳକ

ରାୟଗଡ଼ା,୨୭।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠସ୍ଥ ସିରିଗୁଡ଼ା ପାର୍ଶ୍ୱରେ ପ୍ରବାହିତ ଝଞ୍ଜାବତୀ ନଦୀରେ ଗାଧୋଇବା ସମୟରେ ଜଣେ ୯ ବର୍ଷର ନାବାଳକ ପାଣିରେ ଭାସି ନିଖୋଜ ହୋଇଯାଇଛନ୍ତି। ନାବାଳକ ହେଲେ ସିରିଗୁଡ଼ା ଗ୍ରାମର ରୋହନ ବିଡିକା। ରୋହନ ସ୍କୁଲରୁ ଫେରି ଘରେ କିଛି ନ କହି କେତେଜଣ ସାଙ୍ଗଙ୍କ ସହିତ ବୁଧବାର ଅପରାହ୍ନରେ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିଲେ। ନଦୀରେ ଗାଧୋଉଥିବା ସମୟରେ ପ୍ରଖର ସ୍ରୋତରେ ସେ ଭାସି ନିଖୋଜ ହୋଇଯାଇଥିଲେ। ବିଳମ୍ବ ହେବାରୁ ପରିବାର ଲୋକେ ଖୋଜିବାବେଳେ ସାଙ୍ଗମାନେ କିଛି କହି ନ ଥିଲେ। ପରେ ସେମାନେ ପୁଅର ସାଙ୍ଗମାନଙ୍କୁ ପଚାରିବାରୁ ରୋହନ ନଦୀରେ ଭାସିଯାଇଥିବା କହିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନଦୀରେ ପଶି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।


## ODISHA PUBLIC SERVICE COMMISSION, CUTTACK

**NOTICE**

No.6120/PSC, Dt.25.08.2025
(PF-1E-08-2025-26) (DR-II)
Website- http://www.opsc.gov.in

No.D-:In partial modification of **this Office Notice No.5849/PSC, Dt.14.08.2025,** it is for information of all concerned that the Physical Verification of Original Certificates/Documents and Interview of the following candidates which was scheduled to be held on **29.08.2025** for recruitment to the posts of Assistant Executive Engineer (Civil) in pursuant to Advertisement No.19 of 2023-24, are hereby **rescheduled to 04.09.2025.**

| Date | Time of Verification | Time of Inter-view | PPSAN of Candidates |
|---|---|---|---|
| 04.09.2025 | 8.30 A.M. | 10.45 A.M. | P220002160, P220002202, P220002304, P220004024, P220004036, P220004504, P220004882, P220005784, P220006041, P220008730, P220008950, P220009888, P220014118, P220014422, P220015686, P220016114, P220016543, P220016590, P220016850, P220018936, P220019075, P220019435, P220019979, P220020168, P220022218, P220022277, P220022588, P220022609, P220022624, P220022896, P220022974, P220023874, P220025622, P220028116, P220028605, P220029142, P220029226, P220030681, P220032179, P220031174, P220037387, P220038041, P220039510, P220040719, P220043983, P220044219, P220044257 & P220045137 = **48 Candidates** |
| 04.09.2025 | 12.30 P.M. | 2.45 P.M. | P220045544, P220046443, P220046837, P220049089, P220050626, P220051766, P220054112, P220054934, P220055301, P220055556, P220055631, P220055664, P220055682, P220057120, P220058714, P220059734, P220059972, P220060167, P220061496, P220062565, P220063414, P220065928, P220066453, P220067233, P220067391, P220068392, P220070133, P220071364, P220072403, P220075204, P220078816 & P220081794 = **32 Candidates** |

All other terms & conditions of the previous Notice remain unchanged.
OIPR-12002/11/0307/2526 **Sd./- Secretary**

## ODISHA HYDRO POWER CORPORATION LTD.
### OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT

OHPC
AT/PO: BARINIPUT, DIST: KORAPUT- 764006, ODISHA
PHONE:(06854)-242001, FAX-(06854)242093 e-mail: sgmel.ukhep@gmail.com,
CIN: U40101OR1995SGC003963

**TENDER CALL NOTICE NO. UKHEP-24/2025-26, DATED 21/08/2025**

**No.CAD-1601:** Sealed Tenders are invited in TWO PART i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Registered Firms/ Agencies/Contractors having minimum one experience in similar type of work executed during last 3 years.

| Sl. No. | Description of Work | Cost of Tender Paper in Rs.(Non-Refundable) | E.M.D. (in Rs.) (Refundable) |
|---|---|---|---|
| 1 | Erection of Oil Pipe Lines for Filtration System at Power House at UKHEP, Bariniput | Rs.2360/- (Rs.2000/-+ 18% GST) | Rs.2900.00 |

The Sale of Tender Paper will be from : **From Dt.30.08.25 to 11.00 Hrs. of Dt.15.09.2025**
The Last date & time of receipt of Tender : **Upto 12.00 Hrs of Dt.15.09.2025**
The date and time of opening of Tender: **At 12.30 Hrs. of Dt.15.09.2025**
For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
OIPR-04002/11/0119/2526 **Sd./- C&P Head, Upper Kolab H.E. Project, Bariniput**

## GOVERNMENT OF ODISHA
E-Mail: serw.elect@yahoo.in
### OFFICE OF THE SUPERINTENDING ENGINEER, RURAL WORKS ELECTRICAL CIRCLE

AT: M.I. COLONY, UNIT-9 (FLAT) PO: BHOI NAGAR, BHUBANESWAR-22
No.556, Date:26.08.2025

**CORRIGENDUM**

**1st Corrigendum to Bid Identification No.Tender-Online-SERWELBBSR-01/2025-26, Dated 16.08.2025**
**Invited vide this office Letter No.525, dated 16.08.2025**

**No.O-665:**1. The date of availability of tender, date of opening of Technical Bid & Financial Bid vide this office N.I.T. No. Tender-Online-SER-WELBBSR-01/2025-26, Dated 16.08.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | | Date & Time of Opening of Tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Electrical Circle, Bhubaneswar | Tender-Online-SERWELBBSR-01/2025-26 | 06.09.2025 at 12.30 P.M. | 21.09.2025 Upto 5.00 P.M. | 22.09.2025 at 11.30 A.M. | To be intimated later on |

2. In the Notice Inviting Tender (NIT), the next appearing in the table at Row-3 under the heading "Additional Performance Security" which presently read as: "Additional Performance Security in shape of Term Deposit Receipt pledged in favour of RW Elect. Circle, Bhubaneswar/Bank Guarantee in favour of RW Elect. Circle, Bhubaneswar from any Nationalised/ Scheduled Bank in India, counter guaranteed by its local Branch at Bhubaneswar."
**Shall be substituted with the following:**
"Additional Performance Security in shape of Term Deposit Receipt pledged in favour of RW Elect. Division, Sambalpur/Bank Guarantee in favour of RW Elect. Division, Sambalpur from any Nationalised/ Scheduled Bank in India, counter guaranteed by its local Branch at Sambalpur."
All other terms and conditions of the N.I.T. shall remain unchanged.
OIPR-25192/11/0003/2526 **Sd./- Superintending Engineer, Rural Works Elect. Circle, BBSR**

## ODISHA PUBLIC SERVICE COMMISSION

**NOTICE**

No. 6167/P.S.C. (2PS-02-25-26, D.R.-IV) Dt.: 26.08.25

**2nd Corrigendum for recruitment to the post of Assistant Section Officer in the Office of the Advocate General, Odisha, Advt. No. 02 of 2025-26**

No. D-188: It is for information of all concerned that, the Written Examination for recruitment to the post of Assistant Section Officer in the Office of the Advocate General, Odisha, pursuant to Advertisement No. 02 of 2025-26 scheduled to be held on 21.09.2025 is re-scheduled to **09.11.2025 (Sunday)**. The detailed programme of the said Written Examination shall be notified later.
The 1st Corrigendum issued vide this Office Notice No. 4772/PSC, Dtd.08.07.2025 shall be modified to above extent, and all other stipulations made in the said Notice shall remain unchanged.
2. The candidates are advised to visit the website of the Commission at **http://opsc.gov.in** for further information
OIPR-12002/11/0303/2526 **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

No.6161/PSC, Dt.26.08.25
(1R-19-24/25) (DR-V)
**Assistant Professor (Stage-I) in Sociology**
**(Advertisement No.27 of 2023-24)**

No.D-190-:In partial modification of **this Office Notice No.6012/PSC, Dt.21.08.2025,** it is for information of all concerned that the Document Verification of the following candidates which was scheduled to be held on **29.08.2025** for recruitment to the posts of **Assistant Professor (Stage-I) in the Discipline of Sociology** pursuant to Advertisement No.27 of 2023-24, are hereby rescheduled to **06.09.2025.**

**PROGRAMME OF DOCUMENT VERIFICATION**

| DATE | Time of Verification | PPSAN |
|---|---|---|
| 06.09.2025 | 10.30 A.M. | P220007747, P240304503, P240308833 P240308906, P240309557, P240298093 P240301347, P240311967, P230113520 P240307923, P240307032, P240302238 P220042465, P220005854, P240303968 & P240306135 = **16 Candidates** |
| | 2.30 P.M. | P230133116, P230151137, P230152801 P240284908, P220075344, P230120623 P240292840, P240301421, P230155733 P240299565, P240301788 & P240311846 = **12 Candidates** |

All other terms & conditions of the previous Notice remain unchanged.
OIPR-12002/11/0304/2526 **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

No.6155/PSC, Dt.26.08.25
(1R-03-24/25) (DR-V)
**Assistant Professor (Stage-I) in Commerce**
**(Advertisement No.27 of 2023-24)**

No.D-189-:In partial modification of **this Office Notice No.5853/PSC, Dt.14.08.2025,** it is for information of all concerned that the Document Verification of the following candidates which was scheduled to be held on **29.08.2025** for recruitment to the posts of **Assistant Professor (Stage-I) in the Discipline of Commerce** pursuant to Advertisement No.27 of 2023-24, is hereby rescheduled to **02.09.2025.**

**PROGRAMME OF DOCUMENT VERIFICATION**

| DATE | Time of Verification | PPSAN |
|---|---|---|
| 02.09.2025 | 10.30 A.M. | P240290079, P220032434, P240301681 P240307379, P240311055, P230092428 P220008736, P240303086, P230110382 P230213514, P220027488, P240283053 P220056044, P230164623, P240304836 & P240285033 = **16 Candidates** |
| | 2.30 P.M. | P240310323, P240311561, P240305924 P240300668, P240300981, P230139505 P240306091, P220090422, P240308884 P230172493, P220068242 & P220045069 = **12 Candidates** |

All other terms & conditions of the previous Notice remain unchanged.
OIPR-12002/11/0306/2526 **Sd./- Secretary**

## OFFICE OF THE PCCF (WILDLIFE) & CWLW
## FOREST ENVIRONMENT AND CLIMATE CHANGE DEPARTMENT
## GOVT. OF ODISHA

Wildlife Odisha | Eco Tour ODISHA

No.L-

**EOI FOR DEVELOPMENT OF WEBSITE OF ECO-TOUR ODISHA**

Wildlife Odisha invites Expressions of Interest (EOIs) from experienced and qualified software firms for the design and development of the Eco-Tour Odisha website, enabling online booking of accommodations and activities, along with an integrated Management Information System (MIS).

The EOI details can be found in the website link below:
**https://wildlife.odisha.gov.in**

The last date of submission of the EOI:
**5th SEPTEMBER 2025**

The detailed EOI can be sent via hardcopy in the office address given below:

OFFICE OF THE PRINCIPAL C.C.F. (WILDLIFE) & CHIEF WILDLIFE WARDEN, ODISHA
**PRAKRUTI BHAWAN, PLOT N0.1459, SAHEED NAGAR, BHUBANESWAR- 751007, ODISHA**
**OIPR-08141/11/0019/2526**

## BRAHMAPUR MUNICIPAL CORPORATION

**No. 12503** **Date: 25.08.25**

**REQUEST FOR PROPOSAL**

No. C-961: Sealed RFP are invited to be reached from Professional agencies for **"Operation and Management of Goshala at Gosaninuagon and Hugulapata" under Brahmapur Municipal Corporation**. The detailed terms & conditions are available at our office website **www.berhampur.gov.in**. The last date of receipt of RFP in this office by 10.09.2025 by 05.00 P.M. and will be opened on 11.09.2025 at 11.00 A.M. in the office of the undersigned.
The authority reserves the right to accept or reject any RFP without assigning any reason thereof.
**Sd./- Commissioner**
OIPR-13035/11/0060/2526 **Brahmapur Municipal Corporation**

## OFFICE OF THE MUNICIPALITY, NABARANGPUR

Nabarangpur (Odisha), PIN - 764059
E-mail: muncipalityngpr@gmail.com
**Letter No. 3549/NM/2025** **Date: 26.08.2025**

**CORRIGENDUM**

No. C-969: The quotation call notice issued vide this office Letter No. 3489/NM2023 Dated: 18.08.25 and published in Dharitri all edition and Odisha Bhaskar Odia Newspaper on Dated: 19.08.25, where the last date of purchase of quotation paper and date of opening has been mentioned as 29.08.25. Consequent upon declaration of 29th August 2025 as Govt. holiday. Hence the date of purchase of quotation paper and date of opening bid paper is hereby extended to 01.09.25 at 4.00 P.M. and 02.09.25 at 1.00 P.M. respectively.
Other terms & condition remain unchanged.
**Sd./- Executive Officer**
OIPR-13065/11/0025/2526 **Nabarangpur Municipality**

## OFFICE OF THE PARADEEP MUNICIPALITY, PARADEEP

**QUOTATION CALL NOTICE NO.4848/ Dt.26.08.2025**

**No.C-971:**The Executive Officer, Paradeep Municipality, Paradeep invites sealed Quotation Call Notice from interested/intending eligible firms/ Fabricator Agencies/ Contractors for "Conducting stability test of the existing piers of the old incomplete R.C.C. Bridge in Paradeep Municipality" DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of Rs.2,000.00 (Rupees Two thousand) only (not refundable) and also available on office website www.paradeepmunicipality.in from dt.30.08.2025 to dt.11.09.2025. Paper cost shall be paid as per the same method noted in DTCN downloaded online. The firms/agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (iv) Cost of tender paper and (v) EMD. The sealed Quotation and other documents will be received offline on or before dt.12.09.2025 upto 1.00 P.M. and will be opened on the same day at 4.00 PM in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.
**Sd./- Executive Officer, Paradeep Municipality**
OIPR-13120/11/0066/2526

No: CMGI/PCU/CMGI/PCU/AMC-SERV/2025/886/1381 Date:26.08.2025

## NOTICE INVITING E- TENDERS
### CENTRE FOR MODERNIZING GOVERNMENT INITIATIVE (CMGI)

No.CAD-1599: CMGI invites e-Tenders from eligible agencies for **"Providing Five Years AMC Services for the HRMS Server installed in the State Data Centre, OCAC Building, Acharya Vihar, Bhubaneswar.**

Tender Documents can be downloaded from CMGI website (www.cmgi.org.in) and Odisha e-Tender Portal (https://tendersodisha.gov.in)

The authority reserves the right to reject any or all the tenders without assigning any reason thereof.

The last date of submission of the e-Tender in Odisha e-Tender Portal (https://tendersodisha.gov.in) is 19.09.2025, at 3.00 P.M.

Procurement Officer, Centre for Modernizing Government Initiative (CMGI), A-2, 1st Floor, Toshali Bhawan, Satya Nagar, Bhubaneswar, Pin: 751007

**Sd./- Executive Director CMGI**
OIPR-09008/11/0013/2526

## Government of Odisha
## Department of Women & Child Development

Lokaseva Bhawan, Sachivalaya Marg, Bhubaneswar, PIN-751001

**NOTICE**

**NO.WCD-CW-MISC-0050-2017-21785/WCD, Date:26.08.2025**

**SUB:APPLICATION FOR SELECTION AS CHAIRPERSON AND MEMBER OF THE CHILD WELFARE COMMITTEE**

**No.g:**In pursuance of the provisions contained under section 27 of the Juvenile Justice (Care and Protection of Children) Act, 2015 alongwith section 9 of the Juvenile Justice (Care and Protection of Children) Amendment Act, 2021 read with Rules 22 and 105 of Odisha Juvenile Justice (Care and Protection of Children) Rules, 2018, applications in the prescribed format are hereby invited from eligible and intending applicants for the positions of Chairperson/Members of the Child Welfare Committee (in short "CWC") in respect of 3 CWCs of 3 districts i.e. Jajpur, Puri and Nabarangpur. The details of eligibility criteria, other conditions and format for application are available in the website of this Department, https://wcd.odisha.gov.in which may be accessed / downloaded.

Applications in the format prescribed alongwith self-attested copies of relevant certificates/documents etc. kept in a sealed cover superscribed with the words "Application for Selection as Chairperson/ Member of the Child Welfare Committee" may be sent by Speed Post/ Registered Post so as to reach the office of the District Child Protection Unit (DCPU) of the District concerned during the office hours on any working day on or before 5 PM of 9th September, 2025.

**Sd./- Director, ICDS & SW-cum-Member Secretary**
OIPR-33001/11/0108/2526 **State Level Selection Committee**

## ମିନିୟାପୋଲିସ ସ୍କୁଲରେ ଗୁଳିମାଡ଼: ଶୁଟର ସମେତ ୩ ମୃତ

**ୱାଶିଂଟନ,୨୭।୮ :** ଆମେରିକାର ମିନେସୋଟା ରାଜ୍ୟର ମିନିୟାପୋଲିସସ୍ଥିତ ଏକ କାଥୋଲିକ୍ ସ୍କୁଲ୍‌ରେ ବୁଧବାର ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଛନ୍ତି। ଶୁଟର ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ମୃତ ୨ ପିଲାଙ୍କ ବୟସ ୮ ଓ ୧୦ ବର୍ଷ ବୋଲି ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ୨ ଜଣ ପିଲାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ପୋଲିସ ମୁଖ୍ୟ କହିଛନ୍ତି।




### ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ସାନଭି ପ୍ରିୟଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟପାଳ ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପକାଇ ରଖିଲେ କୋର୍ଟ ବସିରହିବେ କି

**ଭାଜପାଶାସିତ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

**ନୂଆଦିଲ୍ଲୀ,୨୭।୮(ପି.ଟି.)**

ରାଜ୍ୟପାଳ ଯଦି ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିବାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଳମ୍ବ କରନ୍ତି ତେବେ ଅଦାଲତ କ୍ଷମତାବିହୀନ ହୋଇ ବସିରହିବେ କି ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ପ୍ରଶ୍ନ କରିଛନ୍ତି। ସାମ୍ବିଧାନିକ ପଦାଧିକାରୀଙ୍କ ସ୍ୱାଧୀନ କ୍ଷମତା ଯଦି ବିଲ୍‌କୁ ଅଟକାଇ ରଖେ, ତେବେ ଅର୍ଥ ବିଲ୍ ମଧ୍ୟ ଅଟକିଯାଇପାରେ ବୋଲି ସର୍ବୋଚ୍ଚ ଅଦାଲତ ବିସ୍ମୟ ପ୍ରକାଶ କରିଛନ୍ତି। ବିଧାନସଭା ଦ୍ୱାରା ଗୃହୀତ ବିଲ୍‌କୁ ମଞ୍ଜୁରୀ ପ୍ରଦାନରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ସ୍ୱାଧୀନ କ୍ଷମତା ସପକ୍ଷରେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼ ସମେତ କେତେକ ଭାଜପାଶାସିତ ରାଜ୍ୟ ଯୁକ୍ତି ବାଢ଼ିବା ସହ ଏକ ଆଇନକୁ କୋର୍ଟ ମଞ୍ଜୁରୀ ଦେଇପାରିବେ ନାହିଁ ବୋଲି କହିଥିଲେ। ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତି ନିଷ୍ପତ୍ତି ନେବା ପାଇଁ କୋର୍ଟ ସମୟସୀମା ଧାର୍ଯ୍ୟ କରିପାରିବ ନାହିଁ ଯୁକ୍ତିକୁ ଆମେ ଗ୍ରହଣ କରୁଛୁ, କିନ୍ତୁ ଯଦି ଜଣେ ବସିରହେ, ତେବେ ଅଦାଲତ କ୍ଷମତାବିହୀନ ହୋଇଯିବ କି ବୋଲି ୫ ଜଣିଆ ସାମ୍ବିଧାନିକ ପୀଠ ପ୍ରଶ୍ନ କରିଛନ୍ତି।

## ଆମେରିକାରୁ ଯୁଦ୍ଧବିମାନ ଇଞ୍ଜିନ କିଣିବ ଭାରତ

**ଖୁବ୍‌ଶୀଘ୍ର ଚୁକ୍ତି ସ୍ୱାକ୍ଷର**

**ନୂଆଦିଲ୍ଲୀ, ୨୭।୮**

ଟାରିଫ୍‌କୁ ନେଇ ଭାରତ ଓ ଆମେରିକା ମଧ୍ୟରେ ବିବାଦ ଦେଖିଦେଇଥିବା ବେଳେ ଆସନ୍ତା ମାସ ସୁଦ୍ଧା ଆମେରିକୀୟ କମ୍ପାନୀ ଜେନେରାଲ ଇଲେକ୍ଟ୍ରିକ୍ (ଜିଇ) ସହ ଭାରତ ପ୍ରାୟ ୧ ବିଲିୟନ ଡଲାରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଥିବା ନେଇ ମଙ୍ଗଳବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଚୁକ୍ତି ଅନୁଯାୟୀ, ଜିଇ ପକ୍ଷରୁ ୯୭ଟି ଭାରତୀୟ ଯୁଦ୍ଧ ବିମାନ ଏଲ୍‌ସିଏ ମାର୍କ ୧ଏ ତେଜସ୍ ପାଇଁ ୧୧୩ଟି ନୂତନ ଜିଇ-୪୦୪ ଇଞ୍ଜିନ୍ ଯୋଗାଯିବ। ପୂର୍ବରୁ ୮୩ଟି ଏଲ୍‌ସିଏ ମାର୍କ ୧ଏ ଫାଇଟର ଜେଟ୍ ପାଇଁ ୯୯ଟି ଜିଇ-୪୦୪ ଇଞ୍ଜିନ୍ କିଣିବାକୁ ଜିଇ ସହ ଭାରତୀୟ ରାଷ୍ଟ୍ରାୟତ୍ତ ସଂସ୍ଥା ହିନ୍ଦୁସ୍ଥାନ ଏରୋନୋଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ନିକଟରେ ୯୭ଟି ନୂତନ ଏଲ୍‌ସିଏ ତେଜସ୍ ମାର୍କ ୧ଏ ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି।

## କଳରାପତରିଆ ବାଘ ଛାଲ ଜବତ, ଜଣେ ଗିରଫ



**ଖଡ଼ିଆଲ,୨୭।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ସିନାପାଲି ଫରେଷ୍ଟ ରେଞ୍ଜ ଚଟିଆଗୁଡ଼ା ନିକଟରୁ ବୁଧବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ କଳରାପତରିଆ ବାଘଛାଲ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ସିନାପାଲି ଅଞ୍ଚଳର ହୋଇଥିଲେ ମଧ୍ୟ ତଦନ୍ତରେ ବାଧା ସୃଷ୍ଟିହେବ କହି ତାଙ୍କ ନାମ ବିଭାଗ ପକ୍ଷରୁ ପ୍ରକାଶ କରାଯାଇ ନାହିଁ। ଏସିଏଫ୍ ମହମ୍ମଦ ମୁସ୍ତଫା ସାଲିହାଙ୍କ ନେତୃତ୍ୱରେ ସିନାପାଲି ବନ ବିଭାଗ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଏ ନେଇ ବନ ବିଭାଗ ଅଧିକ ତଦନ୍ତ ଚଳାଇଥିବା ଖଡ଼ିଆଲ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ସୂଚନା ଦେଇଛନ୍ତି।

# ସାଟେଲାଇଟ୍ ଲଞ୍ଚ୍ କଲେ ୨ ଭାରତୀୟ ଷ୍ଟାର୍ଟଅପ୍

**ନୂଆଦିଲ୍ଲୀ,୨୭।୮**

ସ୍ପେସ୍‌ଏକ୍ସର ଫାଲକନ୍-୯ ରକେଟ ସହାୟତାରେ କାଲିଫର୍ନିଆର ଭନ୍ଦେନବର୍ଗ ସ୍ପେସ୍ ଫୋର୍ସ ବେସ୍‌ରୁ ବୁଧବାର ୨ ଭାରତୀୟ ଷ୍ଟାର୍ଟଅପ୍ ପିକ୍ସେଲ ସ୍ପେସ୍ ଏବଂ ଧ୍ରୁବ ସ୍ପେସ୍‌ର ସାଟେଲାଇଟ୍‌କୁ ମହାକାଶକୁ ଛଡ଼ାଯାଇଛି। ପିକ୍ସେଲ ପଠାଇଥିବା ୩ଟି ଫାୟାରଫ୍ଲାଏ ସାଟେଲାଇଟ୍ ପୃଥିବୀ ଉପରେ ସ୍ପଷ୍ଟ ନଜର ରଖିବ ବୋଲି ବେଙ୍ଗାଲୁରୁସ୍ଥିତ ଏହି ଷ୍ଟାର୍ଟଅପ୍‌ର ସିଇଓ କହିଛନ୍ତି। ଗତ ଜାନୁଆରୀରେ ପିକ୍ସେଲ ୩ଟି ସାଟେଲାଇଟ୍ ଲଞ୍ଚ୍ କରିଥିଲା। ସେହିପରି ହାଇଦ୍ରାବାଦର ଧ୍ରୁବ ସ୍ପେସ୍ ଏହାର ପ୍ରଥମ ବ୍ୟବସାୟିକ ସାଟେଲାଇଟ୍ ଲିପ୍-୦୧କୁ ଲଞ୍ଚ୍ କରିଛି। ଏଥିରେ ଅଷ୍ଟ୍ରେଲିଆର ଆକୁଲା ଟେକ୍ ଏବଂ ଏସ୍‌ପର ସାଟେଲାଇଟ୍‌ର ପେଲୋଡ୍ ରହିଛି।

# ଡ୍ରାଇଭରଙ୍କ ମୃତଦେହ ଜବତ

**ସଫେଇ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲା ଟ୍ରେଲର**

**ବଡ଼ଗାଁ,୨୭।୮ (ଅଶୋକ ଷଡଙ୍ଗୀ )**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଟେଲବୁଡ ଗାଁ ନିକଟ ସଫେଇ ନଦୀରେ ମଙ୍ଗଳବାର ସକାଳେ ଜଣେ ଡ୍ରାଇଭର କୋଇଲା ବୋଝେଇ ଟ୍ରେଲରକୁ ନଦୀପାର କଲାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ବୁଧବାର ପୂର୍ବାହ୍ନରେ ଡ୍ରାଇଭରଙ୍କ ମୃତ ଦେହକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ମୃତକ ହେଲେ ଝଣ୍ଟେଲବୁଡ ଗ୍ରାମର ସୁଜିତ ଆଇନ୍ଦ। ଟ୍ରେଲର ମଧ୍ୟ ଜବତ ହୋଇଛି। ଏନେଇ ବଡ଼ଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, କଲୁଙ୍ଗାରେ କୋଇଲା ଅନଲୋଡ କରିବାରେ ସାହାଯ୍ୟ ପାଇଁ ସୁଜିତ ଗ୍ରାମର ଅବିନାଶ ବର୍ଲାଙ୍କୁ ଡାକିଥିଲେ। ଅବିନାଶଙ୍କୁ ଧରି ସୁଜିତ ଟ୍ରେଲର ଯୋଗେ ଗ୍ରାମ୍ୟ ରାସ୍ତାରେ ଫେରୁଥିଲେ। ସଫେଇ ନଦୀ ପାରି ହେବା ପାଇଁ ବହୁତ କମ ଉଚ୍ଚତାର ଏକ ପୋଲ ରହିଛି। ନଦୀରେ ଅଳ୍ପ ପାଣି ଆସିଲେ ବି ଏହି ପୋଲ ବୁଡ଼ିଯାଇଥାଏ। ପୋଲ ବୁଡ଼ିଗଲେ ବି ଅନେକ ଅନୁମାନ ଲଗାଇ ପାରି ହୁଅନ୍ତି। କିନ୍ତୁ ଏବେ ଏହି ପୋଲ ଉପରେ ଅଧିକ ପାଣି ଥିଲେ ମଧ୍ୟ ସୁଜିତ ଟ୍ରେଲର ନେଇ ପାରି ହୋଇଯିବାକୁ ପ୍ରୟାସ କରିଥିଲେ। କେତେଜଣ ଏହିଭଳି ଦୁଃସାହସ କରିବାକୁ ମନା କରିଥିଲେ। କିନ୍ତୁ ସୁଜିତ ନ ମାନି କୋଇଲା ବୋଝେଇ ଟ୍ରେଲରକୁ ନଦୀ ପାରି କରିବାକୁ ଚେଷ୍ଟା କଲାବେଳେ ଭାସିଯାଇଥିଲେ। ଟ୍ରେଲର ଓଲଟି ଯାଉଥିବା ଦେଖି ଅବିନାଶ ବାର୍ଲା ଡେଇଁ ପଡି ପ୍ରାଣ ରକ୍ଷା କରିଥିଲେ। ହେଲେ ଡ୍ରାଇଭର ନିଖୋଜ ହୋଇଯାଇଥିଲେ। ବଡ଼ଗାଁ ଥାନା ପୋଲିସ ଓ ଦମକଳ କେନ୍ଦ୍ର କର୍ମଚାରୀମାନେ ବୁଧବାର ଟ୍ରଲରକୁ ବାହାର କଲାପରେ ମଧ୍ୟ ଡ୍ରାଇଭରଙ୍କୁ ପାଇ ନ ଥିଲେ। ଡ୍ରାଇଭରଙ୍କ ମୃତଦେହ ଘଟଣାସ୍ଥଳରୁ ଦେଢ଼ ଶହ ମିଟର ଦୂର ନଦୀ ଖଣ୍ଡିରେ ଥିବା ଏକ ଗଛ ଚେରରେ ଲାଖି ରହିଥିବା ଦେଖି ଉଦ୍ଧାର କରିଛନ୍ତି।

# ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଭାରତର ସର୍ବଶ୍ରେଷ୍ଠ ଅବଦାନ



**ଭୁବନେଶ୍ୱର, ୨୭।୮ (ସୌମ୍ୟରଞ୍ଜନ ରାଉତ)**

ସଙ୍ଗୀତ ଓ ନୃତ୍ୟ ହିଁ ପ୍ରକୃତିରୁ ସୃଷ୍ଟି ଓ ପ୍ରକୃତି ସହ ଜୀବନକୁ ଯୋଡ଼ିଥାଏ। ତେବେ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ ବିଶ୍ୱ ସମୁଦାୟକୁ ଭାରତ ବର୍ଷର ସର୍ବଶ୍ରେଷ୍ଠ ଅବଦାନ ବୋଲି କାଦମ୍ବିନୀର ସମ୍ପାଦିକା ଇତିରାଣୀ ସାମନ୍ତ ମତବ୍ୟକ୍ତ କରିଛନ୍ତି। ଚିନ୍ତା ଓ ଚେତନା ଏବଂ ସ୍ୱରାଞ୍ଜଳି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୮ତମ ବର୍ଷା ମହୋତ୍ସବର ବୁଧବାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇତିରାଣୀ କହିଲେ, ବର୍ତ୍ତମାନ ସମୟରେ ଯୁବ ପିଢ଼ିମାନେ ଭାଷା, ସାହିତ୍ୟ, କଳା ସଂସ୍କୃତିକୁ ପ୍ରଚୁର ପରିମାଣରେ ଭଲପାଉଛନ୍ତି। ଆମ କଳା, ପରମ୍ପରା, ସାହିତ୍ୟ ଓ ସଂସ୍କୃତିକୁ ବହୁତ ଆଗକୁ ଯିବ। ଆମେ ହାରିବା ନାହିଁ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ବରିଷ୍ଠ ଅଧିବକ୍ତା ସୂର୍ଯ୍ୟନାରାୟଣ ଦାସ ଯୋଗଦେଇ ଆଗାମୀ ବର୍ଷ ଚିନ୍ତା ଓ ଚେତନା ଅନୁଷ୍ଠାନ ୫୦ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବାରୁ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ୍ ଯୋଗଦେଇ କହିଲେ, ବର୍ଷା ହେଉଛି ଆପଣଙ୍କ ପର୍ବ। ବର୍ଷା ଋତୁରେ ବର୍ଷାରେ ଭିଜିଲେ ଯେମିତି ଆନନ୍ଦ ମିଳେ, ଠିକ୍ ସେହିପରି ବର୍ଷା ମହୋତ୍ସବର ସଙ୍ଗୀତ କାର୍ଯ୍ୟକ୍ରମରେ ଯୋଗଦେଲେ ଦ୍ୱିଗୁଣିତ୍ ଆନନ୍ଦପ୍ରାପ୍ତ ହୋଇଯାଏ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଦାସ କହିଲେ, ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାନ୍ତୁ। ଏବେ ସବୁଆଡେ ଗଛ କଟାଯାଉଥିବା ଦେଖାଯାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିବା ସହ ପରିବେଶ ଓ ପ୍ରକୃତିକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବିଶିଷ୍ଟ ସଙ୍ଗୀତ ସାଧକ ପଣ୍ଡିତ କୌଶିକ୍ ଭଟ୍ଟାଚାର୍ଯ୍ୟ, ନୃତ୍ୟ ବିଦୁଷୀ ଡ. ଜ୍ୟୋତି ରାଉତଙ୍କୁ ‘ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ’ ପ୍ରଦାନ କରାଯାଇଥିଲା। ଏଥିସହ ବିଶିଷ୍ଟ ତବଲା ବାଦକ ଉସ୍ତାଦ୍ ଆସିଫ୍ ଖାଁ, ଡ. କମଳାକ୍ଷ ମୁଖାର୍ଜୀ ଓ ଭାରତ ନାଟ୍ୟମ୍ ନୃତ୍ୟଶିଳ୍ପୀ ଶୁଭମ୍ ଘୋଷଙ୍କୁ ‘ବର୍ଷା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଡ. ଜ୍ୟୋତି ରାଉତ ନୃତ୍ୟ ପରିବେଷଣ କରିଥିଲେ। ପଣ୍ଡିତ କୌଶିକ୍ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରି ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷ ଶରଣରେ ଗୁରୁ ସଙ୍ଗୀତା ଚାଖି ଓ ଶୁଭମ୍ ଭାରତନାଟ୍ୟମ୍‌ରେ ଗଣେଷ କିର୍ତ୍ତନମ୍ ଏବଂ ଶିବ କିର୍ତ୍ତନମ୍ ପରିବେଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ନୃତ୍ୟାଙ୍ଗନା ଡ. ସଂଘମିତ୍ରା ପରିଡ଼ା, ସମାଜିକ କର୍ମୀ ମମତା ତ୍ରିପାଠୀ, ଅନୁଷ୍ଠାନର ପରିଚାଳନା ସମ୍ପାଦିକା ରେଣୁକା ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ମହାସଚିବ ସୁରେନ୍ଦ୍ର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା ଓ ରାଜ୍ୟ ସଭାପତି ସହଦେବ ସାହୁ ଧନ୍ୟବଦ ଦେଇଥିଲେ। ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ଥିଲା।

**୪୮ତମ ବର୍ଷା ମହୋତ୍ସବ ଉଦ୍‌ଯାପିତ**

**କୌଶିକ୍ ଓ ଜ୍ୟୋତିଙ୍କୁ ‘ଚିନ୍ତା ଓ ଚେତନା ରାଷ୍ଟ୍ରୀୟ ସମ୍ମାନ’**



ଜ୍ୟୋତି ରାଉତଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ


**ସପ୍ତମ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା**



**ସାନଭି ପ୍ରିୟଦର୍ଶିନୀ(ପିହୁ)**

ଦେଓକୋରି (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର

ଆଜି ପବିତ୍ର ନୂଆଖାଇରେ ସପ୍ତମ ବାର୍ଷିକୀ ଜନ୍ମଦିନ ଉପଲକ୍ଷେ ଜଗତରନାଥ ଜଗନ୍ନାଥ ଓ ଜଗତ୍ ଜନନୀ ମା ସାରଳା ତୋ ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।

ଶୁଭେଚ୍ଛାସହ:
ବଡ଼ ମାମା,ବାବା,ମାମା,ସୌମ୍ୟା ଦିଦି, ଗୁଡ୍ଡୁ ଭାଇ, ଜଗା ମାମୁଁ, ସୁନୀତା ମାଇଁ, ଅମୁ ମାମୁ, ବସନ୍ତ ମାଆ, ମିନା ମାଆ, ଶ୍ରୀମତୀ ମାଆ, ପ୍ରଫୁଲ୍ଲ ଜେଜେ, ଗୁଡୁ ଭାଇ, ଗେଲୁ ଦିଦି, ତ୍ରିଶା ଦିଦି, ଲଭଲି ଦିଦି, ବନ୍ଧୁ ଓ ପରିବାରବର୍ଗ।

ଧ-1777



# Classified Everyday

0674-2580101, 9692975378



**REAL ESTATE SALE**

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781

Resort/ Cottage at Puri @14.90Lakhs, Lunching offer@ 9.90 Lakhs(Only on 31st August), Contact- 8917622925. D-1780

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Ashok Leyland mini truck with tiptop condition and all India/ Odisha permit available for rent purpose . Contact- 9668814120. D-1778

**AFFIDAVIT**

I, Krushna Chandra Pradhan, CPO, S/o- Chakradhar Pradhan, R/o-Khanduali Nuagan, P.O.-Khuntakata, Cuttack, Odisha have changed my daughter's name from Aisha Priyadarshini to Akshara Priyadarshini for all future purposes. D-1775

I, Madana Jhodia, S/o- Damu Jhodia resident of Pandakamari, P.O.- Dongasil, P.S.- Doraguda, Dist.- Rayagada, PIN- 765015, Odisha declare by this affidavit No.-8424, Dated- 24.08.2025, that now onwards, I shall be known as Madan Jhodia for all furture purpose. D-1772

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Balangir, dated 22-08-2025 I, Golapi Sa, W/o- Panchanana Sa, Address AT- Metaguda, P.O.- Gochadangen, P.S. M.Rampur, DISTRICT Kalahandi (Odisha), PIN Code- 766102 declare that I have changed my name from Nalini Sa to Golapi Sa. Henceforth, I shall be known as Golapi Sa for all purposes. D-1773

By virtue of an affidavit sworn before the Executive Magistrate, Boudh, No.1020, date 11.07.25, I Anusuya Meher, D/o. Keshaba Meher R/o. Village/P.O.- Butupali, P.S./Dist.- Boudh, Odisha, PIN- 762014 declare that I have changed my son's name from Anusaya Meher to Anusuya Meher. Henceforth I shall be known as Anusuya Meher for all purposes.
Anusuya Meher
D-1776

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LEGAL NOTICE**

IR No.-1361
Date- 04.08.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, IAS) ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ- ୨.
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍ କେସ୍ ନଂ.- ୪୩୨/୨୦୨୪
ସ୍ମିତାରାଣୀ ପଣ୍ଡା ....ବାଦୀ
ବନାମ
ସେଟେଲମେଣ୍ଟ ଅଫିସର, ଓଗେର ....ପ୍ରତିବାଦୀ
ନୋଟିସ ଅର୍ଡର- ୫ ରୁଲ-୨୦ C.P.C ମୁତାବକ
୩. ଶୁକଦେବ ପାଣ୍ଡିଆ, ପିତା- ପରମି ପାଣ୍ଡିଆ, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ବସୁନ୍ଧରା ଇଷ୍ଟେଟ ଡେଭେଲପର, ସା- କାନନ ବିହାର, MIG-II, House No.- 11, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ତରଫ Chairman ପ୍ରଫୁଲ୍ଲ କୁମାର ବିଧାର, ପିତା- ମୃତ ବେଣୁଧର ବିଧାର, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉ ଅଛିକି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ, ଅଦାଲତ ନଂ- ୨ ଇଜିଲାସ ଚତୁର୍ଥମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା. ୦୯।୦୯।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ମୌଜା- ଭୁଆସୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୧୧, ପ୍ଲଟ ନଂ.- ୩୮୯, ଏରିଆ ଏ୦.୦୮୪ ଡେସିମିଲ ସମ୍ପାନ୍ଧରୁ କ୍ରୟବୃତ୍ତି ଏ ୦.୦୫୫ ଡେସିମିଲ।
ହାଲ ଖାତା ନଂ.- ୧୧୯୯, ହାଲ ପ୍ଲଟ ନଂ- ୧୯୨୨, ଏରିଆ ଏ୦.୦୫୫ ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ମାନେ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତା ପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା:
ଭୁବନେଶ୍ୱର
ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
D-1771

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ସବୀତା କୁମାରୀ ଦାଶ**

ମାଣ୍ଡିଆ ପଲ୍ଲୀ, ସନ୍ତୋଷୀ ନଗର lane-3, ଗଞ୍ଜାମ
ଆବିର୍ଭାବ: ୦୧।୦୪।୧୯୫୯
ତିରୋଧାନ: ୨୦।୦୮।୨୦୨୦
ସମୟ ସ୍ରୋତରେ ୫ବର୍ଷ ବିତିଗଲା, ପ୍ରତିଟି ମୁହୂର୍ତ୍ତ ତମେ ଆମର ପାଖେ ପାଖେ ଅଛ। (ମାମା) ତମର ନାତୁଣୀ ତମକୁ ଦେଖିନାହିଁ ମାତ୍ର ତମର ଫଟୋ ଦେଖି ଆଇ ବୋଲି ଡାକୁଛି, ତମର ସମସ୍ତ ଲକ୍ଷଣ ତା'ର ପାଖରେ ଦେଖିବାକୁ ମିଳୁଛି ଭଗବାନଙ୍କ ଇଚ୍ଛାରୁ ତମେ ଯେଉଁଠାରେ ବି ଥାଅ ଭଲରେ ଥାଅ ଏହା ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି: ସ୍ୱାମୀ- ଗିରୀଶ, ପୁତ୍ର- ଦୀପୁ, ଝିଅ- ଦୀପା, ଜ୍ୱାଇଁ- ଆୟା, ନାତୁଣୀ- ମାମା, କୁନି, କାହ୍ନା ଏବଂ ଲୁନା।
ଧ-1779

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସରୋଜିନୀ ଦାସ(ଶିକ୍ଷୟିତ୍ରୀ)**

ଆବିର୍ଭାବ: ୦୪।୦୬।୧୯୬୪
ତିରୋଧାନ: ୨୮।୦୮।୨୦୧୮
ଆମକୁ ଛାଡ଼ି ଚାଲିଯିବାକୁ ଚାହୁଁ ଚାହୁଁ ସାତ ବରଷ ବିତିଗଲା। ଆଜି ବି ପ୍ରତ୍ୟେକ ମୁହୂର୍ତ୍ତରେ ତମକଥା ଆମର ମନେ ପଡୁଛି। ତମର ଆଦର୍ଶ, ସ୍ନେହ, ମମତା ଓ ଭଲ ପାଇବା ଆମର ଅଭୁଲା ସ୍ମୃତି ହୋଇରହିଛି। ତମର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ:- ସ୍ୱାମୀ ଚିତ୍ତରଞ୍ଜନ, ପୁତ୍ର- ସିଦ୍ଧାର୍ଥ, ପୁତ୍ରବଧୂ- ଅର୍ପିତା, ନାତି- ଶୀତକଣ୍ଠ ଓ ଅଗସ୍ତ୍ୟ ଏବଂ ସରୋଜିନୀ ସ୍ମୃତି ସଂସଦ ପରିବାର।
ଧ-1774

**ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ**



**ସ୍ୱର୍ଗତ ସନାତନ ଦାଶ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଧରାବତରଣ - ୨୬.୦୫.୧୯୪୬
ସ୍ୱର୍ଗାରୋହଣ - ୦୭.୦୯.୨୦୨୪
**ସ୍ୱର୍ଗତା ଉର୍ବଶ୍ରୀ କୁମାରୀ ଦାଶ**
ଧରାବତରଣ - ୨୦.୦୬.୧୯୫୧
ସ୍ୱର୍ଗାରୋହଣ - ୧୫.୦୯.୨୦୨୪
ମାର୍ଥାପୁର ଶାସନ, ଢେଙ୍କାନାଳ
ଆପଣ ଦୁହିଁଙ୍କର ଅନାବିଳ ସ୍ନେହ, ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହିତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ
ଧ-୧୭୭୦

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



'ଜଙ୍ଗଲ ଜଳୁଛେ' ଫିଲ୍ମର ଏକ ଦୃଶ୍ୟ ।

## କାହାଣୀ ଜଙ୍ଗଲର

'ଜଣେ ନିଶାଗ୍ରସ୍ତ ବ୍ୟକ୍ତି କେବଳ ନିଜ ପରିବାରର କ୍ଷତି କରେନା ଏହାଦ୍ୱାରା ସମାଜ ମଧ୍ୟ ପ୍ରଭାବିତ ହୁଏ। ନିଶାସକ୍ତ ଅବସ୍ଥାରେ ସେ କ'ଣ କରେ ନିଜେ ଜାଣିପାରେନା। ତେଣୁ ସେଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ଏବଂ ସମ୍ବଲପୁରୀ ଫିଲ୍ମ 'ଜଙ୍ଗଲ ଜଳୁଛେ'। ଜଙ୍ଗଲ ସୁରକ୍ଷାର ବାର୍ତ୍ତା ମଧ୍ୟ ଏଥିରେ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନିବେଦିତା ନାୟକ ଏବଂ ମୀନା ମହାପାତ୍ର। କାହାଣୀ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସରୋଜ ଭୂୟାଁ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି କୁମାର ଲାବା। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସରୋଜ ଭୂୟାଁ, ରୋଶନ, ଅଶ୍ରୁମୋଚନ ମହାନ୍ତି, ପ୍ରଦ୍ୟୁମ୍ନ ଲେଙ୍କା, ବୀରେନ୍ ମିଶ୍ର, ଶ୍ରଦ୍ଧାଞ୍ଜଳି ମିଶ୍ର, ଶ୍ରଦ୍ଧା ମହାରଣା ଏବଂ ମିଟୁ ମିଥୁନ ପ୍ରମୁଖ କଳାକାର।

## ଖାଇକେ ପାନ୍ ବନାରସୱାଲା...

ଥରେ ମନେପକାନ୍ତୁ ନା ସେହି ସୁପରହିଟ୍ ଫିଲ୍ମ 'ଡନ୍' ଦର୍ଶକାଦୃତ ଗୀତ 'ଖାଇକେ ପାନ୍ ବନାରସୱାଲା'କୁ। କିଶୋର କୁମାର ଗାଇଥିବା ଅନ୍ୟତମ ହିଟ୍ ଗୀତରେ ଅମିତାଭ ବଚ୍ଚନଙ୍କ ନାଚକୁ ଏବେ ବି ଅନେକେ ମନେପକାଇଥାଆନ୍ତି। ଏକ କାର୍ଯ୍ୟକ୍ରମରେ ଅଭିଷେକ ବଚ୍ଚନଙ୍କୁ ଏହି ଗୀତରେ ନାଚିବାର ସୁଯୋଗ ମିଳିଥିଲା। ନାଚିବା ପରେ ସେ ଏହି ଗୀତକୁ ନେଇ ନିଜର ଅନୁଭୂତି ବଖାଣିବାକୁ ଭୁଲି ନ ଥିଲେ। ସେ କହିଥିଲେ, ଯେହେତୁ ମୋର ଜନ୍ମ ଏକ କଳାକାର ପରିବାରରେ ତେଣୁ ଅଭିନୟ ପ୍ରତି ପିଲାଟି ଦିନରୁ ରୁଚି ରହିଥିଲା। 'ଡନ୍'ର ସେହି ସୁପରହିଟ୍ ଗୀତ 'ଖାଇକେ ପାନ୍ ବନାରସୱାଲା' ମୋତେ ଜଣେ ଅଭିନେତା ହେବାକୁ ଅନୁପ୍ରାଣିତ କରିଥିଲା। ଅନେକ କାର୍ଯ୍ୟକ୍ରମରେ ଏହି ଗୀତଟିକୁ ଗାଇବାକୁ ମୋତେ ଅନୁରୋଧ କରାଯାଇଥାଏ। ଯେହେତୁ ମୁଁ ମଧ୍ୟ ଜଣେ ଗାୟକ ତେଣୁ ଶ୍ରୋତାଙ୍କ ଅନୁରୋଧକୁ ମୁଁ ଏଡ଼ାଇ ନ ଥାଏ।'' ଅଭିଷେକ ବଚ୍ଚନ ଦୀର୍ଘ ୨୫ ବର୍ଷ ଧରି ଅଭିନୟ ସହ ଜଡ଼ିତ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ରିଫ୍ୟୁଜି' ୨୦୦୦ରେ ରିଲିଜ ହୋଇଥିଲା।


ଅଭିଷେକ

## ଏବେ ବି ଭାବୁଛନ୍ତି ହୁମା

ହୁମା କ୍ୟୁରେସିଙ୍କ ଅଭିନୟ କ୍ୟାରିୟର ଥିଏଟରରୁ ଆରମ୍ଭ ହୋଇଥିଲା। ୨୦୧୨ରେ ସେ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଫିଲ୍ମଟିର ଟାଇଟଲ ଥିଲା 'ଗ୍ୟାଙ୍ଗସ ଅଫ ୱାସେପୁର'। ଏଥିରେ ସେ ନୱାଜଉଦ୍ଦିନ ସିଦ୍ଧିକିଙ୍କର ପ୍ରେମିକା ଭୂମିକାରେ ଅଭିନୟ କରିଥିଲେ। ହେଲେ ନିଜ ଆକ୍ଟିଂ କ୍ୟାରିୟରର ଗୋଟିଏ ଘଟଣାକୁ ସେ ଭୁଲି ପାରୁ ନାହାନ୍ତି। ୨୦୦୮ରେ ରିଲିଜ ହୋଇଥିବା 'ରେସ୍' ଫିଲ୍ମର ନାୟିକା ଚରିତ୍ର (ମାହିରା ଖାନ୍)ରେ ସେ ଅଭିନୟ କରିଥାଆନ୍ତେ। ପ୍ରଯୋଜକଙ୍କ ସହ ତାଙ୍କର ଏ ନେଇ କଥାବାର୍ତ୍ତା ଶେଷ ହୋଇଥିଲା। ବାସ୍ ଦିନ କେଇଟା ପରେ ସେ ସାଇନ୍ କରିଥାଆନ୍ତେ। ହେଲେ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ କାଷ୍ଟିଂରୁ ତାଙ୍କୁ ଆଉଟ୍ କରିଦିଆଯାଇଛି। ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ଯଦି ଏଥିରେ ସେ ଅଭିନୟ କରିଥାଆନ୍ତେ ତେବେ ଏହା ହୋଇଥାଆନ୍ତା ତାଙ୍କ ଅଭିନୀତ ପ୍ରଥମ ସିନେମା। ଏ ନେଇ ହୁମା କହନ୍ତି, ''ମୋତେ ଏହି ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦିଆଗଲା। କଥାବାର୍ତ୍ତା ମଧ୍ୟ ସରିଥିଲା। କିନ୍ତୁ କ'ଣ ହେଲା କେଜାଣି ଦେଖୁଦେଖୁ ମୋତେ କାଷ୍ଟିଂରୁ ଆଉଟ୍ କରିଦିଆଗଲା। କିନ୍ତୁ ଯେତେବେଳେ ସିନେମାଟି ହିଟ୍ ହେଲା ତାହାକୁ ନେଇ ମୁଁ ବେଶ ଅନୁତାପ କରିଥିଲି। କିନ୍ତୁ ଅଭିନୟ ଜୀବନରେ ଏମିତି ଅନେକ ଘଟଣା ଘଟିଥାଏ। ହେଲେ ଏହି ଅଫରଟି ହାତରୁ ଖସିଯିବା କଥାକୁ ମୁଁ ଏପର୍ଯ୍ୟନ୍ତ ଭୁଲି ପାରୁନାହିଁ।''


ହୁମା


'ବିଘ୍ନ ବିନାଶିବେ ବିନାୟକ' ଫିଲ୍ମର ଏକ ଦୃଶ୍ୟ।

## ସେହି ତିନି ମାସ...

ନିକଟରେ ରିଲିଜ ହୋଇଛି ବିଗ୍ ବଜେଟ୍ ଫିଲ୍ମ 'ୱାର ୨'। ଆକ୍ସନ ପ୍ୟାକଡ୍ ଏହି ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ କରୁଛି। ଏଥିରେ ହ୍ରିତିକ ରୋଶନ, ଜୁନିୟର ଏନ୍‌ଟିଆର୍ ଏବଂ କିଆରା ଆଡଭାନୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ହେଲେ ଏହାର ଶୁଟିଂ ପୂର୍ବରୁ କିଛି ଘଟଣାକୁ ଏବେ ବଖାଣି ବୁଲୁଛନ୍ତି କିଆରା। ଏହି ସିନେମା ପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ଭୂମିକାଟିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେଇପାରିବେ ସେ ନେଇ ଦିନ ରାତି ଏକାଠି କରିଦେଇଥିଲେ। ବିଶେଷ ଭାବରେ ତିନି ମାସ ତାଙ୍କୁ କଠିନ ପ୍ରାକ୍ଟିସ କରିବାକୁ ପଡିଥିଲା। ଫିଜିକାଲ ଫିଟ୍‌ନେସ୍ ପାଇଁ ଏକ୍ସରସାଇଜ ବ୍ୟତୀତ ଡାଏଟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ କିଆରା। ରାତିରେ ଯେମିତି ହେଲେ ସେ ଆଠ ଘଣ୍ଟା ଶୋଉଥିଲେ। ଠିକ୍ ସମୟରେ ଖାଇବା ଏବଂ ନିଜ ଜୀବନଶୈଳୀକୁ ସନ୍ତୁଳିତ ରଖିବା ପାଇଁ ତାଙ୍କୁ ଏକ ସ୍ପେଶାଲ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିଥିଲା। ଏ ବିଷୟରେ କିଆରା କହନ୍ତି, ''ଯେତେବେଳେ ପ୍ରଯୋଜକ ଆଦିତ୍ୟ ଚୋପ୍ରା ମୋତେ ଏହି ଅଫରଟି ଦେଲେ ସେତେବେଳେ ମୁଁ ଏହାକୁ ବିଶ୍ୱାସ କରିପାରି ନ ଥିଲି। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଭଲ ଭାବରେ ଅବଗତ ହେବା ପରେ ସେ ନେଇ ମୁଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତି ଆରମ୍ଭ କରିଥିଲି। ଏଥିପାଇଁ ମୋତେ ମାରାଥନ ତିନି ମାସ ପ୍ରସ୍ତୁତ ହେବାକୁ ପଡ଼ିଥିଲା। ଏଥିରେ ମୋ ଭୂମିକାଟି ହେଉଛି ୱିଙ୍ଗ କମାଣ୍ଡର କାୟା ଲୁଥରା। ଏଥିପାଇଁ କିପରି ପ୍ରସ୍ତୁତ ହେବି ସେ ନେଇ କେବଳ ପ୍ରଯୋଜକ ନୁହନ୍ତି ନିର୍ଦ୍ଦେଶକ ଆୟାନ ମୁଖାର୍ଜୀ ମୋତେ ବିଶଦ ଭାବରେ ବୁଝାଇ ଦେଇଥିଲେ। ଯାହାହେଉ ମୋର ଏଭଳି ପ୍ରସ୍ତୁତି ମୋତେ ଶୁଟିଂ ସମୟରେ ଯଥେଷ୍ଟ ସାହାଯ୍ୟ କରିଥିଲା। ଫିଲ୍ମଟିକୁ ଯେତେବେଳେ ମୁଁ ପ୍ରେକ୍ଷାଳୟରେ ଦେଖିଲି ମୋ ପରିଶ୍ରମ ସାର୍ଥକ ହୋଇଛି ବୋଲି ଅନୁଭବ କରିଥିଲି।'' ୧୭୩ ମିନିଟ୍ ଅବଧି ବିଶିଷ୍ଟ ଏବଂ ପ୍ରାୟ ୪୦୦କୋଟି ବଜେଟରେ ପ୍ରସ୍ତୁତ 'ୱାର ୨' ଏପର୍ଯ୍ୟନ୍ତ ପାଖାପାଖି ୩୦୦ କୋଟି ଆୟ କରିସାରିଲାଣି।


କିଆରା

## ବିଘ୍ନ ବିନାଶିବେ ବିନାୟକ

ଏଥର ଗଣେଶ ପୂଜା ଅବସରରେ ତଥା ଚଳିତ ମାସ ୩୧ ତାରିଖ ସନ୍ଧ୍ୟା ୬.୩୦ରେ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ଓଡ଼ିଆ ସିନେମା 'ବିଘ୍ନ ବିନାଶିବେ ବିନାୟକ'। ଏସ ପି ପି ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି କ୍ଷୀରୋଦ ପଟ୍ଟନାୟକ। ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଗିମିକ ମାଷ୍ଟର ଭାବରେ ପରିଚିତ ସଞ୍ଜୟ ନାୟକ। ଏହାପୂର୍ବରୁ ସେ ଦର୍ଶକଙ୍କୁ କଟା ହାତ, କଙ୍କଡା ବିଛା, ଏଲିୟନ ପରି ବିଷୟବସ୍ତୁକୁ ସୁନ୍ଦର ଭାବରେ ଦୃଶ୍ୟାୟନ କରି ନିଜର ନିର୍ଦ୍ଦେଶନା କ୍ଷମତା ଦେଖାଇ ସାରିଛନ୍ତି। ଏହି ଫିଲ୍ମର କାହାଣୀ ଅନୁସାରେ ପାଞ୍ଚବର୍ଷୀୟ ମୁନି (ଶିଶୁ କଳାକାର ସ୍ୱାତୀ ମିଶ୍ର) ଏକ ବନ୍ଦ ଓ ବିଚ୍ଛିନ୍ନ ଘରେ ରହନ୍ତି। ତାଙ୍କ ମାଆ ପାର୍ବତୀ ତାକୁ କହିଥାନ୍ତି ଯେ ଦୁନିଆ ଶେଷ ହୋଇଯାଇଛି ଏବଂ ସେମାନେ ଦୁଇ ଜଣ ହିଁ ବଞ୍ଚି ରହିଛନ୍ତି। ସେପଟେ ବିଘ୍ନେଶ ନାମକ ଜଣେ ପୁଅ ମୁନିକୁ ସାଥୀ ଭାବରେ ସାହାଯ୍ୟ କରିଥାଏ। ସେପଟେ ବିକାଶ ଓ ପଲ୍ଲବୀ ମଧ୍ୟ କାହାଣୀକୁ ନୂଆ ମୋଡ ଦେଉଛନ୍ତି। ତେବେ ସତରେ କ'ଣ ଦୁନିଆ ଶେଷ ହୋଇଯାଇଛି ? କିଏ ସେ ବିକାଶ ଓ ପଲ୍ଲବୀ ? ତାଙ୍କ ସହ ପାର୍ବତୀ ଓ ମୁନିର ସମ୍ପର୍କ କ'ଣ ? ଏସବୁ ପ୍ରଶ୍ନର ଉତ୍ତର ଫିଲ୍ମରେ ରିହଛି। ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି ବିକ୍ରମ ଓ ଦୀପିକା । ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ।


'ଲହରୀ' ଫିଲ୍ମରେ ଚୌଧୁରୀ ବିକାଶ ଦାସ (ଡାହାଣ)

## ଲହରୀକୁ ଅପେକ୍ଷା

ଅଭିନେତ୍ରୀ-କମ୍-ପ୍ରଯୋଜିକ ଝିଲିକ ଭଟ୍ଟାଚାର୍ଯ୍ୟଙ୍କ ନୂଆ ସିନେମା 'ଲହରୀ'କୁ ନେଇ ଏବେ ଚର୍ଚ୍ଚା। କାରଣ ଚିତ୍ରଟି ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟି ଚାଲିଛି। ଅନ୍ୟପକ୍ଷରେ ଏହି ସିନେମାଟି ଆସନ୍ତା ମାସ ୧୨ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ବଳିଷ୍ଠ କାହାଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ଚିତ୍ରଟି କିପରି ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିପାରିବ ସେ ନେଇ ଏହାର ଶୁଟିଂ ସମୟରେ ଯଥେଷ୍ଟ ଧ୍ୟାନ ଦିଆଯାଇଥିଲା। ବଡ଼ ପରଦାରେ ଫିଲ୍ମଟି ଦର୍ଶକମାନଙ୍କ ମନ ନିଶ୍ଚିତ ଜିଣିବ ବୋଲି ଆଶା ରଖିଛନ୍ତି ପ୍ରଯୋଜିକା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି। ଝିଲିକ ମୋସନ ପିକ୍ଚର୍ସ ନିବେଦିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କିଶାଳୟ ରୟ। କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି।


'ଶୋଲେ' ଫିଲ୍ମରେ ଅମଜାଦ ଖାନ୍ ।

## ଜାଭେଦ ନା, ରମେଶ ହଁ

ବଲିଉଡ୍ ସିନେମା ଇତିହାସରେ 'ଶୋଲେ' (ଅମିତାଭ ବଚ୍ଚନ, ଧର୍ମେନ୍ଦ୍ର) ଏପର୍ଯ୍ୟନ୍ତ ଏକ ମାଇଲଷ୍ଟୋନ୍ ହୋଇ ଠିଆ ହୋଇଛି। ହେଲେ ଏହାର କାଷ୍ଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଉକ୍ତ ସିନେମାର ଗବର ସିଂ ଚରିତ୍ର ପାଇଁ ଅମଜାଦ ଖାନ୍‌ଙ୍କୁ ଚୟନ କରାଯାଇଥିଲା। ହେଲେ ଯେତେବେଳେ ତାଙ୍କର ସ୍କ୍ରିନ୍ ଟେଷ୍ଟ ନିଆଗଲା ସେତେବେଳେ ଏହାର ସଂଳାପକାର ଜାଭେଦ ଅଖତର କହିଥିଲେ ଯେ, ଏହି ରୋଲ୍ ପାଇଁ ଅମଜାଦଙ୍କ ଭଏସ ସଫ୍ଟ ହେଉଛି। ତେଣୁ ତାଙ୍କୁ ଏହି ଫିଲ୍ମରେ ନ ନିଆଗଲେ ଭଲ ହୁଅନ୍ତା। କିନ୍ତୁ ନିର୍ଦ୍ଦେଶକ ରମେଶ ସିପ୍ପି ନିଜ ଜିଦ୍‌ରେ ଅଟଳ ଥିଲେ। ଶେଷରେ ତାଙ୍କୁ ହିଁ ସାଇନ୍ କରାଗଲା। ରିଲିଜ ପରେ ଫିଲ୍ମଟିର ପ୍ରମୁଖ ଆକର୍ଷଣ ସାଜିଥିଲେ ଅମଜାଦ ଖାନ୍। ତାଙ୍କର ସେହି ଅନ୍ୟତମ ସ୍ମରଣୀୟ ଡାଏଲଗ 'ଅବ୍ ତେରା କ୍ୟା ହୋଗାରେ କାଲିଆ..'କୁ ଏବେ ବି ଅନେକ ଗୁଣୁଗୁଣେଇ ଥାଆନ୍ତି।

ଶୁଟିଂଚାଲିଛି

## ବିନ୍ଦୁସାଗର

ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'ର ଶୁଟିଂ ଏବେ ଲଣ୍ଡନରେ ଚାଲୁରହିଛି। ଏହି ଚଳଚ୍ଚିତ୍ର ମାଧ୍ୟମରେ ଭାରତର ଅଗ୍ରଣୀ ଚଳଚ୍ଚିତ୍ର ନିର୍ମାଣକାରୀ ସଂସ୍ଥା ସ୍ଲୁ ପ୍ଲାଟୁନ ୱାନ ଫିଲ୍ମସ ଓଲିଉଡ୍‌ରେ ପ୍ରବେଶ କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶିଳାଦିତ୍ୟ ଭୋରା। ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଏହାର ମୁଖ୍ୟ ଭୂମିକାରେ ଦ୍ୱୀପନ୍ୱିତ ଦାସ ମହାପାତ୍ର ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଛନ୍ତି ପ୍ରକୃତି ମିଶ୍ର। ଏହି ଫିଲ୍ମ ସମ୍ପର୍କରେ ପ୍ରଯୋଜକ ଶିଳାଦିତ୍ୟ କହନ୍ତି, ''ଓଡ଼ିଆ ଚଳଚିତ୍ର ଶିଳ୍ପ ଖୁବ୍‌ଶୀଘ୍ର ନୂଆ ଉଚ୍ଚତାରେ ପହଞ୍ଚିବାକୁ ଯାଉଛି। ଆମେ ଏଭଳି ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛୁ ଯାହା ସମାନ ଭାବରେ ଯୁବବର୍ଗ, କର୍ମଜୀବୀ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଆକର୍ଷିତ କରିବ। 'ବିନ୍ଦୁସାଗର' ହେଉଛି ସମଗ୍ର ବିଶ୍ୱ ପାଇଁ ଓଡ଼ିଶାରେ ନିର୍ମିତ ଆମର ଦୃଷ୍ଟିକୋଣ।'' ନିଖିଳ ଚୌଧୁରୀ ଏମ୍‌ଡିସି ଫିଲ୍ମ ୱାର୍କର୍ସ ସହ ସହଭାଗିତାରେ ବିନୟ ରେଡ୍ଡୀ, ଶୁଭ ଶେଖର ଭଟ୍ଟାଚାର୍ଜୀ (ବାଉଣ୍ଡଲେସ ବ୍ଲାକ ବର୍ ଫିଲ୍ମସ) ସହ ମିଳିତ ଭାବେ ଏହାକୁ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ଫିଲ୍ମଟିକୁ ବେଶ୍ ସୁନ୍ଦର ଭାବରେ ନିର୍ମାଣ କରିବାକୁ ପୂରାଦମ୍‌ରେ ଅଣ୍ଟା ଭିଡ଼ିଛନ୍ତି 'ଯାଯାବର ୨.୦'ର ଫେମ୍ ନିର୍ଦ୍ଦେଶକ ଅଭିଷେକ। ତେବେ ଏହି ବିଗ୍ ବଜେଟ୍ ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।


'ବିନ୍ଦୁସାଗର' ଫିଲ୍ମର ଏକ ଦୃଶ୍ୟରେ ପ୍ରକୃତି ମିଶ୍ର ।

# ଦ୍ୱିତୀୟ ରାଉଣ୍ଡରେ ଜେଭରେଭ, ଗଫ

**ନ୍ୟୁୟର୍କ,୨୭।୮**

ବର୍ଷର ଚତୁର୍ଥ ତଥା ଅନ୍ତିମ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ୱାର୍ଲ୍ଡ ନଂ-୩ ଆଲେକଜାଣ୍ଡର ଜେଭରେଭ ଓ ତୃତୀୟ ର୍‍ୟାଙ୍କଧାରୀ ମହିଳା ସିଙ୍ଗଲ୍ସ ଖେଳାଳି କୋକୋ ଗଫ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ବୁଧବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡର ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌ରେ ଜେଭରେଭ ୬-୨, ୭-୬,(୭/୪),୬-୪ ସେଟ୍‌ରେ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉର ୬-୩, ୬-୪, ୬-୪ ସେଟ୍‌ରେ ଖ୍ରିଷ୍ଟଫର ଓ କୋନେଲଙ୍କୁ, ୧୪ତମ ସିଡ୍ ଟମି ପଲ ୬-୩, ୬-୩, ୬-୧ ସେଟ୍‌ରେ ଏଲମର ମୋଲରଙ୍କୁ, ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିଆସିମ ୬-୪, ୭-୬(୧୦-୮), ୬-୪ ସେଟ୍‌ରେ ବିଲି ହାରିସଙ୍କୁ, ୨୬ତମ ସିଡ୍ ଷ୍ଟେଫାନସ ସିଟସିପାସ ୪-୬, ୬-୦, ୬-୧, ୭-୫ ସେଟ୍‌ରେ ଆଲେକଜାଣ୍ଡର ମୁଲରଙ୍କୁ, ଜ୍ୟାକବ ଫିଅର୍ନଲି ୭-୫,

**ୟୁଏସ୍ ଓପନ**

୬-୨, ୫-୭, ୬-୪ ସେଟ୍‌ରେ ରୋବେର୍ଟୋ ବୌଟିସ୍ତା ଅଗୁତଙ୍କୁ, ରୋମାନ ସାଫିଉଲିନ ୬-୪, ୨-୬, ୬-୧, ୩-୬, ୬-୪ ସେଟ୍‌ରେ ଗାଏଲ ମନଫିଲ୍ସଙ୍କ ଓ ନୁନୋ ବର୍ଜେସ ୬-୪, ୬-୨, ୬-୩ ସେଟ୍‌ରେ ବ୍ରାଣ୍ଡନ ହଲ୍ଟଙ୍କୁ ପରାସ୍ତ କରିଛନ୍ତି।



ଶଟ୍ ଖେଳିବା ଅବସରରେ ଆଲେକଜାଣ୍ଡର ଜେଭରେଭ।

ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଗଫ ୬-୪, ୬-୭ (୨/୭), ୭-୫ ସେଟ୍‌ରେ ଆଜଲା ଟମଜାନୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି। ତାଙ୍କ ଭଳି ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୪, ୬-୧ ସେଟ୍‌ରେ ଆନାସ୍ତାସିଜା ସେଭାଷ୍ଟୋଭାଙ୍କୁ, ନାଓମି ଓସାକା ୬-୩, ୬-୪ ସେଟ୍‌ରେ ଗ୍ରୀଟ ମିନେନଙ୍କୁ, ଆନାସ୍ତାସିଆ ଜାଖାରୋଭା ୬-୩, ୬-୪ ସେଟ୍‌ରେ ଏଲିନା ଆଭାନେସିଆନଙ୍କୁ, ୨୧ତମ ସିଡ୍ ଲିଣ୍ଡା ନୋସ୍କୋଭା ୬-୪, ୭-୫ ସେଟ୍‌ରେ ଡାଲମା ଗଲଫିଙ୍କୁ, ଆଶଲିନ କ୍ରୁଗର ୫-୭, ୬-୪, ୬-୨ ସେଟ୍‌ରେ ୨୬ତମ ସିଡ୍ ସୋଫିଆ କେନିନଙ୍କୁ ଓ ଲୌରା ସିଜମଣ୍ଡ ୭-୬, ୨-୬, ୬-୩ ସେଟ୍‌ରେ ୨୦ତମ ସିଡ୍ ଡାଏନା ଶ୍ନିଡରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

# ବିଦୁସ୍ମିତା ଭୋଇଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର,୨୭।୮ (ଅନାଦି କର)**

ଅହମଦାବାଦଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ (ୟୁଥ୍, ଜୁନିୟର ଓ ସିନିୟର) ଚାମ୍ପିୟନଶିପ୍‌ରେ ଓଡ଼ିଶା ଏଚ୍‌ପିସି (ହାଇ ପରଫର୍ମାନ୍ସ

**ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ**

ସେଣ୍ଟର)ର ବିଦୁସ୍ମିତା ଭୋଇ ଏକ ରେକର୍ଡ ଭଙ୍ଗ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ବିଦୁସ୍ମିତା ଜୁନିୟର ମହିଳା ବିଭାଗର ୬୩ କେଜି ବର୍ଗରେ ସ୍ନାଚ୍‌ରେ ୮୯ କେଜି ଭାର ଉଠାଇଥିବା ବେଳେ କ୍ଲିନ୍ ଆଣ୍ଡ୍ ଜର୍କରେ ୧୧୫ କେଜି ଭାର ଉଠାଇଥିଲେ, ଯାହାକି ନୂଆ ରାଜ୍ୟଗୋଷ୍ଠୀ ରେକର୍ଡ। ଏଭଳି କରି




ସେ ମୋଟ ୨୦୪ କେଜି ଭାର ଉଠାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସେ ଢେଙ୍କାନାଳସ୍ଥିତ ଏଚ୍‌ପିସିରେ କୋଚ୍ ଗୋପାଳ କୃଷ୍ଣ ଦାସଙ୍କ ମାର୍ଗଦର୍ଶନରେ ପ୍ରଶୀକ୍ଷଣ ନେଉଛନ୍ତି। ଏଭଳି ସଫଳତା ଲାଗି ତାଙ୍କୁ ଓଡ଼ିଶା ୱେଟଲିଫ୍ଟିଂ ଆସୋସିଏଶନ (ଓଡବ୍ଲ୍ୟୁଏ)ର ସମସ୍ତ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି। ତେବେ ଏହି ଟୁର୍ନାମେଣ୍ଟରେ ଏହା ଓଡ଼ିଶା ଲାଗି ଚତୁର୍ଥ ପଦକ। ବିଦୁସ୍ମିତାଙ୍କ ପୂର୍ବରୁ ପ୍ରୀତିସ୍ମିତା ଭୋଇ (ୟୁଥ୍ ବାଳିକା, ୪୪ କେଜି) ଓ ମୀନା ସାନ୍ତା (ଜୁନିୟର ମହିଳା, ୫୮ କେଜି) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସ୍ନେହା ସୋରେନ (ସିନିୟର ମହିଳା, ୫୩ କେଜି) ରୌପ୍ୟ ପଦକ ହାତେଇଥିଲେ। ଅନ୍ୟତମ ଓଡ଼ିଆ ୱେଟଲିଫ୍ଟର ଟିକି ମୋହିନୀ ମଲିକ ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଟିକି ୟୁଥ ବିଭାଗର ୬୩ କେଜି ବର୍ଗରେ ସ୍ନାଚ୍‌ରେ ୭୧ ଓ କ୍ଲିନ ଆଣ୍ଡ ଜର୍କରେ ୯୧ କେଜି ସହ ମୋଟ ୧୬୨ କେଜି ଭାର ଉଠାଇଥିଲେ।

# ଧରମବୀର, ପ୍ରୀତି ଭାରତର ପତାକାବାହକ

**ନୂଆଦିଲ୍ଲୀ, ୨୭।୮ (ପି.ଟି.)**

ଆଉ ୩୦ଦିନ ପରେ ଏଠାରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ଅୟୋଜନ ହେବାକୁଥିବା ବେଳେ ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ତରଫରୁ ବୁଧବାର ଅଫିସିଆଲ ଟିମ୍ ଜର୍ସିର ଉନ୍ମୋଚନ କରାଯାଇଛି। ଏହି

**ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍**

ଅବସରରେ ଧରମବୀର ଓ ପ୍ରୀତି ପାଲ୍‌ଙ୍କୁ ଭାରତର ପତାକା ବାହକ ଭାବେ ମନୋନୟନ କରାଯାଇଛି। ଚାମ୍ପିୟନଶିପ୍ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୫ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବ। ଏଥିରେ ୭୩ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିବ। ୨୦୨୪


ଧରମବୀର


ପ୍ରୀତି ପାଲ୍

ପ୍ୟାରିସ ପାରାଲିମ୍ପିକ୍ସ ପୁରୁଷ କ୍ଲବ ଥ୍ରୋ ଏଫ୍ ୫୧ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଧରମବୀର ଦୁଇଟି ବ୍ରୋଞ୍ଜ ପଦକ ବିଜେତା ପ୍ରୀତି ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ନେତୃତ୍ୱ ନେବେ। ଜର୍ସି ଉନ୍ମୋଚନ ଉତ୍ସବରେ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡ଼ର ଅଭିନେତ୍ରୀ କଙ୍ଗନା ରାନାୱତ, ପିସିଆଇ ସଭାପତି ଦେବେନ୍ଦ୍ର ଝାଜାରିଆ, ବିଶ୍ୱ ପାରା ଆଥଲେଟିକ୍ସ ମୁଖ୍ୟ ପଲ୍ ଫିଜରାଲ୍ଡ ଏବଂ ସିମରନ ରିଙ୍କୁ, ଦେବେନ୍ଦ୍ର କୁମାର, ଅମିଶା ରାୱତ, ଶ୍ରେୟାଂଶ ତ୍ରିବେଦୀ, ବରୁଣ ସିଂ ଭଟି ଏବଂ ପ୍ରଣବ ସୁର୍‌ମାଙ୍କ ଭଳି ଅଗ୍ରଣୀ ପାରା ଆଥଲେଟମାନେ ଉପସ୍ଥିତ ଥିଲେ।

# ବାସନ୍ଦ ଆଶଙ୍କାରେ ଏଆଇଏଫ୍‌ଏଫ୍

**ନୂଆଦିଲ୍ଲୀ,୨୭।୮ (ପି.ଟି.)**

ଅଲ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ) ଉପରେ ଅନ୍ତର୍ଜାତୀୟ ବାସନ୍ଦର ଭୟ ଦେଖାଦେଇଛି। ଫିଫା ଓ ଏସିଆନ ଫୁଟବଲ କନଫେଡେରେଶନ ପକ୍ଷରୁ ଏଆଇଏଫ୍‌ଏଫ୍‌କୁ ଅକ୍ଟୋବର ୩୦ ସୁଦ୍ଧା ସମ୍ବିଧାନରେ ଆବଶ୍ୟକୀୟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନ ହେଲେ ବାସନ୍ଦ କରାଯିବ ବୋଲି କୁହାଯାଇଛି। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେଙ୍କୁ ପଠାଯାଇଥିବା ଦୁଇ ପୃଷ୍ଠା ବିଶିଷ୍ଟ ଚିଠିରେ ୨୦୧୭ଠାରୁ ସୁପ୍ରିମକୋର୍ଟରେ ମାମଲା ବିଚାରାଧିନ ଥିବା ସତ୍ତ୍ୱେ ଫେଡେରେଶନ ଏହାର ସମ୍ବିଧାନକୁ ଚୂଡ଼ାନ୍ତ କରିବାରେ ବିଫଳ ହୋଇଛି। ଏଥିଯୋଗୁ ଦୁଇ ସଂସ୍ଥା ଚିନ୍ତା ପ୍ରକଟ କରିଛନ୍ତି। ଗୁରୁବାର ମାମଲାର ଶୁଣାଣି ହେବ।

ଯଦି ଏଆଇଏଫ୍‌ଏଫ୍‌କୁ ବାସନ୍ଦ କରାଯାଏ, ତେବେ ଜାତୀୟ ଦଳ ଓ କ୍ଲବ କୌଣସି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଭଳି ହେଲେ ୨୦୩୬ ଅଲିମ୍ପିକ୍ ଗେମ୍ସ ଆୟୋଜନ କରିବାର ଭାରତର ଅଭିଳାଷ ଅନିଶ୍ଚିତତାରେ ଘେରି ହୋଇ ଯିବ।

ଫିଫା ଓ ଏଏଫ୍‌ସି ପକ୍ଷରୁ ଚୌବେଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍‌କୁ ସୁପ୍ରିମ କୋର୍ଟଙ୍କଠାରୁ ସଂଶୋଧିତ ସମ୍ବିଧାନ ଉପରେ ଏକ ନିଶ୍ଚିତ ଆଦେଶ ହାସଲ କରିବା ସହ ଅକ୍ଟୋବର ୩୦ ତାରିଖ ସୁଦ୍ଧା ପରବର୍ତ୍ତୀ ସାଧାରଣ ପରିଷଦ ବୈଠକରେ ନୂଆ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଡ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ,୨୭।୮(ପି.ଟି.)**

**୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା**



ଗୁଜରାଟର ଅହମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଲାଗି ବିଡ୍ ଦାଖଲ କରିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଷ୍ପତ୍ତି ସମ୍ପର୍କରେ ବୁଧବାର ଘୋଷଣା କରାଯାଇଛି। ମନ୍ତ୍ରଣାଳୟ ଓ ବିଭାଗ ସହ ହୋଷ୍ଟ କୋଲାବରେଶନ ଏଗ୍ରିମେଣ୍ଟ(ଏଚ୍‌ସିଏ) ସ୍ୱାକ୍ଷର କରିବାକୁ ଏବଂ ବିଡ୍‌କୁ ସ୍ୱୀକାର କରାଯିବା କ୍ଷେତ୍ରରେ ଗୁଜରାଟ ସରକାରଙ୍କୁ ଆବଶ୍ୟକ ଅନୁଦାନ ପ୍ରଦାନ କରିବାକୁ ମଧ୍ୟ ମଞ୍ଜୁରୀ ଦିଆଯାଇଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୭୨ ଦେଶର ଆଥ୍‌ଲେଟ୍ସ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟକୁ ବିଡ୍ ଦାଖଲ ପ୍ରକ୍ରିୟା ଶେଷ କରିବାକୁ କ୍ୟାବିନେଟ୍ ଅନୁମତି ଦେଇଛି। ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ ଲାଗି ଜରୁରୀ ଥିବା ମନ୍ତ୍ରଣାଳୟ ଓ ବିଭାଗ ସହିତ ଆବଶ୍ୟକ ସ୍ୱାକ୍ଷର କରିବାକୁ ମଧ୍ୟ ଅନୁମତି ଦିଆଯାଇଛି।

ବିଡ୍ ଦାଖଲ କରିବା ଲାଗି ଚଳିତ ମାସ ୩୧ ତାରିଖ ହେଉଛି ଶେଷ ଦିନ। ଏଣୁ ଆଇଓଏ ଆଗାମୀ ୪୮ ଘଣ୍ଟା ମଧ୍ୟରେ ସମସ୍ତ ଔପଚାରିକ କାର୍ଯ୍ୟ ଶେଷ କରିବ ବୋଲି ଆଶା କରାଯାଉଛି। ଅନ୍ତିମଥର ଭାରତ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିଥିଲା। ଆଗାମୀ ନଭେମ୍ବର ଅନ୍ତିମ ସପ୍ତାହରେ ଗ୍ଲାସ୍‌ଗୋରେ ବସିବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସାଧାରଣ ସଭାରେ ୨୦୩୦ ସଂସ୍କରଣର ଆୟୋଜକ ଦେଶ ନିର୍ଦ୍ଧାରଣ ହେବ। ଆୟୋଜନ ଅଧିକାର ଲାଗି ଚାଲିଥିବା ଦୌଡ଼ରୁ କାନାଡ଼ା ଓହରି ଯାଇଥିବାରୁ ଭାରତର ସମ୍ଭାବନା ବୃଦ୍ଧି ପାଇଛି। ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମ ନରେନ୍ଦ୍ର ମୋଦି ଷ୍ଟାଡିୟମ ସହିତ ସହରର କ୍ରୀଡ଼ା ଭିତ୍ତିଭୂମି କାରଣରୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଅହମଦାବାଦ୍‌କୁ ଆୟୋଜକ ସହର ଭାବେ ଚୟନ କରାଯାଇଛି। ଏହି ଇଭେଣ୍ଟରେ ଅନ୍ତର୍ଜାତୀୟ ଆଥ୍‌ଲେଟ୍ସ, କୋଚ୍, ଟେକ୍‌ନିକାଲ ଅଫିସିଆଲ୍ସ, ପର୍ଯ୍ୟଟକ ଓ ଗଣମାଧ୍ୟମ ବ୍ୟକ୍ତିବିଶେଷ ଯୋଗଦେବେ ବୋଲି ଆଶା କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ବ୍ୟବସାୟ ଓ ଅଞ୍ଚଳର ରାଜସ୍ୱ ବୃଦ୍ଧି ପାଇବ। ଏଥିସହିତ ଇଭେଣ୍ଟ ଯୋଗୁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ଡୁରାଣ୍ଡ କପ୍ ବିଜେତାଙ୍କୁ ସମ୍ବର୍ଦ୍ଧିତ କଲେ ରାଷ୍ଟ୍ରପତି


ଡୁରାଣ୍ଡ କପ ଚାମ୍ପିୟନ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସିକୁ ଟ୍ରଫି ପ୍ରଦାନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ଅନ୍ୟମାନେ।

**ନୂଆଦିଲ୍ଲୀ, ୨୭।୮ (ପି.ଟି.)**

ନିକଟରେ ଶେଷ ହୋଇଥିବା ଡୁରାଣ୍ଡ କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି ଦେଶର ରାଷ୍ଟ୍ରପତି ଦୌପଦୀ ମୁର୍ମୁ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନର୍ଥ ଇଷ୍ଟ ୟୁନାଇଟେଡ୍‌କୁ ପ୍ରେସିଡେଣ୍ଟ୍ସ କପ୍ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଯେଉଁ ୩ଟି ପ୍ରତିଷ୍ଠିତ ଟ୍ରଫି ପ୍ରଦାନ କରାଯାଇଥାଏ ତନ୍ମଧ୍ୟରେ ଏହା ଅନ୍ୟତମ। ୧୯୫୬ରେ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସ୍ଥାପିତ ଏହି ଟ୍ରଫି ଉତ୍କର୍ଷ ଓ ସମ୍ମାନର ଏକ ପ୍ରତୀକ, ଯାହାକି ଟୁର୍ନାମେଣ୍ଟ ସହ ଦେଶର ଐତିହ୍ୟ ସମ୍ପର୍କକୁ ମଜଭୁତ କରୁଛି। ରାଷ୍ଟ୍ରପତି ନର୍ଥଇଷ୍ଟ ୟୁନାଇଟେଡ୍ ମାଲିକ ଜନ୍ ଆବ୍ରାହମ, ଅଧିନାୟକ ରେଡିମ୍ ଟିଲାଙ୍ଗ ଏବଂ ସିଇଓ ମନ୍ଦର ତମହାନେଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଡୁରାଣ୍ଡ ଫୁଟ୍‌ବଲ ଟୁର୍ନାମେଣ୍ଟ ସୋସାଇଟି ଏବଂ ଡୁରାଣ୍ଡ କପ୍ ଆୟୋଜକ କମିଟିର ସଦସ୍ୟବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ବିଜୟୀ ଦଳ ଏବଂ ଆୟୋଜକ କମିଟିର ସଦସ୍ୟମାନଙ୍କ ସହ ରାଷ୍ଟ୍ରପତିଙ୍କ ସ୍ମାରକୀ ଗ୍ରୁପ୍ ଫଟୋଗ୍ରାଫ ସହ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ଆଇପିଏଲ୍‌ରୁ ଅଶ୍ୱିନଙ୍କ ଅବସର

**ଚେନ୍ନାଇ, ୨୭।୮(ପି.ଟି.)**

ଭାରତର ଭେଟେରାନ୍ ଅଫ୍-ସ୍ପିନ୍ ଅଲ୍‌ରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ବୁଧବାର ଇଣ୍ଡିଆନ୍ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିବାର କିଛି ମାସ ପରେ ସେ ୧୬ ବର୍ଷ ଲମ୍ବା ଆଇପିଏଲ୍ କ୍ୟାରିୟର ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୩୮ ବର୍ଷୀୟ ଅଶ୍ୱିନ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି।

‘ପ୍ରତ୍ୟେକ ଅନ୍ତର ଏକ ନୂଆ ଆରମ୍ଭ ରହିଥାଏ। ଜଣେ ଆଇପିଏଲ୍ କ୍ରିକେଟର ଭାବେ ମୋ କ୍ୟାରିୟରର ବୁଧବାର ଶେଷ ହେଉଛି। କିନ୍ତୁ ଏହିଠାରୁ ବିଭିନ୍ନ ଲିଗ୍‌ରେ ମୋର ଖେଳିବାର ସମୟ




ଆରମ୍ଭ ହେଲା। ସମସ୍ତ ଚମତ୍କାର ସ୍ମୃତି ଓ ବର୍ଷ ବର୍ଷର ସମ୍ପର୍କ ଲାଗି ମୁଁ ସମସ୍ତ ଫ୍ରାଞ୍ଚାଇଜ୍, ଆଇପିଏଲ୍ ଓ ବିସିସିଆଇକୁ ଧନ୍ୟବାଦ୍ ଦେଉଛି’ ବୋଲି ଅଶ୍ୱିନ ଏକ୍ସ’ରେ ପୋଷ୍ଟ କରିଛନ୍ତି। ୨୦୦୯ରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ସହ କ୍ୟାରିୟର ଆରମ୍ଭ କରିଥିବା ଅଶ୍ୱିନ ତାଙ୍କର ଅନ୍ତିମ ମ୍ୟାଚ୍ ମଧ୍ୟ ସମାନ ଫ୍ରାଞ୍ଚାଇଜ୍ ପାଇଁ ଖେଳିଥିଲେ। ସେ ଏକ ଦଶନ୍ଧି ପରେ ୯.୭୫ କୋଟି ଟଙ୍କାରେ ସିଏସ୍‌କେ ସହ ଯୋଡ଼ି ହୋଇଥିଲେ। କିନ୍ତୁ ଗତବର୍ଷ ଆଇପିଏଲ୍‌ରେ ସେ ମାତ୍ର ୯ଟି ମ୍ୟାଚ୍ ଖେଳିଥିଲେ। ସେ ଗତବର୍ଷ ଡିସେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ତାଙ୍କ ନାମରେ ୫୩୭ ଟେଷ୍ଟ ଉଇକେଟ ରହିଛି, ଯାହାକି ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ। ମୋଟ୍ ଉପରେ ସେ ୨୨୧ ଆଇପିଏଲ୍ ମ୍ୟାଚ୍ ଖେଳି ୩୦.୨୨ ଆଭରେଜ୍‌ରେ ୧୮୭ ଉଇକେଟ ନେଇଥିଲେ। ସେ ବ୍ୟାଟ୍‌ରେ ୧୩.୦୨ ଆଭରେଜ୍‌ରେ ଏକ ଅର୍ଦ୍ଧଶତକ ସହ ୮୩୩ ରନ୍ କରିଥିଲେ।

# ଆନିଶ ଭାନ୍‌ୱାଲାଙ୍କୁ ରୌପ୍ୟ ପଦକ





**ଶିମ୍‌କେଣ୍ଟ, ୨୭।୮(ପି.ଟି.)**

ଚଳିତ ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲକରି ଆନିଶ ଭାନ୍‌ୱାଲା ଭାରତର ଶ୍ରେଷ୍ଠ ରାପିଡ୍ ଫାୟାର ପିସ୍ତଲ ଶୁଟର ବୋଲି ପ୍ରମାଣିତ ହୋଇଛନ୍ତି। ଏହି ୨୨ ବର୍ଷୀୟ ମୋଟ୍ ୩୫ ସ୍କୋର ସହ ସ୍ୱର୍ଣ୍ଣ ବିଜେତା ଚାଇନାର ସୁ ଲିଆନବୋଫାନ୍‌ଙ୍କଠାରୁ ହାରି ରୌପ୍ୟ ହାତେଇଛନ୍ତି। କୋରିଆର ଲି’ ଜେକ୍ୟୁନ୍‌ଙ୍କୁ ବ୍ରୋଞ୍ଜ ମିଳିଛି। ଭାରତୀୟ ଶୁଟର ପ୍ରଥମ ୪ ସିରିଜରେ ଗୋଟିଏ ପଏଣ୍ଟ ଅଗ୍ରଣୀ ଲାଭ କରିଥିଲେ ମାତ୍ର ପରେ ସେ ବିଫଳ ହୋଇଥିଲେ। ଭାନ୍‌ୱାଲା ହେଉଛନ୍ତି ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣବିଜେତା। ମଙ୍ଗଳବାର

**ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍**

ପ୍ରିସିସନ ରାଉଣ୍ଡ ଅଫ୍ ୩୦ ଶଟ୍‌ରେ ୨୯୦ ସ୍କୋର ସହ ୬ଷ୍ଠ ସ୍ଥାନରେ ରହିଥିଲେ। ହରିୟାଣାର ଏହି ଶୁଟର ବୁଧବାର ରାପିଡ୍ ଫାୟାର ରାଉଣ୍ଡରେ ଚମତ୍କାର ପ୍ରଦର୍ଶନକରି ୨୯୩ ପଏଣ୍ଟ ସହ ମୋଟ ୫୮୩ ପଏଣ୍ଟ କରି ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଥିଲେ।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ